


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-73 ◆SATURDAY ◆6 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୭୩ ◆ଶନିବାର ◆୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଲକ୍ଷେ ଆଠ ହଜାର ଟପିଲା ସୁନା ଦର



**୨୨ କ୍ୟାରେଟ୍ ୯୮ ହଜାର ଉପରେ**

■ **ଭୁବନେଶ୍ୱର, ୫।୯ (ଏଜେନ୍ସି):** ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ସୁନା ଏବଂ ରୂପା ଦର। ଶୁକ୍ରବାର ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୧.୦୮ ଲକ୍ଷ ଟଙ୍କା ଉପରକୁ ଯାଇ ଏକ ନୂତନ ଶିଖରରେ ପହଞ୍ଚିଛି। ସେହିପରି ସୁନା ସହ ରୁପା ଦର ମଧ୍ୟ ଆଜି ସବୁ ରେକର୍ଡ ପାର୍ କରିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୮,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୬୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୯,୨୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ସେହିପରି ନୂଆଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୧,୦୭,୭୬୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୮୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଘରୋଇ ବଜାରରେ ସୁନା ଦର ୩୦ ହଜାର ଏବଂ ରୁପା ୩୭ ହଜାର ଟଙ୍କା ବୃଦ୍ଧି ଘଟିଛି।

## ଭାରତରେ ବିକ୍ରିର ସବୁ ରେକର୍ଡ ଭାଙ୍ଗିଲା ଆପଲ୍

**୨୦୨୪-୨୫ରେ ବିକିଲା ୯୦୦ କୋଟି ଟଙ୍କାର ଆଇଫୋନ୍**

■ **ନୂଆଦିଲ୍ଲୀ, ୯।୫ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଟାରିଫ୍ ଲଗାଇବାରେ ବ୍ୟସ୍ତ ଅନ୍ୟପଟେ ତାଙ୍କ ଦେଶର କମ୍ପାନୀ ଭାରତରୁ ମୋଟ ଅଙ୍କର ରାଜସ୍ୱ ଅସୁଲ କରିଚାଲିଛି। ଆଇଫୋନ୍ ନିର୍ମାତା ଆପଲ୍ ଭାରତରେ ତାର ବିକ୍ରିର ସମସ୍ତ ରେକର୍ଡ ଭାଙ୍ଗିଛି। କମ୍ପାନୀ ୨୦୨୪-୨୫ ଆର୍ଥିକବର୍ଷରେ ଭାରତରେ ପ୍ରାୟ ୯୦୦ କୋଟି ଟଙ୍କାର ଆଇଫୋନ୍ ବିକ୍ରି କରିଛି। ବ୍ଲୁମ୍‌ବର୍ଗଙ୍କ ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକବର୍ଷରେ ଭାରତରେ କମ୍ପାନୀର ମୋଟ ବିକ୍ରି ପ୍ରାୟ ୯ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଏକ ବର୍ଷ ପୂର୍ବ ତୁଳନାରେ ପ୍ରାୟ ୧୩% ଅଧିକ। ଏହି ବୃହତ୍ ବିକ୍ରିରେ ଆଇଫୋନ ସର୍ବାଧିକ ଯୋଗଦାନ ରଖିଛି। ଏହାଛଡା ମ୍ୟାକବୁକ କମ୍ପ୍ୟୁଟରର ଚାହିଦା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଭାରତରେ ଆପଲ୍‌ର ଏହି ରେକର୍ଡ ବିକ୍ରି ଅଭିବୃଦ୍ଧି ଏପରି ସମୟରେ ହୋଇଛି ଯେତେବେଳେ ସାରା ବିଶ୍ୱରେ ମୋବାଇଲ ଫୋନ୍ ବିକ୍ରି ହ୍ରାସ ପାଉଛି। ଯଦିଓ ଭାରତ ଏବେ ବି ଆପଲର ମୋଟ ବ୍ୟବସାୟର ଏକ ଛୋଟ ଅଂଶ, କମ୍ପାନୀ ଏଠାରେ ବହୁତ ଅଧିକ ଅର୍ଥ ନିବେଶ କରୁଛି, କାରଣ ଆଶା ରହିଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତ ଏକ ବିଶାଳ ବଜାର ହେବ।

# ବର୍ଷା ପରେ ଚିନ୍ତା ବଢ଼ାଇଲା ପୂର୍ଣ୍ଣିମା

## ପାଣି ଟାଣୁନି ଜୁଆରିଆ ସମୁଦ୍ର; ଫୁଲୁଛି ରାଜ୍ୟର ପ୍ରମୁଖ ନଦୀ

■ **ଭୁବନେଶ୍ୱର, ୫।୯ (ସମିସ):** ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ଉଭୟ ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ତଳମୁଣ୍ଡରେ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲି ରହିଛି। ଅନ୍ୟପଟେ ଉପରମୁଣ୍ଡରେ ହୋଇଥିବା ବର୍ଷା ପାଇଁ ରାଜ୍ୟର ବଡ଼ ବଡ଼ ଡ୍ୟାମ୍‌ଗୁଡ଼ିକୁ ମଧ୍ୟ ପ୍ରଚୁର ଜଳ ପ୍ରବେଶ କରୁଛି। ଡ୍ୟାମ୍‌ର ଜଳଧାରଣ କ୍ଷମତାକୁ ଦୃଷ୍ଟିରେ ରଖି ଏଠାରୁ ଜଳ ନିଷ୍କାସନ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏହା ରାଜ୍ୟବାସୀ ଓ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି। କାରଣ ବର୍ତ୍ତମାନ ନଦୀ ଓ ଡ୍ୟାମ୍‌ଗୁଡ଼ିକରେ ଜଳ ପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ୭ ତାରିଖରେ ପୂର୍ଣ୍ଣିମା ଥିବାରୁ ସମୁଦ୍ର ଜୁଆରିଆ ରହୁଛି ଓ ନଦୀରୁ ବନ୍ୟା ଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଛି। ସମୁଦ୍ର ପାଣି ଟାଣୁ ନ ଥିବାରୁ ବନ୍ୟା ଜଳ ନଦୀକୂଳିଆ ଲୋକଙ୍କ ପାଇଁ ବିପଦ ବଢ଼ାଇବାର ଆଶଙ୍କା ସୃଷ୍ଟି ହୋଇଛି।

**୧୩ରେ ଆଉ ଏକ ଲଘୁଚାପ**

ଶୁକ୍ରବାର ବୈତରଣୀ ନଦୀ ବିପଦ ସଙ୍କେତ ତଳକୁ ଖସିଥିଲେ ମଧ୍ୟ ଏବେ ବି ଭଦ୍ରକ ଓ ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳବନ୍ଦୀ ଅବସ୍ଥାରେ ରହିଛି। ଯାଜପୁର ଓ ଆରଡ଼ି ରାସ୍ତା ବିଚ୍ଛିନ୍ନ ହୋଇଥିବା ବେଳେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ▶ପୃଷ୍ଠା-୭

## ୨୪ ଗେଟ୍‌ରେ ହୀରାକୁଦରୁ ଜଳ ନିଷ୍କାସନ

■ **ସମ୍ବଲପୁର, ୫।୯ (ସମିସ):** ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବାରୁ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ଆଉ ୮ଟି ଗେଟ୍ ଖୋଲିଛନ୍ତି। ଗତକାଲି ସୁଦ୍ଧା ୧୬ଟି ଗେଟ୍ ଖୋଲାଥିବା ବେଳେ ଆଜି ୮ଟିକୁ ମିଶାଇ ମୋଟ ୨୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଚଳିତବର୍ଷ ପ୍ରଥମଥର ଏକାଥରକେ ଏତେସଂଖ୍ୟକ ଗେଟ୍



ଖୋଲାଯାଇଛି। ନଦୀବନ୍ଧର ବାମପଟରେ ୧୬ଟି ଓ ଡାହାଣ ପଟରେ ୮ଟି ▶ପୃଷ୍ଠା-୭

**ବର୍ଷକର ରେକର୍ଡ ଭାଙ୍ଗିଲା ବର୍ଷା: ଭାସୁଛି ବାଲେଶ୍ୱର**

## ଗାଁରୁ ସହର ଜଳମଗ୍ନ



■ **ବାଲେଶ୍ୱର, ୫।୯ (ସମିସ):** ଚଳିତ ବର୍ଷ ଗତ ଚାରିଦିନର ଲଗାଣ ବର୍ଷାରେ ବର୍ଷା ରେକର୍ଡ ଭାଙ୍ଗିଛି। ଯାହାର ପ୍ରଭାବ ବାଲେଶ୍ୱରର ଗାଁ ଗଣ୍ଡାଠାରୁ ଆରମ୍ଭ କରି ବାଲେଶ୍ୱର ସହର ପର୍ଯ୍ୟନ୍ତ ଜଳମଗ୍ନ ହୋଇଛି। ଜିଲ୍ଲାବାସୀଙ୍କ ଦୁର୍ଦ୍ଦଶା ବଢିଥିବା ବେଳେ ଚାଷଜମିଠାରୁ ଆରମ୍ଭ କରି ରାସ୍ତାଘାଟ ଜଳରେ ବୁଡ଼ିରହିଛି। ଏମିତି କି ଏହି ଲଗାଣ ବର୍ଷାରେ ନିର୍ମାଣ ଧଇଁ ଜାତୀୟ ରାଜପଥରେ ପାଣିର ଲହଡି ଖେଳିଛି। ୧୬ ନମ୍ବର ଜାତୀୟ ରାଜପଥର ସୋର ଠାରୁ ବାଲେଶ୍ୱରର ରାସ୍ତାରେ ▶ପୃଷ୍ଠା-୭

**ଆଉ ଏକ ବନ୍ୟା ଆଶଙ୍କାରେ ଉତ୍ତର ବାଲେଶ୍ୱରବାସୀ**

# ଆତଙ୍କୀ ଧମକ ପରେ ମୁମ୍ବାଇରେ ହାଇଆଲର୍ଟ

■ **ମୁମ୍ବଇ, ୫।୯ (ଏଜେନ୍ସି):** ଆତଙ୍କବାଦୀ ସଙ୍ଗଠନ ଲସ୍କର-ଏ-ଜେହାଦୀର ବିସ୍ଫୋରଣ ଧମକ ପରେ ହାଇ ଆଲର୍ଟରେ ମୁମ୍ବାଇ ପୁଲିସ । ଏହି ଧମକପୂର୍ଣ୍ଣ ବାର୍ତ୍ତା ମିଳିବା ପରେ ହିଁ ମୁମ୍ବାଇ ପୁଲିସ ସତର୍କ ହୋଇଛି ଓ କ୍ରାଇମ ବ୍ରାଞ୍ଚ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛି। ଆଣ୍ଟି- ଟେରରିଜମ୍ ସ୍କ୍ୱାଡ୍ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକୁ ପୁଲିସ ପକ୍ଷରୁ ସତର୍କ ରଖାଯାଇଛି ।

ଗୁରୁବାର ବିଳମ୍ବିତ ରାତିରେ ମୁମ୍ବଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଏକ ଧମକ ଆସିଥିଲା। ଲସ୍କର-ଏ-ଜେହାଦୀର ୧୪ ଜଣ ଆତଙ୍କବାଦୀ ମୁମ୍ବଇ ସହରରେ ଅନୁପ୍ରବେଶ କରିଛନ୍ତି ଓ ୩୪ ଗାଡ଼ିରେ ପ୍ରାୟ ୪୦୦ କେଜି ଆର୍‌ଡ଼ିଏକ୍ସ ଲଗାଇ ବିସ୍ଫୋରଣ ଯୋଜନା କରିଥିବା ଏହି ମେସେଜରେ ଉଲ୍ଲେଖ ରହିଛି। ଯାହାକୁ ନେଇ ସାରା ସହରରେ ଆତଙ୍କ ସୃଷ୍ଟି ହୋଇଛି । ଶନିବାର ଗଣେଶ ଉତ୍ସବର ଅନ୍ତିମ ତଥା ୧୦ମ ଦିନ ଓ ଅନନ୍ତ ଚତୁର୍ଦ୍ଦଶୀ। ଗଣେଶ ଭସାଣି ଉତ୍ସବରେ ଏହି ଦିନ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ସାମିଲ ହୋଇଥାଆନ୍ତି। ତେଣୁ ଆତଙ୍କବାଦୀମାନେ ଏହି ଦିନଟିକୁ ଟାର୍ଗେଟ କରିଥିବା କୁହାଯାଉଛି। ସୂଚନା ପାଇବା ପରେ ସାରା ସହର ଓ ମହାରାଷ୍ଟ୍ରର



**୪୦୦ କେଜି ଆର୍‌ଡିଏକ୍ସ ସହ ପଶିଛନ୍ତି ୧୪ ଆତଙ୍କୀ**

ଅନ୍ୟାନ୍ୟ ସ୍ଥାନରେ ସୁରକ୍ଷା ଓ ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି । ବିଭିନ୍ନ ସ୍ଥାନରେ ସନ୍ଧାନୀ କୁକୁର ସହ ପୁଲିସ କମ୍ବିଂ ଅପରେସନ ଚଳାଇଛି। ତେବେ ଏହି ସମୟରେ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ପୁଲିସ ଲୋକମାନଙ୍କୁ ନିବେଦନ କରିଛି। ପୁଣି କୌଣସି ପ୍ରକାର ସନ୍ଦେହଜନକ ▶ପୃଷ୍ଠା-୭

# ବୁଢ଼ା ହେଉଛି 'ୟଙ୍ଗିସ୍ତାନ'

## ୧୦%ରେ ପହଞ୍ଚିଛି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା

■ **ନୂଆଦିଲ୍ଲୀ, ୫।୯ (ଏଜେନ୍ସି):** ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି। ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି ।

ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ। ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି। ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି।



ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି। ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ। ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି। ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି।

**ବୟସ୍କଙ୍କ ସଂଖ୍ୟାରେ କେରଳ, ତାମିଲନାଡୁ ଆଗରେ**

**କମୁଛି ଯୁବାଙ୍କ ପ୍ରଜନନ କ୍ଷମତା**

ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ୍ୟ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି। ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି ।

ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି। ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି। କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି । ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି।

ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍। ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥ୍ରାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ▶ପୃଷ୍ଠା-୭

# ଗୁରୁ ଦିବସରେ ରାଜରାସ୍ତାରେ ଗୁରୁ




■ **ଭୁବନେଶ୍ୱର, ୫।୯ (ସମିସ):** ଗୁରୁ ଦିବସରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶିକ୍ଷକ। ଦୀର୍ଘ ଦିନରୁ ଏକାଧିକ ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ବର୍ଷାରେ ଭିଜିଭିଜି ଆନ୍ଦୋଳନ କରିବା ସହ ରାତିରେ ବିଧାନସଭା ସମ୍ମୁଖରେ ଶୋଇଛନ୍ତି। ସାରା ଦେଶରେ ଆଜି ଗୁରୁଙ୍କୁ ପୂଜା କରାଯାଉଥିବା ବେଳେ ଓଡ଼ିଶାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସରକାରଙ୍କ ଏହା କି' ପ୍ରକାର ଉପହାର ବୋଲି ପ୍ରଶ୍ନ କରିଛନ୍ତି। ଖାଲି ସେତିକି ନୁହେଁ, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅନୁଦାନଯୋଗ୍ୟ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ କରିବା ସହ ୨୦୦୪ରୁ ଅବସର ନେଇଥିବା ଏବଂ ନେଉଥିବା ଶିକ୍ଷକଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ସ୍କୁଲ କଲେଜକୁ

**ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରନ୍ତୁ**

**୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ**

ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ' ଅସଙ୍ଗତି ଦୂର କରିବା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ▶ପୃଷ୍ଠା-୭

## ରାଜ୍ୟରେ ଗଡ଼ିବ ୬ଶହ ନୂଆ ଇ-ବସ୍

■ **ଭୁବନେଶ୍ୱର, ୫।୯ (ସମିସ):** ରାଜ୍ୟରେ ଆହୁରି ୬ଶହ ଇ-ବସ୍ ଚାଲିବ। ବର୍ତ୍ତମାନ ୪ଶହ ବସ୍ ଚଳାଚଳ କରୁଥିବାବେଳେ ଆଉ ୬ଶହ ବସ୍ ଚାଲିଲେ, ମୋଟ ଇ-ବସ୍ ସଂଖ୍ୟା ଏକ ହଜାରକୁ ବୃଦ୍ଧି ପାଇବ। ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ସମ୍ବଲପୁରକୁ ୨୫ଟି ନୂଆ ଇ-ବସ୍ ଆସୁଛି। ପରିବେଶକୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ ଅଧିକରୁ ଅଧିକ ଇ-ବସ୍



ଚାଲିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟ ସରକାର ୨୦୦ ଇ-ବସ୍ ଆଣିବାକୁ ଯୋଜନା କରିଛନ୍ତି। ଆଉ ୪୦୦ ଇ-ବସ୍ ପ୍ରଧାନମନ୍ତ୍ରୀଙ୍କ ତରଫରୁ ଓଡ଼ିଶାକୁ ମିଳିବାକୁ ଯାଉଛି। ରାଜ୍ୟରେ ଏସବୁକୁ ମିଶାଇ ମୋଟ ୧ ହଜାର ଇ-ବସ୍ ଚାଲିବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ ସୁଗମ ହେବ। ପରିବେଶ ପ୍ରଦୂଷଣ ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇବ। ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (କ୍ରୁଟ୍) ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୁଳକୁ 'ଆମ ବସ୍' ସେବାର ସମ୍ପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଛି ।

## ପୁଲିସ ନିଷ୍କ୍ରିୟତା ପାଇଁ ଗଲା ଯୁବତୀଙ୍କ ଜୀବନ

# ମାରି ଫିଙ୍ଗିଦେଲା ପୁରୁଷ ବନ୍ଧୁ





**ତାପଙ୍ଗ ଖଣିରୁ ମିଳିଲା ଅପହୃତାଙ୍କ ଗଳିତ ଶବ**

**ଏଟିଏମ୍ କାର୍ଡରୁ ଟଙ୍କା ଉଠାଇନେଲା ପୁରୁଷ ବନ୍ଧୁ**

**୭ ମାସ ତଳେ ହୋଇଥିଲା ନିଖୋଜ ଅଭିଯୋଗ**

**ଗିରଫ ଯୁବକ ଦେଖାଇଲା ହତ୍ୟାକାଣ୍ଡର ଡେମୋ**

■ **ଭୁବନେଶ୍ୱର/ଖୋର୍ଦ୍ଧା, ୫।୯ (ସମିସ):** ପାତ୍ରପଡ଼ା ଅଞ୍ଚଳରୁ ନିଖୋଜ ଯୁବତୀଙ୍କ ମୃତଦେହ ୭ ମାସ ପରେ ଠାବ ହୋଇଛି। ତାପଙ୍ଗ କଳିଙ୍ଗ ମୁଣ୍ଡିଆରୁ ମୃତଦେହକୁ ଉଦ୍ଧାର କରିଛି ଭରତପୁର ଥାନା ପୁଲିସ। ମୃତ ଯୁବତୀ ହେଲେ ରଣପୁର ଥାନା ହରିପୁର ଗାଁର ନିରୂପମା ପରିଡ଼ା ଓରଫ୍ ମିତା (୨୨)। ତାଙ୍କୁ ହତ୍ୟା କରିଥିବା ମଝିଆଖଣ୍ଡ ଗାଁର ଦେବାଶିଷ ବିଷୋୟୀକୁ ଉଠାଇ ଆଣିଛି। ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ତେବେ ମିତା ୭ ମାସ ପୂର୍ବେ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତାର ଯୋଗୁଁ ଝିଅର ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହରିପୁରର ମିତା ଗତବର୍ଷ ▶ପୃଷ୍ଠା-୭




## ହସ୍ପିଟାଲ୍‌ରେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ଚଣ୍ଡିଗଡ଼, ୫।୯ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନ ହସ୍ପିଟାଲାର ଭର୍ତ୍ତି ହୋଇଛନ୍ତି। ପ୍ରବଳ ଜ୍ୱରରେ ପୀଡିତ ହେବା କାରଣରୁ ତାଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମୋହାଲିର ଫୋର୍ଟିସ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ତାଙ୍କ ସହ ପତ୍ନୀ ଗୁରୁପ୍ରୀତ କୌର ମାନ ଅଛନ୍ତି। ଫଳରେ ଶୁକ୍ରବାର ଆୟୋଜନ ହେବାକୁ ଥିବା କ୍ୟାବିନେଟ ବୈଠକକୁ ବାତିଲ କରାଯାଇଛି। ଅସୁସ୍ଥତା କାରଣରୁ ସେ ବନ୍ୟା ପ୍ରବାବିତ ଅଞ୍ଚଳରେ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କ ସହ ବୁଲିବାକୁ ଯାଇପାରି ନଥିଲେ। ଗତ ଦୁଇଦିନ ହେବ ସେ ଅସୁସ୍ଥ ଅନୁଭବ କରୁଥିଲେ। ସେ ଔଷଧ ସେବନ କରି ଘରେ ବିଶ୍ରାମ ନେଉଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ହୋଇ ନଥିଲା। ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ

ରାୟପୁର, ୫।୯ (ଏଜେନ୍ସି): ଛତିଶଗଡ଼ର ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲ୍ଲାର ସୀମାରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆରଜି) ଯବାନଙ୍କ ସହ ହୋଇଥିବା ଏନକାଉଣ୍ଟରରେ ୬ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମହଳା ମାଓବାଦୀ ସାମିଲ ରହିଛି। ଆଉ କିଛି ଆହତ ହୋଇଥିବା ସୂଚନା ମିଳିଛି। ଯବାନମାନେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଶୁକ୍ରବାର ସକାଳେ ଏହି ଏନ୍‌କାଉଣ୍ଟର ଅବୁଝମାଡ ଜଙ୍ଗଲରେ ହୋଇଥିଲା। ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯବାନମାନେ ଘଟଣାସ୍ଥଳରୁ ୩୦୩ ରାଇଫଲ, ୨ଟି ବିଜିଏଲ ଲଞ୍ଚର ଜବତ କରିଛନ୍ତି। ପୂର୍ବରୁ ଅଗଷ୍ଟ ୨୮ରେ ଛତିଶଗଡ଼ ଓ ମହାରାଷ୍ଟ୍ର ସୀମାରେ ସୁରକ୍ଷାବଳ ସହ ହୋଇଥିବା ଏନକାଉଣ୍ଟରରେ ୪ ଜଣ ମାଓବାଦୀ ନିହତ ହୋଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୦୨୬ ପର୍ଯ୍ୟନ୍ତ ନକ୍ସଲବାଦକୁ ଶେଷ କରିବେ ବୋଲି ଡେଡ୍‌ଲାଇନ୍ ଜାରି କରିଥିଲେ।

## ଇସ୍ରାଏଲ- ହମାସ ଲଢ଼େଇ ମୃତ୍ୟୁସଂଖ୍ୟା ୬୪ ହଜାର ଟପିଲା

ଗାଜା, ୫।୯ (ଏଜେନ୍ସି): ପାଖାପାଖି ଦୁଇବର୍ଷ ହେବ ଇସ୍ରାଏଲ ଓ ହମାସ ମଧ୍ୟରେ ଲଢ଼େଇ ଚାଲିଛି। ଏହି ଯୁଦ୍ଧ କାରଣରୁ ଗାଜା ପଟିରେ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୬୪ ହଜାର ପାର କରିଛି ବୋଲି ଏକ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁବାର ଇସ୍ରାଏଲର ସଦ୍ୟତମ ଆକ୍ରମଣରେ ୨୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ଅଧିକାଂଶ ମହିଳା ଓ ଛୋଟ ପିଲା ସାମିଲ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୨୩ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ୧, ୨୦୦ ଲୋକଙ୍କୁ ହତ୍ୟା କରିଥିଲେ ଓ ୨୫୧ଜଣଙ୍କୁ ଅପହରଣ କରି ନେଇଥିଲେ। ଏହାପରଠାରୁ ଇସ୍ରାଏଲ ତା'ର ଆକ୍ରମଣ ଜାରି ରଖିଛି। ଫଳରେ ଗାଜାରେ ଖାଦ୍ୟାଭାବ ସହ ବହୁ ଲୋକ, ଛୋଟପିଲା ଅନାହାରରେ ମୃତ୍ୟୁବରଣ କରିଛନ୍ତି। ଏ ନେଇ ସାରା ବିଶ୍ୱରେ ଚନ୍ତା ପ୍ରକଟ କରାଯାଇଛି। ଅସ୍ତ୍ରବିରତି ନେଇ ଏକାଧିକ ପ୍ରୟାସ ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ।

## ୧ ହଜାର ଫୁଟ୍ ତଳକୁ ବସ୍ ଖସି ୧୫ ମୃତ

କଲମ୍ବୋ, ୫।୯ (ଏଜେନ୍ସି): ଶ୍ରୀଲଙ୍କାର ଉଭା ପ୍ରଦେଶରେ ବାଦୁଲ୍ଲା ଜିଲ୍ଲାରେ ଏକ ମର୍ମନ୍ତୁଦ ବସ୍ ଦୁର୍ଘଟଣା ଘଟିଛି। ଏଥିରେ ୯ ମହିଳା ସମେତ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ ଏହି ବସ୍ ଆନନ୍ଦ ଯାତ୍ରାରେ ବାହରିଥିଲା। ଏକ ଜିପ୍‌କୁ ବସ ଧକ୍କା ଦେଇଥିଲା। ଏହାପରେ ବସ୍ ସଡ଼କ କଡରେ ରେଲିଂକୁ ମାଡ଼ କରି ୧୦୦୦ ଫୁଟ୍ ତଳେ ଥିବା ଖାଇକୁ ଖସି ପଡ଼ିଥିଲା। ସବୁ ମୃତକ ଟାଂଗେଲ ଅର୍ବାନ ପରିଷଦର କର୍ମଚାରୀ ଥିଲେ। ଆହତ ହୋଇଥିବା କେତେଜଣଙ୍କ ଅବସ୍ଥା ଗୁରୁତର ବୋଲି ପୁଲିସ କହିଛି। ଆହତଙ୍କୁ ବଦ୍ଧୁଲା ଟିଚିଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆମେରିକା ଯୁଦ୍ଧପୋତ ଉପରେ ଏଫ୍-୧୬ ଉଡ଼ାଇଲା ଭେନେଜୁଏଲା

ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଆମେରିକା ଓ ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା ମଧ୍ୟରେ ତିକ୍ତତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଭେନେଜୁଏଲାର ଦୁଇଟି ଏଫ୍-୧୬ ଲଢୁଆ ବିମାନ ଗୁରୁବାର କ୍ୟାରିବିୟାନ ସାଗରରେ ଆମେରିକାର ଯୁଦ୍ଧପୋତ ୟୁଏସ୍‌ଏ ଜେସନ ଡନହାମ ଉପରେ ଉଡିଥିଲା। ଭେନେଜୁଏଲାର ଏହି ଦୁଃସାହସକୁ ଆମେରିକା ନାପସନ୍ଦ କରିବା ସହ ସମାଲୋଚନା କରିଛି। ଭେନେଜୁଏଲା ନିଜର ଶକ୍ତି ପ୍ରଦର୍ଶନ ନ କରିବାକୁ ଆମେରିକା ଚେତାବନୀ ଦେଇଛି। ନହେଲେ ପରିଣାମ ଭୟଙ୍କର ହେବ ବୋଲି ଆମେରିକା ସତର୍କ କରାଇଛି। ଆମେରିକାର ଏହି ଡନ୍‌ହାମ ଯୁଦ୍ଧପୋତ ଏକ ଗାଇଡେଡ ଡେଷ୍ଟ୍ରୟର ୱାରଶିପ୍ ଓ ଏହାକୁ ଗତ ସପ୍ତାହରେ ଭେନେଜୁଏଲା ପାଖରେ ଆମେରିକା ନିୟୋଜିତ କରିଥିଲା। ନିଶାଦ୍ରବ୍ୟ ଚୋରା କାରବାର ଓ ଅପରାଧିକ ସଂଗଠନକୁ ନିଶାଣ କରି ଏହି ଯୁଦ୍ଧପୋତ ଆମେରିକା ନିୟୋଜିତ କରିଥିଲା। ଉଲ୍ଲେଖଥାଉ କି, ୪୦ ବର୍ଷ ପୂର୍ବେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବେଶ୍ ଭଲ ଥିଲା। କିନ୍ତୁ ଏବେ ଆଉ ସେକଥା ନାହିଁ।



## ଶେଷ ହୋଇଛି ଟ୍ରମ୍ପ- ମୋଦୀ ବନ୍ଧୁତା: ପୂର୍ବତନ ଆମେରିକା ଏନ୍‌ଏସ୍‌ଏ

ୱାଶିଂଟନ, ୫।୯ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଜନ୍ ବୋଲ୍ଟନ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ବନ୍ଧୁତା ଏବେ ଶେଷ ହୋଇଛି ବୋଲି ସେ ବ୍ରିଟେନ ଗଣମାଧ୍ୟମ ଏଲ୍‌ବିସିକୁ ଏକ ସାକ୍ଷାତକାର ଦେବା ଅବସରରେ ଏହି କଥା କହିଛନ୍ତି। ଆମେରିକା- ଭାରତ ସମ୍ପର୍କକୁ ହ୍ୱାଇଟ୍ ହାଉସ୍ ତଥା ଟ୍ରମ୍ପ ପ୍ରଶାସନ କେତୋଟି ଦଶନ୍ଧି ପଛକୁ ଠେଲି ଦେଇଛି। ତେଣୁ ମୋଦୀ ରୁଷ୍ ଓ ଚୀନ୍‌ର ନିକଟତର ହୋଇଛନ୍ତି। ଫଳରେ ଚୀନ୍ ଏବେ ଆମେରିକା ଓ ଟ୍ରମ୍ପଙ୍କ ବିକଳ୍ପ ଭାବେ ନିଜକୁ ଉପସ୍ଥାପନ କରିବାର ସୁଯୋଗ ପାଇଛି। ଆମେରିକାର ଏହା ଏକ ବଡ଼ ତ୍ରୁଟି ବୋଲି ସେ ସ୍ୱୀକାର କରିଛନ୍ତି। ଏବେ ଏହାକୁ ଠିକ୍ କରାଯିବା ଏକ ପ୍ରକାର ଅସମ୍ଭବ। ସ୍ଥିତି ବହୁତ ଖରାପ ହୋଇଥିବାରୁ ଏବେ ଏହା ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେରିକାର ବୈଦେଶିକ ନୀତିକୁ ଟ୍ରମ୍ପ ନିଜ ବ୍ୟକ୍ତିଗତ ବନ୍ଧୁତ୍ୱ ଚଷମାରେ ଦେଖୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବ୍ୟକ୍ତିଗତ ସମ୍ପର୍କ ଓ ଦେଶର ସମ୍ପର୍କରେ ଥିବା ପାର୍ଥକ୍ୟକୁ ଟ୍ରମ୍ପ ବୁଝିବାରେ ବିଫଳ ହୋଇଛନ୍ତି। ଟ୍ରମ୍ପ ଓ ମୋଦୀଙ୍କ ମଧ୍ୟରେ ପୂର୍ବରୁ ବହୁତ ଭଲ ସମ୍ପର୍କ ଥିଲା। କିନ୍ତୁ ଏବେ ଏହା ଶେଷ ହୋଇଛି। ଟ୍ରମ୍ପ ସେପ୍ଟେମ୍ବର ୧୭ରୁ ୧୯ ମଧ୍ୟରେ ବ୍ରିଟେନ ଯାତ୍ରା କରିବା ପୂର୍ବରୁ ବୋଲ୍ଟନ ଏହି କଥା କହିଛନ୍ତି। ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ କରି ଆମେରିକ ବଡ଼ ଭୁଲ କରିଛି ବୋଲି ସେ ସ୍ୱୀକାର କରିଛନ୍ତି।

## ଭାରତ-ରୁଷ୍‌କୁ ଚୀନ୍ ହାତରେ ଟେକି ଦେଇଛୁ: ଟ୍ରମ୍ପ

ୱାଶିଂଟନ, ୫।୯ (ଏଜେନ୍ସି): ଭାରତ ଓ ରୁଷିଆକୁ ଏବେ ଆମେ ହରାଇଛୁ ଓ ଏହି ଦୁଇ ଦେଶ ଏବେ ଚୀନ୍ ପଟରେ ସାମିଲ ହୋଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଭାରତ ଓ ରୁଷକୁ ଆମେ ଚୀନ୍ ହାତରେ ଟେକି ଦେଇଛୁ। ଆଶାକରୁଛି ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ସେପଟେ ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏ ସଂକ୍ରାନ୍ତରେ କିଛି କହିବାକୁ ମନା କରିଦେଇଛନ୍ତି। ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ ଲଗାଇବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହୋଇଛି। ଭାରତ ସମେତ କେତୋଟି ଦେଶ ଉପରେ ଉଚ୍ଚ ଟାରିଫ ଲଗାଇବା ମାମଲାର ଶୁଣାଣି ଏବେ ଆମେରିକାର କୋର୍ଟରେ ଚାଲିଛି। ଭାରତ ଉପରେ ଟାରିଫ ଲାଗୁ କରିବା ଜରୁରି ଥିଲା ବୋଲି ଟ୍ରମ୍ପ ଗୁରୁବାର କୋର୍ଟରେ କହିଛନ୍ତି। ଏପରି କରା ନଗଲେ ଆମେରିକା ବହୁତ ଆର୍ଥିକ କ୍ଷତି ସହିବ ବୋଲି ସେ କହିଛନ୍ତି। ୟୁକ୍ରେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ମଧ୍ୟ ଭାରତ ଉପରେ ଟାରିଫ ଲାଗୁ କରାଯାଇଛି ବୋଲି ସେ କହିଛନ୍ତି। ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଛି ଓ ରୁଷିଆ ଏଥିରେ ଲାଭବାନ ହେବା ସହ ଯୁଦ୍ଧ ପାଇଁ ବଳ ପାଉଛି। ତେଣୁ ଭାରତ ଉପରେ ଏହି ଟାରିଫ ଲାଗୁ କରିବା ଜରୁରି ଥିଲା ବୋଲି ସେ କୋର୍ଟକୁ ଅବଗତ କରାଯାଇଛନ୍ତି। ଏକ ତଳ କୋର୍ଟ ଟ୍ରମ୍ପଙ୍କ ଟାରିଫ ନୀତିକୁ ତ୍ରୁଟି ପୂର୍ଣ୍ଣ କହିବା ସହ ଟ୍ରମ୍ପ ଏପରି କରିବା ଠିକ୍ ନୁହଁ ବୋଲି କହିଥିଲେ। ଫଳରେ ଟ୍ରମ୍ପ ସେପ୍ଟେମ୍ବର ୪ରେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ।

# ମୌସୁମୀ ବର୍ଷାର ତାଣ୍ଡବ | ଦିଲ୍ଲୀ- ଏନ୍‌ସିଆର୍‌ରେ ବନ୍ୟା

ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ସାରା ଉତ୍ତର ଭାରତରେ ମୌସୁମୀ ବର୍ଷାର ତାଣ୍ଡବ ଜାରି ରହିଛି। କ୍ରମାଗତ ବର୍ଷା କାରଣରୁ ପାହାଡ଼ି ରାଜ୍ୟଗୁଡିକଠାରୁ ସମତଳ ଅଞ୍ଚଳ ପର୍ଯ୍ୟନ୍ତ ବିପର୍ଯ୍ୟୟ ଜାରି ରହିଛି। କ୍ରମାଗତ ବର୍ଷା କାରଣରୁ ଯମୁନା ନଦୀର ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ଦିଲ୍ଲୀ-ଏନ୍‌ସିଆରରେ ବନ୍ୟା ଆସିଛି। ନୋଏଡାର ସେକ୍ଟର-୧୩୫ ଓ ସେକ୍ଟର-୧୫୧ ଜଳମଗ୍ନ ହୋଇଛି। ବହୁ ଅଞ୍ଚଳରେ ୩ରୁ ୪ ଫୁଟ ପାଣି ଜମି ରହିଛି। ଦିଲ୍ଲୀର ମୟୂର ବିହାର ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି। ହରିୟାଣାର ପଞ୍ଚକୁଲା, ହିସାର, ରୋହତକ ଓ ଝାଜ୍ଜରରେ ସବୁ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଫତେହାବାଦ୍, କୁରୁକ୍ଷେତ୍ର, ଯମୁନାନଗର ଓ ଫରିଦାବାଦ୍‌ରେ ମଧ୍ୟ କେତୋଟି ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି। ଗୁରୁଗ୍ରାମରେ ସିଗନେଚର ଗ୍ଲୋବାଲ ସାଲୋରା ସୋସାଇଟିରେ ପାଣି ପସିଯାଇଛି। ଫଳରେ ଏହି ଅଞ୍ଚଳରେ ମହିଳା ଓ ଛୋଟ ପିଲାମାନେ ଘରୁ ବାହରକୁ ବାହରିପାରିନାହାନ୍ତି ଓ ଜଳବନ୍ଦୀ ହୋଇ ରହିଛନ୍ତି।

ରାଜସ୍ଥାନ ଆଜ୍‌ମେରରେ ଗୁରୁବାର ରାତିରେ ପ୍ରବଳ ବର୍ଷା ହେବା କାରଣରୁ ବୋରାଜ ପୋଖରୀର ପାଚେରୀ ଭାଙ୍ଗିଯାଇଛି। ଫଳରେ ଅଚାନକ ଏକ ହଜାରରୁ ଉର୍ଦ୍ଧ୍ୱ ଘରେ ବନ୍ୟା ପାଣି ପସିଯାଇଛି। ସ୍ଥିତି ଏପରି ହୋଇଥିଲା ଯେ, ଲୋକ ଛାତ ଉପରେ ଯାଇ ଜୀବନ ବଞ୍ଚାଇଛନ୍ତି। ପାଣି ସୁଅ ଏତେ ପ୍ରଖର ଥିଲା ଯେ, କେତୋଟି ଗାଡ଼ି ଖେଳଣା ଭଳି ଭାସି ଯାଇଥିଲା। କେତୋଟି ଘର ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଲୋକଙ୍କୁ ଏହି ବିପର୍ଯ୍ୟୟରୁ ବାହାର କରିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲୁ ରହିଥିଲା। ଅନ୍ୟପଟେ ପଞ୍ଜାବରେ ବନ୍ୟାସ୍ଥିତିରେ ସୁଧାର ଆସିନାହିଁ। ବ୍ୟାନ ଯୋଗୁଁ ଏହି ଉତ୍ତର ପଶ୍ଚିମ ସୀମାନ୍ତ ରାଜ୍ୟରେ ଏପର୍ଯ୍ୟନ୍ତ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି। ରାଜ୍ୟର ୨୩ଟି ଜିଲ୍ଲାରେ ୧, ୬୫୫

### ନୋଏଡାରେ ଏକାଧିକ ସେକ୍ଟର ଜଳମଗ୍ନ

### ପଞ୍ଜାବରେ ବନ୍ୟା ଯୋଗୁଁ ୪୩ ମୃତ

ଗାଁ ପାଣି ଘେରରେ ରହିଛି ଓ ୩.୫୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୧.୭୧ ହେକ୍ଟର ଜମିରେ ହୋଇଥିବା ଚାଷ ନଷ୍ଟ ହୋଇଛି। ପୁଣି ଆଗାମୀ ୫ ଦିନ ଏହି ରାଜ୍ୟରେ ପ୍ରବଳ ବର୍ଷା ହେବାର ସତର୍କତା ଜାରି କରାଯାଇଛି। ଫଳରେ ସ୍ଥିତି ଆହୁରି ଗୁରୁତର ହେବ ବୋଲି ଆଶଙ୍କା କରାଯାଉଛି।

କଶ୍ମୀରରେ ଗୁରୁବାର ପ୍ରବଳ ବର୍ଷା ହେବା କାରଣରୁ ଭୂସ୍ଖଳନ ହୋଇଛି ଓ ଏହି କାରଣରୁ ଦେଶର ବାକି ଅଞ୍ଚଳ ସହ ସମ୍ପର୍କ କଟିଯାଇଛି। ଜମ୍ମୁ-କଶ୍ମୀର ଜାତୀୟ ରାଜପଥ ସହ ସବୁ ସଡ଼କ ବନ୍ଦ ରହିଛି। ଅବଶ୍ୟ ଝେଲମ ନଦୀର ଜଳସ୍ତରରେ ହ୍ରାସ ପାଇଛି। ନଦୀ ଏବେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି। କିନ୍ତୁ ସତର୍କତା ଅବଲମ୍ବନପୂର୍ବକ କଶ୍ମୀର ଅଞ୍ଚଳର ସବୁ ସ୍କୁଲ ଓ କଲେଜକୁ ଶନିବାର ପର୍ଯ୍ୟନ୍ତ ବନ୍ଦ କରାଯାଇଛି।



ଅନ୍ୟପଟେ ଜମ୍ମୁର ରାମବନ ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ହଠାତ ବନ୍ୟା ଆସିବା ସହ ଭୂସ୍ଖଳନ ହୋଇଛି। ଫଳରେ ଏହି ଅଞ୍ଚଳରେ ୨୮୩ ଘର କ୍ଷତିଗ୍ରସ୍ତ ହୋଇଛି। ୯୫୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଅଞ୍ଚଳକୁ ନିଆଯାଇଛି। ଗତ ଅଗଷ୍ଟ ୨୯ରେ ରାମବନର ରାଜଗଡ଼ ତହସିଲର ଦୁବଲା ଗାଁରେ ବାଦଲ ଫଟା ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିଲା। କଶ୍ମୀର ବନ୍ଦୀପୋରାର ବୁଲର ହ୍ରଦରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ୧୧ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେହିପରି ହିମାଚଳ ପ୍ରଦେଶରେ ଗତ ୧୧ ଦିନ ହେବ ଫସି ରହିଥିବା ୫୦ ଜଣ ଯାତ୍ରୀଙ୍କୁ ଚିନୁକ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି। ଭାରତ ଓ ପାକିସ୍ତାନର ସୀମାରେ ଥିବା ତାର ବାଡ଼ଗୁଡିକ କେତେ କିମି ଧରି ବୁଡି ରହିଥିବାର ଦେଖାଯାଇଛି। ସେହିପରି ଓଖଲା ବ୍ୟାରେଜର ସବୁ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ଯମୁନା ନଦୀର ଜଳସ୍ତରରେ ବୃଦ୍ଧି ଘଟିଛି। ହିମାଚଳ ପ୍ରଦେଶରେ ୫ଟି ଜଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## ଦେଶ ପାଇଁ ବିଚାରଧାର ଜରୁରି: ସିଡିଏସ୍ ଅନିଲ ଚୌହାନ




ଗୋରଖପୁର, ୫।୯ (ଏଜେନ୍ସି): ଦେଶ ପାଇଁ ଏକ ବିଚାରଧାରା ଜରୁରି ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ କହିଛନ୍ତି। ଗୋରଖପୁରାରେ ଗୋର୍ଖା ଯୁଦ୍ଧ ସ୍ମାରକୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ସଂଗ୍ରାହଳୟ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି ଯେ, ଏକ ରାଷ୍ଟ୍ରର ସଞ୍ଚାଳନ ପାଇଁ ବିଚାରଧାରା ନିହାତି ଜରୁରି। ଭୂମି ରାଷ୍ଟ୍ରର ଭୌତିକ ପରିଚୟ। ଶରୀର ପାଇଁ ଯେପରି ରକ୍ତର ଆବଶ୍ୟକତା ଅଛି, ଠିକ୍ ସେହିପରି ଦେଶ ପାଇଁ ଏକ ବିଚାରଧାରା ଜରୁରି ବୋଲି ସେ କହିଛନ୍ତି। ଏହା ମଧ୍ୟ ପ୍ରଶାସନିକ ଢ଼ାଞ୍ଚାକୁ ଦୃଢ଼ କରିଥାଏ। ଶତ୍ରୁ ଦେଶ ପରମାଣୁ ଅସ୍ତ୍ରରେ ଶକ୍ତି ସମ୍ପର୍ଣ୍ଣ। ପୁଣି ଭାରତ ସମ୍ମୁଖରେ ସୀମା ବିବାଦ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସ୍ୱାଧୀନତା ପାଇବା ପରେ ମଧ୍ୟ ସୀମାକୁ ନେଇ ଶତ୍ରୁ ଦେଶ ସହ ଏକାଧିକବାର ଯୁଦ୍ଧ ହୋଇ ସାରିଛି। ଖାସ୍ କରି ଚୀନ୍ ସହିତ ଥିବା ବହୁଦିନର ସୀମା ବିବାଦ ଭାରତ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ପୁଣି ଭାରତରେ ଏକାଧିକ ଆଞ୍ଚଳିକ ସମସ୍ୟା ରହିଛି ବୋଲି ସେ କହିଛନ୍ତି। ତେଣୁ ଦେଶର ଚାରିପଟୁ ବିପଦ ରହିଛି। ସେହିପରି ଦେଶ ପାଇଁ ଅଭ୍ୟନ୍ତରୀଣ ବିପଦ ମଧ୍ୟ ରହିଛି। ତେଣୁ ଏହି ସବୁ ବିପଦକୁ ପ୍ରତିହତ କରିବାର ଚ୍ୟାଲେଞ୍ଜ ଆମ ସମ୍ମୁଖରେ ରହିଛି। ଆଧୁନିକ ଯୁଗରେ ଏବେ ଯୁଦ୍ଧର ସ୍ୱରୂପ ବଦଳିଛି। ଜଳ, ସ୍ଥଳ ଓ ବାୟୁ ସେନା ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରକ୍ଷା କରିବାକୁ ହେବ ବୋଲି ସେ କହିଛନ୍ତି। ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ତତ୍ତ୍ୱକୁ ଶେଷ କରିବାକୁ ହେବ ବୋଲି ସେ କହିଛନ୍ତି।

## ଆମେରିକାଠାରୁ ୫ମ ପିଢ଼ିର ବିମାନ ଇଞ୍ଜିନ୍ କିଣିବ ଭାରତ

ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ଟାରିଫ ଯୁଦ୍ଧ ବିବାଦ ମଧ୍ୟରେ ଏକ ଭଲ ଖବର ଆସିଛି। ଭାରତର ବିମାନ ନିର୍ମାତା କମ୍ପାନୀ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ) ଓ ପ୍ରସିଦ୍ଧ ଆମେରିକା କମ୍ପାନୀ ଜେନେରାଲ ଇଲେକଟ୍ରିକ୍ (ଜିଇ) ମଧ୍ୟରେ ୫ମ ପିଢ଼ିର ଜେଟ୍ ଇଞ୍ଜିନ୍ କ୍ରୟକୁ ନେଇ ଏକାଧିକ ପ୍ରତିରକ୍ଷା ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ୧୪ ହଜାର କୋଟି ଟଙ୍କାରେ ଏହି ଚୁକ୍ତି ହୋଇଛି। ଜେଟ୍ ଜିଇ ୪୧୪ ଇଞ୍ଜିନକୁ ନେଇ ଏକ ବଡ଼ ଚୁକ୍ତି ହୋଇଛି ବୋଲି ହାଲ ସୂତ୍ରରୁ ଜଣାଯାଇଛି। ଏହି ଇଞ୍ଜିନ୍ ଭାରତର ୫ମ ପିଢ଼ୀର ସ୍ୱଦେଶୀ ଲଢୁଆ ବିମାନ ଅର୍ଥାତ ଆଡଭାନ୍ସଡ୍ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ରେ ଲାଗିବ। ଜିଇ ଏହି ଇଞ୍ଜିନର ୮୦ ପ୍ରତିଶତ ବୈଷୟିକ ଜ୍ଞାନକୌଶଳ ଦେବାକୁ ହାଲର ସର୍ତ୍ତକୁ ମାନିନେଇଛି। ଫଳରେ ଜିଇ-୪୧୪ ଇଞ୍ଜିନର ଉତ୍ପାଦନ ଭାରତରେ ହୋଇପାରିବ। ହାଲ ମଧ୍ୟ ଆଗୁଆ ୧୦ଟି ଜିଇ-୪୧୪ ଇଞ୍ଜିନ କ୍ରୟ କରିଛି। ଫଳରେ ଏଏମ୍‌ସିଏ ବିକାଶରେ ବିଳମ୍ବ ହେବ ନାହିଁ। ଆସନ୍ତାମାସ ଅର୍ଥାତ ଅକ୍ଟୋବରରେ ବାୟୁସେନାକୁ ଦୁଇଟି ତେଜସ୍ ଏମ୍‌କେ୧ ବିମାନ ମିଳିବ।

### ୧୪ ହଜାର କୋଟିର ଚୁକ୍ତି

### ୮୦ ପ୍ରତିଶତ ବୈଷୟିକ ଜ୍ଞାନ କୌଶଳ ଦେବାକୁ ପ୍ରସ୍ତୁତ



■ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନରେ ବୈଷୟିକ ତ୍ରୁଟି

## ଇନ୍ଦୋରରେ ଜରୁରିକାଳୀନ ଅବତରଣ

ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଏକ ବିମାନ ଶୁକ୍ରବାର ସକାଳେ ଇନ୍ଦୋର ବିମାନ ବନ୍ଦରରେ ଜରୁରିକାଳୀନ ଅବତରଣ କରିଛି। ଏହି ବିମାନରେ ୧୬୧ ଜଣ ଯାତ୍ରୀ ଥିଲେ। ଫ୍ଲାଇଟ୍ ନଂ ଆଇଏକ୍ସ-୧୧୦୪ ଇଞ୍ଜିନରେ ବୈଷୟିକ ତ୍ରୁଟି ଦେଖାଯିବା ଫଳରେ ଏହା ସକାଳ ୯.୫୪ ମିନିଟ୍‌ରେ ଜରୁରିକାଳନୀ ଅବତରଣ କରିଥିଲା। ଜରୁରିକାଳନୀ ଅବତରଣ ଖବର ଶୁଣି ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବିମାନବନ୍ଦରରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କ ସମ୍ପର୍କୀୟମାନେ ମଧ୍ୟ ଆତଙ୍କିତ ହୋଇ ପଡ଼ିଥିଲେ। ଦିଲ୍ଲୀରୁ ଏହି ବିମାନ ବିଳମ୍ବରେ ଉଡାଣ ଭରିଥିଲା। ଏହି ବିମାନ ଦିଲ୍ଲୀରୁ ୬.୪୦ରୁ ବାହାରି ଇନ୍ଦୋରରେ ୮.୧୫ରେ ପହଞ୍ଚିଥାଏ। କିନ୍ତୁ ଆଜି ସକାଳେ ଏହା ୮.୨୮ରେ ଟେକ୍‌ଅଫ୍ କରିଥିଲା। ଇନ୍ଦୋର ପହଞ୍ଚିବା ବେଳକୁ ବିମାନର ବାମପଟ ଇଞ୍ଜିନରେ ତ୍ରୁଟି ଦେଖାଦେଇଥିଲା। ଏହାପରେ ପାଇଲଟ୍ ଯଥାଶୀଘ୍ର ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ଅବଗତ କରାଇଥିଲେ ଓ ଏଟିସି ତୁରନ୍ତ ଜରୁରିକାଳୀନ ଅବତରଣର ବ୍ୟବସ୍ଥା କରିଥିଲେ। ଏବେ ଇଞ୍ଜିନିୟରିଂ ଟିମ୍ ଏହି ବିମାନର ଯାଞ୍ଚ୍ କରୁଛି।

## ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେବେ ୨୬ ଦେଶ

ପ୍ୟାରିସ, ୫।୯ (ଏଜେନ୍ସି): ୨୬ଟି ୟୁରୋପୀୟ ଦେଶ ୟୁକ୍ରେନ୍‌କୁ ପୋଷ୍ଟ ୱାର ଅର୍ଥାତ ଯୁଦ୍ଧ ପରର ସୁରକ୍ଷା ଗ୍ୟାରେଣ୍ଟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି। ୟୁକ୍ରେନ୍‌ରେ ଏକ ଇଣ୍ଟରନ୍ୟାସନାଲ ଫୋର୍ସ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। 'କୋଆଲିସନ ଅଫ୍ ୱିଲିଂ' ସମ୍ମିଳନୀ ପରେ ଗଣମାଧ୍ୟମ ସହ କଥା ହେବା ବେଳେ ମାକ୍ରୋନ ଏହିକଥା କହିଛନ୍ତି। ଏହି ବୈଠକରେ ୟୁରୋପୀଆନ ୟୁନିୟନ ସମେତ ୩୫ ଦେଶର ନେତା ସାମିଲ ହୋଇଥିଲେ। ବୈଠକ ପରେ ମାକ୍ରୋନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଥିଲେ ଓ ଏହି ଗ୍ୟାରେଣ୍ଟି ପାଇଁ ସମର୍ଥନ ଦେବାକୁ କହିଥିଲେ। ୟୁକ୍ରେନ ସେନାବାହିନୀକୁ କେତୋଟି ଦେଶ ଟ୍ରେନିଂ ଦେବା ସହ ଅସ୍ତ୍ରଶସ୍ତ୍ର ଯୋଗାଇବେ। ୟୁକ୍ରେନ- ରୁଷିଆ ଯୁଦ୍ଧ ଶେଷ ହେବା ମାତ୍ରେ ହିଁ ଏହି ସୁରକ୍ଷା ଗ୍ୟାରେଣ୍ଟି ଲାଗୁ ହେବ। କିନ୍ତୁ ଏହା ବିରୋଧରେ ରୁଷି ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସିଧାସଳଖ ଧମକ ଦେଇଛନ୍ତି। ଯଦି ୟୁକ୍ରେନରେ ପାଶ୍ଚାତ୍ୟ ଦେଶର କୌଣସି ସୈନ୍ୟ ନିୟୋଜିତ ହୁଅନ୍ତି ତେବେ ରୁଷିଆ ତାଙ୍କୁ ଟାର୍ଗେଟ କରିବା ସହ ଆକ୍ରମଣ କରିବ ବୋଲି ପୁତିନ କହିଛନ୍ତି।

## ମହିଳା ଆଇପିଏସ୍‌ଙ୍କୁ ଅଜିତ ପାୱାରଙ୍କ ଧମକ

ମୁମ୍ବଇ, ୫।୯ (ଏଜେନ୍ସି): ମହାରାଷ୍ଟ୍ର ଉପ- ମୁଖ୍ୟମନ୍ତ୍ରୀ ତଥା ନ୍ୟାସାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଅଜିତ ପାୱାର ଅଞ୍ଜନା କ୍ରିଷ୍ଣା ନାମକ ଜଣେ ମହିଳା ଆଇପିଏସ୍ ଅଧିକାରୀଙ୍କୁ ଧମକ ଦେବାର ଏକ ଭିଡିଓ ଭାଇରାଲ ହୋଇଛି। ଦୁହିଁଙ୍କ ମଧ୍ୟରେ ଫୋନ୍‌ରେ ଗରମାଗରମ ଯୁକ୍ତିତର୍କ ହେବା ବେଳେ ଅଜିତ ତାଙ୍କୁ ପାଟି କରିବା ସହ ଧମକ ଦେଉଥିବା ଦେଖିବାକୁ ମିଳିଛି। ଅଗଷ୍ଟ ୩୧ରେ ସୋଲାପୁର ଜିଲ୍ଲାର କୁର୍ଦ୍ଦୁ ଗାଁରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଇଛି। ଅଞ୍ଜନା ଏହି ଅଞ୍ଚଳରେ ମୋହରମର ଅବୈଧ ଖନନକୁ ରୋକିବାକୁ ସେଠାରେ ପହଞ୍ଚିଥିଲେ। କିନ୍ତୁ ଏହାକୁ ରୋକିବାକୁ ଅଜିତ ଏହି ମହିଳା ଆଇପିଏସ୍‌କୁ କହୁଥିବାର ଶୁଣାଯାଇଛି। ଭିଡିଓରେ ଅଞ୍ଜନା ହାତରେ ଏକ ମାବାଇଲ ଧରି ଛିଡା ହୋଇଥିବାର ଲକ୍ଷ୍ୟ କରାଯାଇଛି ଓ ତାଙ୍କ ପାଖରେ କିଛି ଲୋକ ଠିଆ ହୋଇଛନ୍ତି। ଏନ୍‌ସିପିର ଜଣେ କର୍ମୀଙ୍କ ମୋବାଇଲରୁ ଅଜିତ ଫୋନ୍ କରିଥିଲେ। କିନ୍ତୁ ଅଞ୍ଜନା ତାଙ୍କ ସ୍ୱର ଜାଣିପାରି ନଥିଲେ। ଫଳରେ ଅଜିତ ଭିଡିଓ କଲ୍ କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଅଜିତ ନିଜ ତ୍ରୁଟି ସ୍ୱୀକାର କରିଛନ୍ତି ଓ ପୁଲିସ ଓ ଅଧିକାରୀଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

# ଦେଶର ୪୭% ମନ୍ତ୍ରୀଙ୍କ ଉପରେ ଆପରାଧିକ ମାମଲା



ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଦେଶରେ ୩୦୨ ଜଣ ମନ୍ତ୍ରୀ (ପାଖାପାଖି ୪୭ ପ୍ରତିଶତ) ନିଜ ଉପରେ ଆପରାଧିକ ମାମଲା ଥିବା କଥା ସ୍ୱୀକାର କରିଛନ୍ତି। ଏମାନଙ୍କୁ ମଧ୍ୟରୁ ୧୭୪ ଜଣ ମନ୍ତ୍ରୀଙ୍କ ଉପରେ ହତ୍ୟା, ଅପହରଣ ଓ ମହିଳାଙ୍କ ବିରୋଧରେ ଅପରାଧ ଭଳି ଗମ୍ଭୀର ଅଭିଯୋଗ ରହିଛି। ସେହିପରି କେନ୍ଦ୍ର ସରକାରଙ୍କ ୭୨ ମନ୍ତ୍ରୀଙ୍କ ମଧ୍ୟରୁ ୨୯ଜଣ (୪୦ ପ୍ରତିଶତ) ନିଜ ଉପରେ ଆପରାଧିକ ମାମଲା ଥିବା କଥା ସ୍ୱୀକାର କରିଛନ୍ତି। ନିର୍ବାଚନ ସୁଧାର ସଂସ୍ଥା 'ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ' (ଏଡିଆର) ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏ ନେଇ ଉଲ୍ଲେଖ କରାଯାଇଛି। ଏଡିଆର ୨୭ ରାଜ୍ୟ, ୩ କେନ୍ଦ୍ର ଶାସିତ ଅଞ୍ଚଳ ଓ କେନ୍ଦ୍ର ସରକାରଙ୍କ ମୋଟ୍ ୬୪୩ ମନ୍ତ୍ରୀଙ୍କ ଶପଥ ପତ୍ର ବା ଆଫିଡେଭିଟ୍‌ର ବିଶ୍ଳେଷଣ କରି ଏହି ନିଷ୍କର୍ଷରେ ପହଞ୍ଚିଛି। ୨୦୨୦ ଓ ୨୦୨୫ ମଧ୍ୟରେ ଅନୁଷ୍ଠିତ ନିର୍ବାଚନ ଅବସରରେ ଦାଖଲ ହୋଇଥିବା ଶପଥ ପତ୍ରକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଏଡିଆର ତରଫରୁ କୁହାଯାଇଛି। ୧୧ଟି ରାଜ୍ୟରେ ୬୦ ପ୍ରତିଶତ ମନ୍ତ୍ରୀ ଆପରାଧିକ ମାମଲାରେ ଅଭିଯୁକ୍ତ ଅଛନ୍ତି। ଏହିକ୍ରମରେ ଦେଖିବାକୁ ଗଲେ ବିଜେପିର ୩୩୬ ମନ୍ତ୍ରୀଙ୍କ ମଧ୍ୟରୁ ୧୩୬ ମନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ଓ ୮୮ ଜଣଙ୍କ ଉପରେ ଗମ୍ଭୀର ମାମଲା ରୁଜୁ କରାଯାଇଛି। ଅନ୍ୟପଟେ କଂଗ୍ରେସର ୬୧ ମନ୍ତ୍ରୀଙ୍କ ମଧ୍ୟରୁ ୪୫ ଜଣଙ୍କ ବିରୋଧରେ ମାମଲା ରହିଥିବା ବେଳେ ୧୮ଜଣଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି। ସେହିପରି ଡିଏମ୍‌କେର ୩୧ରୁ ୨୭, ଟିଏମ୍‌ସିର ୪୦ରୁ ୧୩, ଟିଡିପିର ୨୩ରୁ ୨୨ ଏବଂ ଆପ୍‌ର ୧୬ରୁ ୧୧ ଜଣ ବିରୋଧରେ ଆପରାଧିକ ମାମଲା ରହିଛି। ଉଲ୍ଲେଖଥାଉ କି, କିଛିଦିନ ତଳେ କେନ୍ଦ୍ର ସରକାର ଏକ ପ୍ରସ୍ତାବ ରଖିଥିଲେ। ଏହା ଅନୁସାରେ ଯେଉଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ଜେଲରେ ରହିବା ପରେ ପଦରୁ ହଟିବେ ବୋଲି କୁହାଯାଇଥିଲା।

## ଦାଗୀ ମନ୍ତ୍ରୀ ତାଲିକା | ଦେଶରେ ଓଡ଼ିଶା ପ୍ରଥମ

**ରାଜ୍ୟର ୮୮ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ମାମଲା**

**କନକ ସବୁଠାରୁ ଧନୀ, ଦ୍ୱିତୀୟ ସ୍ଥାନରେ ପ୍ରଦୀପ**

ଭୁବନେଶ୍ୱର,୫।୯ (ସମିସ): ଓଡ଼ିଶାର ୧୬ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୧୪ ଜଣ ମନ୍ତ୍ରୀଙ୍କ ନାମରେ ରହିଛି ଅପରାଧିକ ମାମଲା । ଏପରିକି ଅପରାଧିକ ମାମଲା ଥିବା ୧୪ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୮ ଜଣଙ୍କ ୧୪ ମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣଙ୍କ ନାମରେ ଗୁରୁତର ଅପରାଧିକ ମାମଲା ପଞ୍ଜିକୃତ ହୋଇଛି। ନିକଟରେ ଦେଶର ୨୭ଟି ରାଜ୍ୟ ଓ ୩ ଟି କେନ୍ଦ୍ର ଶାସିତ ଅଞ୍ଚଳର ମନ୍ତ୍ରୀମାନଙ୍କ ସତ୍ୟପାଠ ଆଧାରରେ ଏପରି ରିପୋର୍ଟ ପ୍ରକାଶ କରିଛି ଆସୋସିଏସ୍‌ନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଓ ନ୍ୟାସନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ) । ଦାଗୀ ବା ଅପରାଧିକ ମାମଲା ଥିବା ମନ୍ତ୍ରୀଙ୍କ ସୂଚୀରେ ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ ଯୁଗ୍ମ ଭାବରେ ସାରା ଦେଶରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି ।

ଏଡିଆର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ୮୮ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ଅପରାଧିକ ମାମଲା ରହିଛି । ସେହିପରି ଉଭୟ ରାଜ୍ୟରେ ୫୬ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ମଧ୍ୟ ଗୁରୁତର ଅପରାଧିକ ମାମଲା ଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଓଡ଼ିଶାର ସବୁଠାରୁ ଧନୀ ମନ୍ତ୍ରୀ ଭାବରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନାମ ସ୍ଥାନ ପାଇଛି । ତାଙ୍କର ସମ୍ପତ୍ତି ୬୭ କୋଟି ୩୦ ଲକ୍ଷ ୬୦ ହଜାର ୬୨୯ ଟଙ୍କା ବୋଲି ଉଲ୍ଲେଖ ରହିଛି । ସେହିପରି ତାଙ୍କ ନାମରେ ୭୫ ଲକ୍ଷ ଟଙ୍କା ଋଣ ଥିବା ଏଡ଼ିଆର୍ ଉଲ୍ଲେଖ କରିଛି । ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରାଜ୍ୟର ଦ୍ୱିତୀୟ ଧନୀ ମନ୍ତ୍ରୀ ବୋଲି କୁହାଯାଇଛି ଓ ତାଙ୍କ ନିକଟରେ ୧୭.୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି । ତାଙ୍କ ନାମରେ ୮୫ ଲକ୍ଷ ଟଙ୍କା ଋଣ ରହିଛି । ଅନ୍ୟପକ୍ଷରେ ସମ୍ପତ୍ତି ସୂଚୀରେ ଯୋଗାଣମନ୍ତ୍ରୀ ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ପାଖରେ ୭ କୋଟି ୬୬ ଲକ୍ଷ ୫୮ ହଜାର ୨୩୭ ଟଙ୍କା ସମ୍ପତ୍ତି ରହିଛି ।



ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଓ ମହିଳା ବ୍ୟାପାର କମିଟି ସଦସ୍ୟ

## ଏସ୍‌ସି, ଏସ୍‌ଟିଙ୍କୁ ମିଳୁନି ନ୍ୟାୟ | ବିଚାର ଅପେକ୍ଷାରେ ୩୦ ହଜାର ମାମଲା

**ଦଣ୍ଡ ବିଧାନ ହାର ନଗଣ୍ୟ ● ଥାନା, କଚେରୀକୁ ଦୌଡ଼ି ଦୌଡ଼ି ଜନସାଧାରଣ ନୟାନ୍ତ**

ଭୁବନେଶ୍ୱର, ୫।୯ (ସମିସ): ଏସ୍‌ସି/ଏସ୍‌ଟି(ଅନୁସୂଚିତ ଜାତି ଓ ଜନଜାତି)ଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି ପ୍ରଶାସନ। ବର୍ଷ ବର୍ଷ ଧରି ମାମଲା କୋର୍ଟରେ ଗଡୁଛି। ଅଭିଯୋଗକାରୀ ଥାନା, କୋର୍ଟକୁ ଦୌଡ଼ି ନୟାନ୍ତ ହେଉଛନ୍ତି । ମାତ୍ର ଅଧିକାଂଶ କ୍ଷେତ୍ରରେ ନ୍ୟାୟ ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ଏପରିକି ଏସ୍‌ସି/ଏସ୍‌ଟି ମାମଲାଗୁଡ଼ିକରେ ଓଡ଼ିଶାରେ ଦଣ୍ଡ ବିଧାନ ହାର ଜାତୀୟ ହାରଠାରୁ ଢେର କମ୍ ରହିଛି। ଏପରିକି ଏଭଳି ସମ୍ବେଦନଶୀଳ ଯେତେ ମାମଲା ବିଚାର ପାଇଁ ରହିଛି ତାହାର ଦୁଇ ପ୍ରତିଶତ ମଧ୍ୟ ବର୍ଷକରେ ଫଇସଲା ହୋଇପାରୁ ନାହିଁ। ଏହି ସମୟରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କୁ ତ୍ୱରିତ ନ୍ୟାୟ ମିଳୁନଥିବାରୁ ନିକଟରେ ସରକାର ଏହି ମାମଲାର ତଦନ୍ତ ଏସ୍‌ଆଇ ଏବଂ ଆଇଆଇସିଙ୍କୁ ତଦନ୍ତ ଅନୁମତିକୁ ନେଇ ସୃଷ୍ଟି ହୋଇଛି ବିବାଦ । ଅନ୍ୟୂନ ଡ଼ିଏସ୍‌ପି ପାହ୍ୟା ଅଧିକାରୀଙ୍କ ଦ୍ୱାରା ତଦନ୍ତ ପାଇଁ ରହିଥିବା ବ୍ୟବସ୍ଥା ପରିବର୍ତ୍ତନକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି।

ଏନସିଆର ପକ୍ଷରୁ ପ୍ରକାଶିତ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ-୨୦୨୩ର ତଥ୍ୟ ଅନୁସାରେ ଓଡ଼ିଶାରେ ଅନୁସୂଚୀତ ଜାତି ଓ ଜନଜାତି ଅପରାଧ ମାମଲା ସଂଖ୍ୟା ୩୦ ହଜାର ହେବ। ଏହି ରିପୋର୍ଟର ପରିସଂଖ୍ୟାନ ଅନୁଯାୟୀ ୨୦୨୨ରେ ସାରା ଦେଶରେ ଏସ୍‌ସିଙ୍କ ପ୍ରତି ଥିବା ମାମଲାରୁ ମାତ୍ର ୮ ହଜାର ୬୨ଟିର ବିଚାର ହୋଇଥିବା ବେଳେ ସେଥିରୁ ୩ ହଜାର୨୩୪ଟି ଫଇସଲା ହୋଇଥିଲା। ଏଥିମଧ୍ୟରୁ ମାତ୍ର ୯୦୨ଟିରେ ଦଣ୍ଡ ବିଧାନ ହୋଇଥିଲା। ସେହିଭଳି ଏସ୍‌ଟିମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ୪୫ ହଜାର୮୨୭ଟି ମାମଲା ବିଚାର ପାଇଁ ଯାଇଥିବା ବେଳେ ସେଥିରୁ ମାତ୍ର ୧୬ ହଜାର୭୧୪ଟି ଫଇସଲା ହୋଇଥିଲା। ଯେଉଁଥିରେ ମୋଟ ୫୬୨୯ଟି ମାମଲାରେ ଦଣ୍ଡବିଧାନ କରାଯାଇଛି। ମୋଟାମୋଟି ଭାବେ ସାରା ଦେଶରେ ବିଚାର ଅପେକ୍ଷାରେ ଥିବା ଏହି କିସମର ଅପରାଧିକ ମାମଲାଗୁଡ଼ିକ ଭିତରୁ ୬ ପ୍ରତିଶତରୁ କମ୍ ଫଇସଲା ହୋଇଥିବା ବେଳେ ୯୩ ପ୍ରତିଶତରୁ ଅଧିକ ବାକିଆ ମାମଲା ଭାବେ ପରବର୍ତ୍ତୀ ବର୍ଷକୁ ଗଡ଼ିଛି।

ଅନୁରୂପ ଭାବରେ ଏସ୍‌ସି ଓ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାଗୁଡିକ ମଧ୍ୟରେ ଦଣ୍ଡବିଧାନ ଓ ଫଇସଲା ହାର ଓଡ଼ିଶାରେ କମ୍ ରହିଥିବା ଦେଖିବାକୁ ମିଳିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଓଡ଼ିଶାରେ ଏସ୍‌ସିଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ହାର ୧୬.୧ ପ୍ରତିଶତ ଥିବା ବେଳେ ଏସ୍‌ଟିଙ୍କ କ୍ଷେତ୍ରରେ ଏହା ୧୬.୬ ରହିଛି। ଏସ୍‌ସିଙ୍କ ପ୍ରତି ଅପରାଧିକ ମାମଲାରୁ ଉକ୍ତ ବର୍ଷରେ ଓଡ଼ିଶାରେ ମାତ୍ର ୪୦ଟି ଘଟଣାରେ ଦଣ୍ଡବିଧାନ ହୋଇଥିବାବେଳେ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାରେ ମାତ୍ର ୯ଟିରେ ଆସାମୀଙ୍କ ପ୍ରତି ଦଣ୍ଡାଦେଶ ହୋଇଛି। ବିଶେଷ କରି ଗ୍ରାମାଞ୍ଚଳରେ ରହୁଥିବା ଏସ୍‌ସି ଏବଂ ଏସ୍‌ଟିଙ୍କୁ ଆକ୍ରମଣ କରାଯାଉଛି। ଅନେକ ସ୍ଥାନରେ କଙ୍ଗାରୁ କୋର୍ଟ କରି ଦଣ୍ଡ ଦିଆଉଥିବା ବେଳେ ଆଉ କେଉଁଠି ପଶୁପରି ବ୍ୟବହାର କରାଯାଉଥିବା କୁହାଯାଉଛି ।

## ପାରାଦୀପ ବନ୍ଦରରେ ଅଘଟଣ | ଜାହାଜରୁ ଖସିପଡ଼ିଲେ ୨ ନାବିକ

**ଚୀନ୍ ନାଗରିକ ନିଖୋଜ, ବାଂଲାଦେଶୀ ନାଗରିକ ଉଦ୍ଧାର**

ପାରାଦୀପ,୫।୯ (ସମିସ): ପାରାଦୀପ ବନ୍ଦର ୫ନଂ ଗେଟ୍‌ର ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ବର୍ଥରେ ଆଜି ସକାଳେ ଏକ ଅଘଟଣ ଘଟିଛି । ପାନାମା ଜାତୀୟ ପତାକା ଲାଗିଥିବା ଏକ



ପଣ୍ୟବାହୀ ଜାହାଜ 'ଏମ୍‌ଭି ଲକି ଡ୍ରାଗନ୍'ରୁ ୨ଜଣ ନାବିକ ଖସି ପଡ଼ିଥିଲେ। ୨ ନାବିକଙ୍କ ମଧ୍ୟରୁ ଜଣେ ଚୀନ୍‌ର ଓ ଅନ୍ୟ ଜଣେ ବାଂଲାଦେଶୀ ବୋଲି ଜଣାଯାଇଛି। ବାଂଲାଦେଶୀ ନାବିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାବିକ ନିଖୋଜ ଅଛନ୍ତି। ନିଖୋଜ ଯୁବକ ହେଲେ, ଝାଙ୍ଗ ତାଇ (୨୦) । ଆସନ୍ତାକାଲି ସେ ତାଙ୍କର ଜନ୍ମଦିନ ପାଳନ କରିଥା'ନ୍ତେ। ଉଦ୍ଧାର ବାଂଲାଦେଶୀ ନାବିକଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କୁ ପିଆଇସିଟି କର୍ତ୍ତୃପକ୍ଷ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ, ଏମଭି ଲକି ଡ୍ରାଗନ ଜାହାଜ ପିଗ ଆଇରନ ଖଲାସ କରି ସକାଳେ ବର୍ଥ ଛାଡ଼ିବା ପାଇଁ ପ୍ରସ୍ତୁତି ଚଳାଇଥିଲା। ଝାଙ୍ଗ ତାଇ ଜାହାଜ ଶିଡ଼ି ରଶି ଖୋଲିବା ବେଳେ ତାହା ଛିଡ଼ିଯିବାରୁ ତାଇ ଛିଟ୍‌କି ପାଣିରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ବାଂଲାଦେଶୀ ନାବିକ ପାଣିକୁ ଡେଇଁଥିଲେ। ବହୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିବାରେ ଅସଫଳ ହୋଇଥିଲେ। ସେ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଜାହାଜର ଅନ୍ୟ ନାବିକ ଦଉଡ଼ି ସହାୟତାରେ ଉଦ୍ଧାର କରିଥିଲେ। ପରେ କୋଷ୍ଟଗାର୍ଡ, ବନ୍ଦର ମେରାଇନ ବିଭାଗ, ସିଆଇଏସଏଫ ଆଦି ସଂସ୍ଥାର ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହାରନାଦ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏବେ ବି ନିଖୋଜ ନାବିକଙ୍କ କୌଣସି ପତ୍ତା ମିଳିପାରିନାହିଁ। ଉଦ୍ଧାର କାର୍ଯ୍ୟରେ ସିଆଇଏସଏଫ୍, ମେରାଇନ ପୁଲିସ, ସ୍କୁବା ଡାଇଭର୍, କୋଷ୍ଟଗାର୍ଡ ଓ ଏନଡିଆରଏଫ ଟିମ୍ ନିୟୋଜିତ ହୋଇଛନ୍ତି। ଜାହାଜରେ ମୋଟ ୨୨ ଜଣ ନାବିକ ରହିଥିବା ଜଣାପଡ଼ିଛି।

## ଓଡ଼ିଶାର ୨ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କାର




ଭୁବନେଶ୍ୱର, ୫।୯(ସମିସ): ଗୁରୁଦିବସ ଅବସରରେ ଓଡ଼ିଶାର ଦୁଇଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ କରିଛନ୍ତି । କୋରାପୁଟସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶଙ୍କୁ ଅଭିନବ ଶିକ୍ଷାଦାନ ପଦ୍ଧତି ଓ ଭାଷା ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । କଥା ଚିତ୍ର, ମାଇଁ ରିଡିଂ ବୁକ୍, ମାଇଁ ପିକ୍‌ଚର ମାଇଁ ଷ୍ଟୋରୀ, ନ୍ୟୁଜ୍ ନେଷ୍ଟ, ମେ ଭି ସ୍ପିକର୍ ପରି ଅଭିନବ ଶିକ୍ଷାଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ସାକ୍ଷରତା ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିପାରିଛନ୍ତି।

ସେହିପରି ମାଲକାନାଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍ କୋଣ୍ଡେଲ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ମଧ୍ୟ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି । ନୂତନ ଶିକ୍ଷାଦାନ ଶୈଳୀ ଓ ଗୋଷ୍ଠୀ ସହଭାଗିତା ପାଇଁ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ସେ ସୁଧାର ଆଣି ପାରିଛନ୍ତି। ସଚେତନତା ସହିତ ପଥପ୍ରାନ୍ତ ସଭା, କଣ୍ଢେଇ ନାଚ, ଭ୍ରାମ୍ୟମାଣ ପାଠାଗାର ପରି ଅଭିନବ ପଦକ୍ଷେପ ନେଇ ଶିକ୍ଷା, ବିଦ୍ୟାଳୟ ଓ ସମାଜ ମଧ୍ୟରେ ଦୂରତା ହ୍ରାସ କରିପାରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶର ମୋଟ୍ ୪୫ ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି।

## ଗୁରୁଦିବସରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଶିକ୍ଷକ ପିଲାଙ୍କ ମାର୍ଗଦର୍ଶକ ହୁଅନ୍ତୁ

ଭୁବନେଶ୍ୱର, ୫।୯(ସମିସ): ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପ୍ରତ୍ୟେକ ଅଭିଭାବକଙ୍କ ସ୍ୱପ୍ନ ରହିଛି। ଏହି ଆକାଂକ୍ଷା ପୂରଣ କରିବାକୁ ବିଦ୍ୟାଳୟରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ମଧ୍ୟରେ

**ତିନି ବର୍ଷରେ ନିଯୁକ୍ତି ପାଇବେ ୪୫ ହଜାର ଶିକ୍ଷକ**

ଥିବା ଲୁକ୍କାୟିତ ପ୍ରତିଭାଗୁଡ଼ିକୁ ଚିହ୍ନଟ କରିବା ସହ ଏ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଫଳରେ ପିଲାମାନେ ସେମାନଙ୍କ ରୁଚି ଅନୁସାରେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଅଗ୍ରସର ହେବେ। ତେଣୁ ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ସମାଜକୁ ଆହ୍ୱାନ ଦେଇଛନ୍ତି।



ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହରେ ମୁଖ୍ୟମନ୍ତ୍ରୀ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟରେ ୪୫ ହଜାର ଶିକ୍ଷକ ନିଯୁକ୍ତି କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

ଏହି ଅବସରରେ ବିଭିନ୍ନ ଜିଲ୍ଲାକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ପ୍ରଥମ ସ୍ଥାନରେ ରହି ୩ କୋଟି ଟଙ୍କା ପୁରସ୍କାର ରାଶି ଜିତିଥିବାବେଳେ ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଭାବେ ୩ ଜଣ, ୧୦ ଜଣ ଶ୍ରେଷ୍ଠ ବ୍ଲକ୍ ଶିକ୍ଷା ଅଧିକାରୀ, ୭୦ ଜଣ ଶ୍ରେଷ୍ଠ ଶିକ୍ଷକ ଓ ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁ-ଶିଷ୍ୟ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ



ଭବାନୀପାଟଣା, ୫।୯ (ସମିସ): ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇ ମୃତ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୁଞ୍ଜିପଦର୍ ଗାଁରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ଦ୍ୱୟ ହେଲେ ଜଗନ୍ନାଥ ରଣା(୧୨) ଓ ତା ସାନ ଭାଇ ରାଧାକାନ୍ତ ରଣା(୯)। ଆଜି ଦୁହେଁ ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଅସାବଧାନତାବଶତଃ ରାଧାକାନ୍ତ ଗଭୀର ପାଣିକୁ ଚାଲିଯିବାରୁ ଜଗନ୍ନାଥ ତାକୁ ବଞ୍ଚାଇବାକୁ ଚେଷ୍ଟା କରି ବୁଡ଼ି ଯାଇଥିଲା। ତେବେ ଦୀର୍ଘ ସମୟ ଧରି ଦୁଇ ଭାଇ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି କରିବା ପରେ ପୋଖରୀ କୂଳରେ ସେମାନଙ୍କ ପୋଷାକ ଥିବା ଦେଖି ସନ୍ଦେହ ହୋଇଥିଲା। ପରେ ଗ୍ରାମବାସୀଙ୍କଠାରୁ ଖବର ପାଇ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କିଛି ସମୟ ଖୋଜାଖୋଜି ପରେ ଦୁହିଁଙ୍କ ଶବ ଉଦ୍ଧାର ହୋଇଥିଲା। ସଦର ଥାନା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପଦମ୍‌ପୁର ଏନ୍‌ଏସି ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୫।୯ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଏନ୍‌ଏସିର ଉପାଧ୍ୟକ୍ଷ ଭାରତୀ ପଟ୍ଟନାୟକଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି ବୋଲି ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଅବହେଳିତ ମହିଳାଙ୍କ ସ୍ୱର ହେବ ବିଜେଡି: ସ୍ନେହାଙ୍ଗିନୀ



**୧୫ ମାସରେ ୪୦୦୦ରୁ ଊର୍ଦ୍ଧ୍ୱ ଦୁଷ୍କର୍ମ**

**ବିପଦରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ**

**ମିଶନ ଶକ୍ତିକୁ ବନ୍ଦ ଉଦ୍ୟମ ହେଉଛି**

ଭୁବନେଶ୍ୱର, ୫।୯ (ସମିସ): ରାଜ୍ୟରେ ମହିଳାମାନଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଉଛି। ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଛନ୍ତି । ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ଅବହେଳିତ ଓ ନିଷ୍ପେସିତ ମହିଳାମାନଙ୍କ ସ୍ୱର ହେବ ଏବଂ ସେମାନଙ୍କ ନ୍ୟାୟ ପାଇଁ ଲଢ଼େଇ କରିବ ବୋଲି ବିଜୁ ମହିଳା ଜନତା ଦଳର ନବନିଯୁକ୍ତ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।

ଗୁରୁବାର ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ଗତ ୧୫ମାସର ବିଜେପି ଶାସନରେ ରାଜ୍ୟର ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମହିଳାଙ୍କ ସମ୍ମାନ କ୍ଷୁଣ୍ଣ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଇଥିଲା। ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହ ସମାଜରେ ନିଜର ପ୍ରତିଷ୍ଠା ହାସଲ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ବିଜେପି ସରକାରଙ୍କ ୧୫ ମାସର ଶାସନ ସମୟରେ ମହିଳାମାନଙ୍କୁ ସମାଜରେ ପ୍ରତିଷ୍ଠା ଓ ସମ୍ମାନ ଦେଉଥିବା କାର୍ଯ୍ୟକ୍ରମ ମିଶନ ଶକ୍ତି ଏବେ ବନ୍ଦ ହେବାକୁ ବସିଲାଣି।

ଏହାଛଡ଼ା, ଏହି ସମୟରେ ପ୍ରାୟ ୪ହଜାର ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ବିଭିନ୍ନ ଅତ୍ୟାଚାରର ଶିକାର ହେଉଥିବା ମହିଳା ଓ ଛାତ୍ରୀମାନେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ଦୁଷ୍କର୍ମ, ଅସଦାଚରଣ ଭଳି ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ମଣ୍ଡନ କରୁଥିବା ବେଳେ ସରକାର ଏହାକୁ ରୋକିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। କେବଳ ଧର୍ମକୁ ଆଖିଠାର ସଦୃଶ ଅପରାଧୀମାନଙ୍କୁ ଗିରଫ କରାଯାଉଛି, କିନ୍ତୁ ସେପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଗାମୀ ଦିନରେ ମହିଳାମାନଙ୍କ ସୁରକ୍ଷା, ସମ୍ମାନ ପାଇଁ ଦଳ ଲଢ଼େଇ ଜାରି ରଖିବା ସହ ରାଜ୍ୟର ମହିଳାମାନଙ୍କ ନ୍ୟାୟ ପାଇଁ ସ୍ୱର ଶାଣିତ କରିବାକୁ ମହିଳା ଜନତା ଦଳ ସଙ୍କଳ୍ପ ନେଉଛି ବୋଲି ଶ୍ରୀମତୀ ଛୁରିଆ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ, ଦଳର ମହିଳା ବ୍ୟାପାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେତ୍ରୀମାନେ ଯଥା ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦିକା ସୁଲତା ଦେଓ, ମେୟର୍ ତଥା ସାଧାରଣ ସମ୍ପାଦିକା ସୁଲୋଚନା ଦାସ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ସାଧାରଣ ସମ୍ପାଦିକା ଲୋପାମୁଦ୍ରା ବକ୍ସିପାତ୍ର, ସାଧାରଣ ସମ୍ପାଦିକା ମିନତି ବେହେରା, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଧସିଲା ପାହାଡ଼




**ପାତ୍ରପଡ଼ା-ହଣ୍ଡପା ରାସ୍ତାରେ ଯାତାୟାତ ଠପ୍**

ଛେଣ୍ଡିପଦା, ୫।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାର ମା' ବାୟାଣୀ ପୀଠରୁ ହଣ୍ଡପାକୁ ସଂଯୋଗ କରୁଥିବା ରାସ୍ତା ଉପରେ ଦେବୀନଗର ପାହାଡ଼ର କିଛି ଅଂଶ ଲଗାଣ ବର୍ଷାରେ ଧସିବା ଯୋଗୁଁ ମାଟି ପଡ଼ି ଯାତାୟାତ ଠପ ହୋଇଯାଇଛି । ଏହି ରାସ୍ତା କିଶୋରନଗର ଓ ଆଠମଲ୍ଲିକ ଅଞ୍ଚଳକୁ ସଂଯୋଗ କରୁଥିବାବେଳେ ବହୁ ଜନସାଧାରଣଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

ତିନିଦିନ ଧରି ଲଗାଣ ବର୍ଷା ସାଙ୍ଗକୁ ଗତକାଲି ହୋଇଥିବା ବାଦଲଫଟା ବର୍ଷା ଯୋଗୁଁ ପାହାଡ଼ରୁ ଅତଡ଼ା ଖସି ରାସ୍ତା ଉପରେ ୫ ଫୁଟ୍ ଉଚ୍ଚ ମାଟି ଜମା ହୋଇଛି । ରାସ୍ତା ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରୁ ଯାତାୟାତ ବନ୍ଦ ହୋଇଯାଇଛି । ତୁରନ୍ତ ରାସ୍ତାରୁ ମାଟି ବାହାର କରି ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି । ଅନ୍ୟପଟେ ପୂର୍ବରୁ ଏପରି ଅନେକଥର ମାଟି ଅତଡ଼ା ପଡ଼ିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସନ୍ଧ୍ୟାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋକନାଥ ସାହୁଙ୍କ ଉଦ୍ୟମରେ ସମିତି ସଭ୍ୟ ଦୀପକ ସାହୁ ଓ ହିମାଂଶୁ ସ୍ୱାଇଁଙ୍କ ନେତୃତ୍ୱରେ ଜେସିବି ମାଧ୍ୟମରେ ରାସ୍ତାକୁ ପରିଷ୍କାର କରାଯାଇଥିଲା । ଫଳରେ ଗାଡ଼ିଗୁଡ଼ିକ ଚଳପ୍ରଚଳ କରିଥିଲା ।

# ଠକେଇ ଅଭିଯୋଗରେ ଜଣେ ଗିରଫ

କୋରାପୁଟ,୫।୯ (ସମିସ): ସିମେଣ୍ଟ, ଲୁହା ଛଡ଼ ଏବଂ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଯୋଗାଇ ଦେବାକୁ କହି ପ୍ରାୟ କୋଟିଏ ଟଙ୍କା ଠକି ନେଇଥିବା ଅଭିଯୋଗରେ କୋରାପୁଟ ସାଇବର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ସେମିଳିଗୁଡାର ଉପେନ୍ଦ୍ର ମହାନ୍ତି ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଅମ୍ବିତ ମହାନ୍ତି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଉପେନ୍ଦ୍ର ସେମିଳିଗୁଡା ଓ ନିକଟସ୍ଥ ଅଞ୍ଚଳର ଲୋକଙ୍କୁ ଘର ତିଆରି କରିଦେବା ଓ କେତେକଙ୍କୁ ସିମେଣ୍ଟ, ଲୁହା ଛଡ଼ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଯୋଗାଇ ଦେବାକୁ କହି ପ୍ରାୟ କୋଟିଏ ଟଙ୍କା ଠକି ଫେରାର ହୋଇ ଯାଇଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ୪୦ ଲକ୍ଷ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ସାଇବର ଥାନାରେ ଅଭିଯୋଗ କରିଥିଲେ । ସାଇବର ଥାନା ପୁଲିସ ଏକ ମାମଲା ରୁଜୁ କରି ଡିଏସପି ଭବାନୀ ପ୍ରଧାନଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତକୁ ଅନୁଗୁଳରୁ ଗିରଫ କରିଥିଲେ । ଅଭିଯୁକ୍ତ ନିକଟରୁ ପୁଲିସ ଗୋଟିଏ ଲାପଟପ୍, ବିଭିନ୍ନ ବ୍ୟାଙ୍କର ୫ ଟି ଡେବିଟ ଓ କ୍ରେଡିଟ କାର୍ଡ ଜବତ କରିଥିବା ଅତିରିକ୍ତ ଏସପି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ସାଇବର ଥାନା ଦାୟିତ୍ୱରେ ଥିବା ଡିଏସପି ଭବାନୀ ପ୍ରଧାନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଗୁରୁଦିବସକୁ କଳା ଦିବସ ରୂପେ ପାଳନ




ନବରଙ୍ଗପୁର,୫।୯ (ସମିସ) : ୨୦୦୮ ରୁ ୨୦୧୮ ମସିହା ଭିତରେ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ ଦାବି କରି ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଧାରଣା ଆଜି ୧୯ ଦିନରେ ପହଞ୍ଚିଛି । ସଂଘର ଧାରଣାର ଆଜି ୧୯ ଦିନରେ ପହଞ୍ଚିବା ପରେ ମଧ୍ୟ ସରକାର କୌଣସି କର୍ଣ୍ଣପାତ କରୁନଥିବା ଯୋଗୁଁ ଆଜି ଗୁରୁଦିବସ ଥିବା ବେଳେ ରାଜ୍ୟ ସଭାପତି ବିଶ୍ୱରଂଜନ ଦାସଙ୍କ ନେତୃତ୍ୱ ରେ ସାରା ରାଜ୍ୟରେ ଆଜିର ଗୁରୁ ଦିବସ ଦିନ କୁ କଳାଦିବସ ରୂପରେ ପାଳନ କରିଛି ନବରଙ୍ଗପୁର ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ । ସଂଘର ଦାବି ଅନୁଯାୟୀ ଯେ ପର୍ଯ୍ୟନ୍ତ ସରକାର ସଂଘ ଦାବି ଗୁଡିକୁ ପୂରଣ ନ କରନ୍ତି, ସେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟ କଲମ ଛାଡ଼ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ସଂଘ ନିଷ୍ପତି ନେଇଥିବା ସୂଚନା ମିଳିଛି । ଏହି ଧାରଣାକୁ ସମର୍ଥନ ଜଣାଇ ନବରଙ୍ଗପୁରରେ ମଧ୍ୟ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କଳାଦିବସ ପାଳନ କରିଥିବାର ଦେଖିବାକୁ ମିଳିଛି ।

# ବ୍ୟାଡ୍‌ମିଣ୍ଟନ ଏକାଡେମୀର ୨୫ ଖେଳାଳି ଚାମ୍ପିଅନ୍

ଜୟପୁର,୫।୯ (ସମିସ): ଜୟପୁର ଆଦର୍ଶନ ନଗରସ୍ଥିତ ଡିପି ବ୍ୟାଡିମେଣ୍ଟନ ଏକାଡେମୀର ଖେଳାଳୀ ମାନେ ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗୀତାରେ ବିଜୟ ଲାଭ କରି ଚାମ୍ପିଆନ ହୋଇଛନ୍ତି । ଆଜି ଏକାଡେମୀ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗତ ମାସ ୨୯ ତାରିଖ ଠାରୁ କୋରାପୁଟ ଇନ୍‌ଡୋର ଷ୍ଟାଡିୟମ ଠାରେ ଆୟୋଜିତ ବ୍ୟାଡମିଣ୍ଟନ ପ୍ରତିଯୋଗୀତାରେ ବିଭିନ୍ନ ବର୍ଗରେ ଡିପି ଏକାଡେମୀର ୨୫ଜଣ ଖେଳାଳୀ ମାନେ ଚାମ୍ପିଆନ ହୋଇଥିଲେ । ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାରେ ସମୁଦାୟ ୧୫୪ ଜଣ ଖେଳାଳୀ ଯୋଗ ଦେଇଥିଲେ । ସମ୍ବର୍ଦ୍ଧନା ସଭାରେ ଓଏସବିଏ ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ଉପଖଣ୍ଡ କ୍ରୀଡା ସଂଘ ସମ୍ପାଦକ ରବି ନାୟକ, ଚାମ୍ବର ଅଫ୍ କମର୍ସ ସଭାପତି ଭି. ପ୍ରଭାକର, ପୂର୍ବତନ କ୍ରିକେଟ ଖେଳାଳି ଅସିତ ପଟ୍ଟନାୟକ, ଗଣେଶ ବେହେରା, ସନ୍ତୋଷ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡିପି ଏକାଡେମୀ ସଦସ୍ୟ ଗୌରୀ ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ । ୩୫ ବର୍ଷରୁ ଉର୍ଦ୍ଧ ଡବଲସରେ ଏସି ମୁନିର ଓ ସଚ୍ଚିଦାନନ୍ଦ ପରିଡା, ୩୫ ବର୍ଷରୁ ଉର୍ଦ୍ଧ ସିଙ୍ଗଲସରେ ଏସି ମୁନିର, ୪୦ ବର୍ଷରୁ ଉର୍ଦ୍ଧ ଡବଲସ ରେ ଦେବଦତ୍ତ ଦାଶ, ସୁବାଶ ବେହେରା ଉପବିଜେତା, ୪୫ ବର୍ଷରୁ ଉର୍ଦ୍ଧ ସିଙ୍ଗଲସରେ ସଚ୍ଚିଦାନନ୍ଦ ପରିଡା ବିଜେତା, ୫୦ ବର୍ଷରୁ ଉର୍ଦ୍ଧ ଡବଲସ୍‌ରେ ଅସିତ ପଟ୍ଟନାୟକ ଓ ସୁରେଶ, ୫୫ ବର୍ଷରୁ ଉର୍ଦ୍ଧ ଡବଲସରେ ଅସିତ ପଟ୍ଟନାୟକ ଓ କଳାକାର ବିଜେତା ଭାବେ ଚମ୍ପିଆନ ହାସଲ କରିଥିଲେ । ଓପନ ସିନିୟର ଡ୍‌ବଲ୍ସରେ ଏସି ମୁନିର ଓ ବିଷ୍ଣୁମୟ ମହାନ୍ତି ବିଜୟ ଲାଭ କରିଥିଲେ ।



# ଟ୍ରକକୁ ପିଟିଲା ବାଇକ୍ ୨ ଗୁରୁତର

କୋରାପୁଟ,୫।୯ (ସମିସ): କୋରାପୁଟ ଟାଉନ ଥାନା ଅନ୍ତର୍ଗତ ଓଏସଏପି ଛକ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପିଟି ବାଇକ ଚାଳକ ସହ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । କୋରାପୁଟ ସୁନାବେଡ଼ା ୨୬ ନଂ ଜାତୀୟ ରାଜପଥ ଓଏସଏପି ତୃତୀୟ ବାଟାଲିୟନ ଛକ ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ସିଜି ୧୭ବି ୧୧୯୮ ନମ୍ବର ଟ୍ରକକୁ ଓଡି ୦୮ଆର ୬୫୫୭ ନମ୍ବର ପିଟି ହେବାରୁ ବାଇକରେ ଥିବା ଦୁଇଜଣ ଯୁବକ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଟାଉନ୍ ଥାନା ପୁଲିସକୁ ସୂଚନା ଦେବାରୁ ପୁଲିସ ପହଞ୍ଚି ଘଟଣାସ୍ଥଳରୁ ଦୁଇ ଗୁରୁତରଙ୍କୁ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ବାଇକ୍ ଅତ୍ୟଧିକ ସ୍ପିଡ୍ ଥିବାରୁ ଭାରସାମ୍ୟ ହରାଇ ଟ୍ରକ ସହ ପିଟି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ଅନ୍ୟ ପକ୍ଷରେ ଦୁଇ ଯୁବକଙ୍କ ମଧ୍ୟରୁ ଜଣକ ସ୍?ାସ୍ଥ୍ୟବସ୍ଥା ଗୁରୁତର ରହିଛି ।

# ୩୬ ଜଣ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



କୋରାପୁଟ,୫।୯ (ସମିସ) ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ପାଳିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିକଶିତ ଜିଲ୍ଲା ଗଠନରେ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା କହିଛନ୍ତି । କୋରାପୁଟ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ପାସହାର ସନ୍ତୋଷଜନକ ରହିଥିଲେ ସୁଦ୍ଧା ଏ୧ ଗ୍ରେଡରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ନୈରାଶ୍ୟଜନକ ଅଟେ ବୋଲି ସେ କହିଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ୨୩ ଜଣ ଶିକ୍ଷକଙ୍କୁ ଜିଲ୍ଲାସ୍ତରୀୟ ଓ ୧୩ ଜଣ ଶିକ୍ଷକଙ୍କୁ ବ୍ଲକସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି । କ୍ରୀଡା ଶିକ୍ଷକ ରାଜେଶ କୁମାର ମହାପାତ୍ର, ଅରୁଣ କୁମାର ଦାସ ଓ ସୁବୋଧ କୁମାର ଖରାଙ୍କୁ ପୁରସ୍କୃତ କରାଯାଇଛି । କୋରାପୁଟ ଉପଖଣ୍ଡର ଶ୍ରେଷ୍ଠ ସିଆରସିସି ଭାବେ ସ୍ନେହଲତା ଦାସ ଏବଂ ଜୟପୁର ଉପଖଣ୍ଡର ଶ୍ରେଷ୍ଠ ସିଆରସିସି ଭାବେ କାହ୍ନୁ ଚରଣ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ରତିକାନ୍ତ ଦାସ, ହେମନ୍ତ ପଟ୍ଟନାୟକ,ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ ଓ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସହ ଅନ୍ୟାନ୍ୟ ଅବସରପ୍ରାପ୍ତ ଶିକ୍ଷକ ଓ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ପୁରସ୍କୃତ ହୋଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ରୁପଚନ୍ଦ୍ର ସୋରେନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଉପସ୍ଥିତ ଥିଲେ । ଶିକ୍ଷୟତ୍ରୀ ପୂର୍ଣ୍ଣିମା ପତି ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଭବେଶ କୁମାର ପତି ଯୋଗଦେଇ ସଂଯୋଜନା କରିଥିବା ବେଳେ ଶିକ୍ଷୟତ୍ରୀ ସାଗରିକା ମିଶ୍ର, ଗୁଣା,କ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବର୍ଗର୍ତ୍ତି ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅନନ୍ତ ଦଳପତି ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

● ଜମି ବିବାଦକୁ ନେଇ ଆକ୍ରମଣ ଘଟଣା

# ଆହତ ପୁଅ ମୃତ: ୪ ଅଟକ

କୋରାପୁଟ,୫।୯ (ସମିସ): ଜମିଜମା ବିବାଦକୁ ନେଇ ବିଶିପୁର ଥାନା ପାଙ୍ଗିଗୁଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ କୋରାପୁଟ ପୌର ପରିଷଦ ୧୦ ନଂ ୱାର୍ଡ କାଉନସିଲର କମଳା ନାୟକଙ୍କ ସ୍ୱାମୀ ଧନୁର୍ଜୟ ନାୟକ ଓ ପୁଅ ଶିବା ନାୟକକୁ ୫ ଜଣ ଦୁବୃର୍ତ୍ତ ଖଣ୍ଡାରେ ହାଣି ମରଣାନ୍ତକ ଆକ୍ରମଣ କରିଥିଲେ । ପୁଅ ଅତ୍ୟନ୍ତ ଗୁରୁତର ଥିବାରୁ ବିଶାଖାପାଟଣା ସ୍ଥାନାନ୍ତର କରା ଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି । ଘଟଣାରେ ବିଶିପୁର ପୁଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ଲିମାରାଜ ପ୍ରଧାନ ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ବିଶାଖାପାଟଣାରେ କୌଣସି କାରଣରୁ ଶୁକ୍ରବାର ଶବ ବ୍ୟବଚ୍ଛେଦ ହୋଇ ପାରି ନ ଥିବାବେଳେ ଶନିବାର ଶବ ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମ



ନବରଙ୍ଗପୁର,୫। ୯ (ସମିସ): ନବରଙ୍ଗପୁର ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତା କରିବା ସହିତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ସ୍ପାର୍କ, ଶିକ୍ଷା ସେତୁ, ଲକ୍ଷ୍ୟ, ସୁପର ୧୦୦ , ଗୋଣ୍ଡି ଓ ଭତ୍ରା ଭାଷାରେ ପ୍ରସ୍ତୁତ ଭିଡିଓ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ,ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର,ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡକ୍ଟର ମଳୟ ରଞ୍ଜନ ତ୍ରିପାଠୀ, ଡ ଓଁକାର ପଟ୍ଟନାୟକ, ପ୍ରକାଶ ମେହେର ଓ ପ୍ରକାଶ ଚନ୍ଦ୍ର ମହାଳିକ ,ସୁଦୀପ୍ତ କୁମାର ଦାସ,ଜିଲ୍ଲା ବିଜ୍ଞାନ ପରିଦର୍ଶକ" ଚିତ୍ତରଞ୍ଜନ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପ୍ରକାଶ ଚନ୍ଦ୍ର ମହାଳିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଜିର କାର୍ଯ୍ୟକ୍ରମ ରେ ଚଉଦ ଜଣ ମାଧ୍ୟମିକ ଶିକ୍ଷକ, ଦଶ ଜଣ ପ୍ରାଥମିକ ଶିକ୍ଷକ ଓ ଏକ ଜଣ ସିଆରସିସି, ୩୮ ଜଣ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ଗତ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଫଳ ପାଇଁ ସମ୍ମାନିତ କରାଯାଇଥିଲା । ନରେଶ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସୁଦୀପ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ରକ୍ତଦାନ ଶିବିରକୁ ପ୍ରଭାତ ପଟ୍ଟନାୟକ, ଜୁନିଅର ରେଡକ୍ରୋସ ଅଧିକାରୀ ଶ୍ରୀମତୀ ପ୍ରକାଶିନୀ ଚୌଦରୀ ଶିବିରକୁ ପରିଚାଳନା କରିଥିଲେ । ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ମାନେ ଏହି ଶିବିରରେ ରକ୍ତଦାନ କରିଥିଲେ । ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଲାବୋଟୋରୀ ଟେକ୍ନିସିଆନ୍ ଅରୁଣ କୁମାର ସ୍ୱାଇଁ, ମାରଟିନ ଛତର, ହେମନ୍ତ ରାଉତ ଏବଂ ସମ୍ବିତ ମିଶ୍ର ଉପସ୍ଥିତ ରହି ରକ୍ତଦାତାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିଥିଲେ ।

# ବିଭିନ୍ନ ସ୍ଥାନରେ ମହମ୍ମଦଙ୍କ ଜୟନ୍ତୀ

ଜୟପୁର,୫।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇସଲାମ ଧର୍ମର ପ୍ରତିଷ୍ଠାତା ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳନ କରାଯାଇଛି । ସ୍ଥାନୀୟ ସୁନ୍ନୀ ଅଞ୍ଜୁମନ କମିଟି ପକ୍ଷରୁ ଏହି ପବିତ୍ର ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଆଜି ପୂର୍ବାହ୍ନରେ ସ୍ଥାନୀୟ ଡେରା ସାହିସ୍ଥିତ ଜାମ ମସିଜିଦ ଠାରୁ ମିଳିତ ଭାବେ ନମାଜ ପାଠ ପରେ ଏକ ଶୋଭାଯାତ୍ରାରେ ଗଙ୍ଗାନଗର, ବାଘଭଣ୍ଡାର ସାହି, କେବିଏସଡି ରୋଡ, ମୁଖ୍ୟରାସ୍ତା ଦେଇ ବସଷ୍ଟାଣ୍ଡ ଟ୍ରାଫିକ ଛକରୁ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ । ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସ୍ଥାନୀୟ ସହରରେ ଲୋକ ମାନଙ୍କୁ ଚକଲେଟ, ଫଳ, ବିସ୍କୁଟ, ଥଣ୍ଡାପାନୀୟ ବଣ୍ଟନ କରାଯାଥିଲା । ଶୋଭାଯାତ୍ରା ଅବସରରେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏହି ଅବସରରେ ଅଞ୍ଜୁମନ କମିଟିର ସଭାପତି ହାଜି ମହମ୍ମହ ମୁସ୍ତାଫା ବେଗ୍ , ଉପସଭାପତି ମହମ୍ମଗ ଆକବର ବେଗ୍ , ସମ୍ପାଦକ ସକିଲ ମହମ୍ମଦ, ହାଫିଜ୍ ୟୁନିସ କାଦିରି, ମହମ୍ମଦ ସାଜିଦ୍, ଆକବର ହୁସେନ, ଆଜମଲ ବେଗ୍, ମହମ୍ମଦ ଇଶାକ ରିଜିଭ, ଗଉସ ବେଗ୍ , ସେକ ଜାଫର, ସେକ ହାବିବୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପରିଷଦ ଉପସଭାପତି ରାଧା ବିନୋଦ ସାମନ୍ତରାୟ ଏହି ଶୋଭାଯାତ୍ରାରେ ଉପସ୍ଥିତ ରହିଥିଲେ ।

**ନନ୍ଦପୁର :** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଥୁବା ଓ ପାତ୍ରପଣ୍ଡିର ମୁସଲମାନ ଭାଇ ଭଉଣୀଙ୍କ ପକ୍ଷରୁ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ମସଜିଦ୍‌ରେ ନମାଜପାଠ ପରେ ମୁସଲିମ୍ ଭାଇ ଭଉଣୀ ମାନେ ଶୋଭାଯାତ୍ରାରେ ବାହାରି ତ୍ରିରଙ୍ଗା ମର୍ଯ୍ୟାଦା ରକ୍ଷା କରିବା ଉପରେ ସ୍ଲୋଗାନ ଦେଇଥିଲେ । ପରେ ମିଷ୍ଟାନ ବଣ୍ଟନ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ ।

**ଚନ୍ଦାହାଣ୍ଡି :** ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମୋହରା ଏବଂ ବେହେରାମୁଣ୍ଡା ଜାମା ମସଜିଦ ପରିସରରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଆଜି ମୋହରା ଏବଂ ବେହେରାମୁଣ୍ଡା ଗ୍ରାମରେ ଶତାଧିକ ମୁସଲମାନ ଭାଇମାନେ ଶୋଭାଯାତ୍ରାରେ ବାହାରି ମସଜିଦକୁ ଯାଇ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳନ କରିଥିଲେ । ମୋହରା ମସଜିଦ ପରିସରରେ ଅଞ୍ଜୁମାନ ଇସଲାମିୟା କମିଟି ତରଫରୁ ସଭାପତି ହାଜି ମହମ୍ମଦ ରଫିକଙ୍କ ଦ୍ୱାରା ଧାର୍ମିକ ପତାକା ଉତ୍ତୋଳନ କରାଯାଇ ଥିବା ବେଳେ ମୌଲାନା ମହମ୍ମଦ ସୋହେବ ରଜାଙ୍କ ପୌରହିତ୍ୟରେ ଫାତିହା ପାଠ କରାଯାଇଥିଲା । ଏଥିରେ ମୋହରା ସୁନ୍ନି ମୁସଲିମ କମିଟିର ସମ୍ପାଦକ ମହମ୍ମଦ ହୁସେନ, ଉପସଭାପତି ଆକବର ଅଲ୍ଲୀ, କୋଷାଧ୍ୟକ୍ଷ ଜବବାର ଅଲ୍ଲୀ, ସୁଲତାନ ଅଲ୍ଲୀ, ଜିବ୍ରାଇଲ ଅଲ୍ଲୀ,ଅବଦୁଲ ହମିଦ୍,ମହମ୍ମଦ ହନିଫ, ମହମ୍ମଦ ସଫିକ, ମହମ୍ମଦ ଅସପାକ,ମୁରାଦୁ ଅଲ୍ଲୀ,ଅବଦୁଲ ମଜିଦ,ଅବଦୁଲ କୟୁମ , ମହମ୍ମଦ ରିଜାୱକ୍ଷନ, ମକବୁଲ ଅଲ୍ଲୀ, ରେହେମାନ ଅଲ୍ଲୀ, ସାହାଦତ ଅଲ୍ଲୀ, ଖଲିଲ ଅଲ୍ଲୀ, ହୁସେନ ଅଲ୍ଲୀ, ସାହିଲ୍, ମୋହସିନ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା କାଲି ମସଜିଦ ପରିସରରେ ଏକ ଧର୍ମସଭା ଅନୁଷ୍ଠିତ ହେବ ।



**ଉମରକୋଟ :** ଉମରକୋଟ ଜାମା ମସଜିଦ ପରିସରରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବୁଧବାର ଦିନ ମସଜିଦ ନିକଟ ରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉମରକୋଟର ଶହ ଶହ ସଂଖ୍ୟାରେ ମୁସଲମାନ ଭାଇମାନେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ମସଜିଦକୁ ଯାଇ ମହାପୁରୁଷଙ୍କ ମହମ୍ମଦଙ୍କ ଜୟନ୍ତୀ ପାଳନ କରିଥିଲେ । ବିହାର ରାଜ୍ୟର ଭଗଲପୁର ରୁ ଆସିଥିବା ମୁସଲିମ ଧର୍ମ ପ୍ରଚାରକ ସେୟାଦ ମଖମୁର ଯାମି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମସଜିଦ ପରିସର ରେ ଧର୍ମୀୟ ପତାକା କୁ ଉତ୍ତୋଳନ କରିଥିଲେ । ଉମରକୋଟ ଅଞ୍ଜୁମାମ ଇସଲାମୀୟ କମିଟି ସଭାପତି ସଲିମ ରାଠୋର, ଉପସଭାପତି ସାଇଜାଦା ରିଜଵି, ଯୁଗ୍ମ ସମ୍ପାଦକ ଶେଖ୍ ଅନିଶ, ମସିନ ଲାଠିଆ, ହନିଫ ହିଙ୍ଗୋରା, ଏମଡ଼ି ଅବ୍ରାର, ସୁଫିଆ ହାଙ୍ଗୋରା, ଇବ୍ରାହିମ ରାଠୋର, କେଟି ଜିଲାନି, ଇଶା ଲାଠିଆ, ସୋନୁ ହିଂଗୋରା, ଶୟଦ ହିଂଗୋରା ପ୍ରମୁଖ ଉପସ୍ଥିତ ଥିଲେ । ଆଜି ସନ୍ଧ୍ୟାରେ ମସଜିଦ ପରିସରରେ ବିହାରରୁ ଆସିଥିବା ମୁସଲିମ ଧର୍ମ ପ୍ରଚାରକ ସେୟାଦ ମଖମୁର ଜାମି ପ୍ରବଚନ ଦେଇଥିଲେ ।

Infosys Navigate your next | SGI Sustainable Green Initiative Foundation | INFINITE SOLUTIONS | Gold Standard Climate Security & Sustainable Development

**Newspaper Advertisement**

**Infosys Ltd,** in collaboration with the **Sustainable Green Initiative (SGI) Foundation** and with technical support from the carbon consultant **Infinite Environmental Solutions Limited**, is proposing the development of a Programme of Activity (PoA) titled "Agroforestry for Livelihoods and Climate Resilience in India: A Joint Initiative by Infosys and SGI Foundation" (GS23373). Under this PoA, a Voluntary Project Activity (VPA) titled "Agroforestry for Livelihoods and Climate Resilience in Odisha: A Joint Initiative by Infosys and SGI Foundation" (GS23374), will be implemented through targeted agroforestry plantation interventions. The project is intended to be registered as a voluntary carbon project under the Gold Standard framework. This initiative is expected to make substantial contributions to multiple Sustainable Development Goals (SDGs). As a part of Gold standard modalities and given the critical role of the local farmer community in ensuring the project's long-term success, it is important to gather their perspectives and address any concerns related to the present Voluntary Project Activity. Therefore, **a Stakeholder Consultation (Public Meeting) is scheduled as follows for**:

1. **Venue:** Kshatriya Samaj Bhawan, Ward No-1, in front of Khariar Autonomous College, RajKhariar, Nuapada, Odisha, India.
2. **Date:** 06/10/2025
3. **Time:** 11:00 AM

All concerned farmers and people are invited to attend the meeting. For any further clarifications on the project activity, please get in touch with our representative details given below. It should also be noted that people who would be unable to attend this meeting in person can send their concerns to the below E-mail ID.

**Contact Details:**

**Name:** Mr. Durgesh Raturi
**Organization:** SGI Foundation
**E-mail:** info@sgi.foundation
**Ph:** +91 7848969985

# ୨ ଛାତ୍ରୀ ନିଖୋଜ; ଜଣେ ଉଦ୍ଧାର

ଜୟପୁର,୫।୯ (ସମିସ): ଜୟପୁର ସହରର ଏକ ବେସରକାରୀ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ବିଦ୍ୟାଳୟର ୟୁନିଫର୍ମରେ ରହିଥିବା ବେଳେ ବିଦ୍ୟାଳୟ ନିକଟରୁ ନିଖୋଜ ହୋଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ଟାଉନ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଏହି ମାମଲାରେ କୁମୁଲିପୁଟ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ନିକଟରୁ ଜଣେ ନିଖୋଜ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଗୁରବାର କୁମୁଲିପୁଟ ଅଞ୍ଚଳର ଜଣେ ଏବଂ ଜୟପୁର ଅଞ୍ଚଳର ଜଣେ ଏହି ପରି ୨ଜଣ ଛାତ୍ରୀ ବିଦ୍ୟାଳୟ ଛୁଟି ହେବା ପରେ ବିଦ୍ୟାଳୟ ସମ୍ମୁଖରେ ଠିଆ ହୋଇଥିବା ସମୟରେ ଏକ କାରରେ ଯୋଗେ ହରଡାପୁଟ ଅଞ୍ଚଳର ସମୀର ହରିଜନ ନାମକ ଯୁବକ ସେଠାକୁ ଆଶି ଉଭୟଙ୍କୁ ଗାଡିରେ ବସାଇ ନେଇଯାଇଥିଲେ । ଛାତ୍ରୀଙ୍କ ପରିବାର ଲୋକ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରିବା ପରେ ତଦନ୍ତ ଆରମ୍ଭ କରିଥିଲେ । ଭୟଭୀତ ଯୁବକଙ୍କ ବାପା ଜୟପୁର ଅଞ୍ଚଳର ଝିଅକୁ ପେଟ୍ରୋଲ ପମ୍ପ ନିକଟରେ ଛାଡି ଚାଲି ଯାଇଥିଲେ । ଖବରପାଇ ପରିବାର ଲୋକେ ଝିଅକୁ ସେଠାରୁ ଆଣି ପୁଲିସକୁ ସୂଚନା ଦେଇଥିଲେ । ଉଦ୍ଧାର ଛାତ୍ରୀଙ୍କୁ ପଚରାଉଚୁରା କୁମୁଲିପୁଟ ଅଞ୍ଚଳର ଛାତ୍ରୀଙ୍କୁ ଉକ୍ତ ଯୁବକ ଭବାନୀପାଟଣା ଅଞ୍ଚଳକୁ ନେଇଥିବା ନେଇ ଜଣାପଡିଛି । ପ୍ରକାଶଯେ, ଗତକାଲି କ ନିଖୋଜ ଛାତ୍ରୀଙ୍କ ବାପା ଓ ସ୍ଥାନୀୟ ଲୋକ ଟାଉନଥାନାରେ ଏତଲା କରିଥିଲେ । କିନ୍ତୁ ପୁଲିସ ଏହାକୁ ଗ୍ରହଣ କରିନଥିଲେ ଏହାପରେ ଜୟପୁର ଏସିଡିପିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଏସଡିପିଓ ତୁରନ୍ତ ମାମଲା ରୁଜୁ ଏବଂ ତଦନ୍ତ କରିବା ନେଇ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।

# ବିଦ୍ୟୁତ୍ ଆଘାତରେ ଟଳିପଡ଼ିଲେ ଶ୍ରମିକ

ନନ୍ଦପୁର,୫।୯ (ସମିସ): ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରୁ ଟଳି ପଡ଼ିଲେ ଶ୍ରମିକ । ଏହି ଦୁଃଖଦ ଘଟଣା ଘଟିଛି କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଥୁ ବା ଗ୍ରାମ ପଞ୍ଚାୟତ ସଦର ମହକୁମା ଗ୍ରାମ ରେ କ୍ଷ ଖବର ରୁ ପ୍ରକାଶ ଯେ ଥୁବା ଗ୍ରାମରେ । ଜଣଙ୍କ ଘର କାର୍ଯ୍ୟ କରୁଥିବା ମିସ୍ତ୍ରୀ ଖଗପତି ବଡ ନାୟକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରୁ ପଡ଼ି ଯାଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ଭାନୁମତି ସରକାର

ଆବିର୍ଭାବ : ୦୧.୦୧.୧୯୨୯ । ତିରୋଧାନ : ୧୭.୦୯.୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ । ଆଜି ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ମା'ଅମ୍ବିକାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ ।

ଶୋକସନ୍ତପ୍ତ: ସରକାର ପରିବାର
ଭଞ୍ଜପୁର, ବାରିପଦା

# ବିଭିନ୍ନ ସ୍ଥାନରେ ଗୁରୁଦିବସ


















**ଜୟପୁର ୫।୯ (ସମିସ) :** ଜୟପୁର ସହର ଏବଂ ଆଖାପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ଏବଂ ପ୍ରତିଷ୍ଠାନଠାରେ ଗୁରୁଦିବସ ତଥା ଶିକ୍ଷକ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗା ପ୍ରସାଦ ପାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼, ଦେବେନ୍ଦ୍ର ପାଢ଼ୀ, ଶିକ୍ଷୟିତ୍ରୀ ପପିତା ପ୍ରଧାନ, ଆଦ୍ୟାଶକ୍ତି ପଣ୍ଡା, ବନିତା ଶତପଥୀ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଗୁରୁ ଦିବସର ମହତ୍ତ୍ୱ, ଗୁରୁ ଶିଷ୍ୟ ସମ୍ପର୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଶିକ୍ଷୟିତ୍ରୀ ସୁବର୍ଣ୍ଣ ଖିଲ କରୁଥିବା ବେଳେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଅରବିନ୍ଦ ନଗର ଓ ଶାରଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗଦିଶଚନ୍ଦ୍ର ସରକାରୀ ପୌର ଉଚ୍ଚ ବିଦ୍ୟାଳୟ, ଚନନ୍ଦବାଡ ଉଚ୍ଚ ବିଦ୍ୟାଳୟ, ପୌର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶିଷ୍ଟ ଶିକ୍ଷାବିତ୍ ସର୍ବପଲ୍ଲୀ ରାଧାକ୍ରିଷ୍ଣାନାନଙ୍କ ଜୟନ୍ତୀ, ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ସହରର ଘରୋଇ ବିଦ୍ୟାଳୟ ଏବଂ ଟ୍ୟୁଟରିଆଲ୍ ଏବଂ ଅନ୍ୟାନ୍ୟ ନୃତ୍ୟ, ସଂଗୀତ ଶିକ୍ଷାକେନ୍ଦ୍ରରେ ଗୁରୁ ଦିବସ ପାଳିତ ହୋଇଯାଇଛି।

**କୋରାପୁଟ :** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ଗୁରୁଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଲୋଚନା ଘୋଷ ଯୋଗଦେଇ ଗୁରୁ ଶିଷ୍ୟର ମହାନ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୁ ଦତ୍ତ ମହାପାତ୍ର, ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର. ଉପସଭାପତି ପ୍ରଭାକର ଦାସ, ଯୁଗ୍ମ ସମ୍ପାଦିକା ସସ୍ମିତା ବେହେରା ଓ ସଦସ୍ୟା ସୁମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚ ାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ଘୋଷଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ କାମାକ୍ଷୀ ପ୍ରସାଦ ପାଢୀ, ଶିବ ଶଙ୍କର ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ ଓ ଦିଲ୍ଲୀପ କୁମାର ସାହୁଙ୍କୁ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ସେହିପରି ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ଗୁରୁ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ଅଧ୍ୟକ୍ଷା ଅତସି ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

**ନନ୍ଦପୁର :** ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମପୁଟ ହାଇସ୍କୁଲରେ ଗୁରୁଦିବସ ପାଳିତ ହୋଇଛି। ମାଟ୍ରିକ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ କୌସ୍ତବ ଚୌହାନଙ୍କୁ ଆଦର୍ଶ ଶିକ୍ଷକ ଭାବେ ଅତିଥି ମାନେ ସମ୍ମାନିତ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଦ୍ଧଦେବ ବିଦ୍ୟାପୀଠର ସମ୍ପାଦକ କାଶୀନାଥ ଗୋଲରି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଧନୁର୍ଯ୍ୟୟ ମୁଦୁଲି, ପ୍ରେସ କ୍ଲବ ସଭାପତି ତ୍ରିନାଥ ଖରା, ସାମ୍ବାଦିକ ରମେଶ ଅଧିକାରୀ, ଉପ ସଭାପତି ବିମଳ ରାଓ ସ୍ୱିତ , ସମିତି ସଭ୍ୟା ପ୍ରମିଳା ବଡ ନାୟକ,କୋଷାଧ୍ୟକ୍ଷ ଶଙ୍କର ପାଙ୍ଗି, ସାମୁ ଏ ଲ ଖେମୁଣ୍ଡୁ ଶିକ୍ଷୟତ୍ରୀ ରାଧିକା ଭୋଇ, ରାଜଲକ୍ଷ୍ମୀ ଛୋଟ ରାୟ, ରାମା ରାଓ ତାଲ ମାରି, ପ୍ରମୁଖ ଯୋଗ ଦେଇଥଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର କର ପ୍ରାରମ୍ଭିକ ସୂଚନା ସହ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟତ୍ରୀ ଗିରି ବାଲା ତ୍ରିପାଠୀ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ କର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୁରୁଦିବସ ଅବସରରେ କୋରାପୁଟ ଜିଲ୍ଲା ୩୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପୁରସ୍କୃତ ହୋଇଥିବା ବେଳେ ସେଥିମଧ୍ୟରୁ ନନ୍ଦପୁର ବ୍ଲକରୁ ଦୁଇ ଶିକ୍ଷକ ମଧ୍ୟ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଗୋପାଳ ବେହେରା । ଅନ୍ୟ ଜଣେ ଶିକ୍ଷକ ହେଲେ ପ୍ରାଥମିକ ଶିକ୍ଷକ ଶ୍ୟାମ ସୁନ୍ଦର ଟଙ୍ଗୀ । ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ ଶିକ୍ଷା ଅଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ଗୁରୁନାଥ ମାଝୀ, ମାମତାଜ ଗମାଙ୍ଗଙ୍କ ସମେତ ବ୍ଲକର ବୁଦ୍ଧିଜୀବୀ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଡାବୁଗାଁ :** ଡାବୁଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଗୁରୁଦିବସ ପାଳନ ହୋଇଥିଲା। ଛାତ୍ରୀ ମାନେ ଶିକ୍ଷୟତ୍ରୀ, ଶିକ୍ଷକ ମାନଙ୍କୁ ପୁଷ୍ପଗୁଛ ଓ ଉପହାର ପ୍ରଦାନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସ ଗୁରୁଦିବସ ବିଷୟରେ ଛାତ୍ରୀ ମାନଙ୍କୁ କହିବା ସହିତ ଗୁରୁ ମାନଙ୍କୁ ଭକ୍ତି କରି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଆରତୀ ବିଷୋୟୀ, ଅନୁଶ୍ରୀ ଗୋଲଦାର, ସିଗ୍ମା ସାହୁ, ସୁନାମଣି ପୂଜାରୀ, ସୁନୀତା କୁମାରୀ ତ୍ରିପାଠୀ, ସୁପ୍ରିୟା ମହାକୁଡ଼, ଶିକ୍ଷକ ମହେଶ୍ୱର ନାଥ, ସନ୍ତୋଷ କୁମାର ପଣ୍ଡା, ବିଭାସ ମହାପାତ୍ର, ମନୋଜ କୁମାର ବାଘ, ସୌମ୍ୟ ରଂଜନ ନାୟକ ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ। ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟରେ ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଛି।

**ନବରଙ୍ଗପୁର :** ସ୍ଥାନୀୟ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠାନର ମୁଖ୍ୟ ତଥା ଅଧକ୍ଷ ରବି ଶଙ୍କର ସାହୁଙ୍କ ସଭାପତିତ୍ୱରେ ଗୁରୁ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ , ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମନମୋହନ ପଟ୍ଟନାୟକ ଯୋଗ ଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବ୍ୟକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁ, ଗୁରୁମା ସହଯୋଗ କରିଥିଲେ।

**ପାପଡାହାଣ୍ଡି :** ପାପଡାହାଣ୍ଡି ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ ପର୍ଣ୍ଣଚନ୍ଦ୍ର ଗୁହାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ପାତ୍ର, ବିଦ୍ୟାଳୟର ଉପସଭାପତି ଭି ଶ୍ରୀନିବାସ ରାଓ, ସମସ୍ତ ଗୁରୁଜି, ଗୁରୁମା, ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଗୁରୁଦିବସ ପାଳିତ ହୋଇଯାଇଛି। ସମସ୍ତ ଛାତ୍ର ଛାତ୍ରୀ ଅତିଥି, ଗୁରୁଜି, ଗୁରୁମାଙ୍କୁ ଚରଣ ବନ୍ଦନା ପୂଜା କରି ଆର୍ଶୀବାଦ ଗ୍ରହଣ କରିଥିେ। ମୁଖ୍ୟ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ଉପଢ଼େøକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ଥିତ ସାଂଗାନା ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପାଦ ଧୋଇ ପାଛୋଟି ନେବା ପରେ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଛାତ୍ର ଚରିତ୍ର ଗଠନ ରେ ଶିକ୍ଷକଙ୍କ ଭୂମିକ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସୁଜିତ କୁମାର ସାମଲ ଛାତ୍ର ଛାତ୍ରୀ ଓ ଶିକ୍ଷକଙ୍କ ସମାଜ ଗଠନରେ ଭୂମିକା ଉପରେ ବକ୍ତବ୍ୟ ରଖିଥିବା ବେଳେ ରାଜେଶ୍?ରି ଲବ୍ଲା ଛାତ୍ର ଛାତ୍ରୀଙ୍କୁ ସୁନାଗରିକ କରି ଗଢ଼ି ତୋଳିବାରେ ଶିକ୍ଷକଙ୍କ ଭୂମିକା ଦର୍ଶାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଶିକ୍ଷୟତ୍ରୀ ଜେଶ୍ମା ପଣ୍ଡା, ସୁନୀତା ସାହୁକାର, କସ୍ତୁରୀ ଶବର,ମାଧୁରୀ ଲେଙ୍କା, ସୁକାନ୍ତ ଯାଦବ, ଆଶୀର୍ବାଦ ନାୟକ,ପ୍ରିୟଙ୍କା ବିଷୋୟୀ, ଅଶେଷ କର୍ଜୀ, ସୁରଜ ନାୟକ, ରୋଜାଲିନ ସ୍ୱାଇଁ, ମମତା ମହାନ୍ତି ପ୍ରମୁଖ ଛାତ୍ର ଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ କସ୍ତୁରୀ ଗୋପେ,ଦୀପିକା ସୀସା,ମଞ୍ଜୁରୀ ଖୋସଲା,ବାବୁଲା ମଣ୍ଡୀଙ୍ଗା,ଅଂଶୁମାନ ଦଳେଇ ସଭା ପରିଚାଳନା କରିଥିବା ବେଳେ ମେଗ୍ଲିନ ଡୁରୁକ୍, ଗାୟତ୍ରୀ ସିନେମା ରେ‡ୀ,ଗଜେନ୍ଦ୍ର ପିଲେନ୍ତି ପ୍ରମୁଖ ସହଯୋଗ କରିଥିଲେ। ସଂଯୁକ୍ତା ଟୁରୁକ୍ ସମସ୍ତ କର୍ଯ୍ୟରେ ସହଯୋଗ କରିଥିଲେ।

**ସେମିଳିଗୁଡା :** କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ଆମ କଲେଜ ଆମ ଗୌରବ କାର୍ଯ୍ୟକ୍ରମ ଅଧୀନରେ ସ୍କାଉଟ ଗାଇଡର ରେଞ୍ଜର ରୋଭର୍ ଲିଡର ଶ୍ରୀ ନିରଂଜନ ପୋଡ଼, ଲିଡର ଶ୍ରୀମତୀ ରତ୍ନମଣି କହଁର, ରେଡକ୍ରସର ସଦସ୍ୟ ଓ କାର୍ଯ୍ୟକ୍ରମ ଅଧିକାରୀ ଶିବାଶିଷ ପଟ୍ଟନାୟକ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରମେଶ କୁମାର ମଲ୍ଲିକଙ୍କ ମିଳିତ ସହଯୋଗରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପଣ୍ଡା ଏବଂ ଶିକ୍ଷୟିତ୍ରୀ ସେହେନାଜ୍ ବେଗମ୍ ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଅନ୍ୟତମ ଅତିଥି ଶିକ୍ଷୟତ୍ରୀ ସେହେନାଜ୍ ବେଗମ୍ ପୈଗାମ୍ବର ମହମ୍ମଦଙ୍କ ଜୀବନୀ ଓ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ଡ.ଖାନ୍ ସୀ ସିଂହ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଓ ପୈଗାମ୍ବର ମହମ୍ମଦଙ୍କ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନର ଛାତ୍ର ଇ. ଶୁଭଙ୍କର ସ୍ୱର୍ଣ୍ଣପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ସଂପର୍କରେ ଆଲୋଚନା କରିଥିଲେ। ସଭାମଞ୍ଚରେ ଡ. ଶୁଭ୍ରାଂଶୁ ସୁନ୍ଦର ଦାସ, ଦେବରାଜ ନାୟକ ଉପସ୍ଥିତ ଥିଲେ। ସଭା ଶେଷରେ ଅଧ୍ୟାପିକା ଡ଼ ଗୀତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗରେ ଯଥା ରାଜନୀତି ବିଜ୍ଞାନ, ଇତିହାସ, ଅର୍ଥନୀତି,ରସାୟନବିଜ୍ଞାନ, ପ୍ରାଣୀବିଜ୍ଞାନ, ମନୋ ବିଜ୍ଞାନ,+ଦୁଇ ବିଜ୍ଞାନର ଛାତ୍ର ଛାତ୍ରୀ ମଧ୍ୟ ନିଜ ନିଜ ଶ୍ରେଣୀ ଗୃହରେ ଗୁରୁ ଦିବସ ପାଳନ କରିଥିଲେ। ଅଧ୍ୟାପକ ଡ଼ ପ୍ରିତିଶ ବେହେରା, ଡ଼ ଅଲେଖ ପ୍ରସାଦ ପଣ୍ଡା, ଡ଼ ରମେଶ ମଲ୍ଲିକ, ଶ୍ରୀମତୀ ରୋନାଲି ନାୟକ, ଶ୍ରୀପତି ଗିରି, ଶ୍ରୀମତୀ ଅମିତା ଦାସ,ଚିତ୍ତରଞ୍ଜନ ଦାସ ଇତ୍ୟାଦି ଏହାର ନେତୃତ୍ୱ ନେଇଥିଲେ।

**କୁନ୍ଦୁରା :** କୁନ୍ଦୁରା ସଦର ମହକୁମା ସ୍ଥିତ ଶିକ୍ଷକ ଭବନ ଠାରେ ବ୍ଲକ ସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। କୁନ୍ଦୁରା ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟାଳୟରେ ମୁଖ୍ୟ ଅତିଥିଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଶିକ୍ଷକ ସର୍ବଦା ନିଜକୁ ଜାଳି ଅନ୍ୟକୁ ଆଲୋକିତ କରିଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରଘୁନାଥ ପଙ୍ଗୀ, ବ୍ଲକ ଉପାଧକ୍ଷ ତରୁଣୀ ସେନା ବିଶୋଇ, ସ୍ଥାନୀୟ ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମଦର ଗଣ୍ଡ, ଏବିଇଓ ପାପେୟା ବେହେରା, ନବରଙ୍ଗପର ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ଶିକ୍ଷକ ସଙ୍ଘ ସମ୍ପାଦକ ମୋହନ ରାଓ, ଜିଲ୍ଲା ସ୍ତରୀୟ ବିଧାୟକ ପ୍ରତିନିଧି ବିନାୟକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅବସର କାଳୀନ ଶିକ୍ଷକ ନିମାଇ ଚରଣ ବେହେରା, ହରିଶ୍ଚନ୍ଦ୍ର ହୋତା, ନକୁଳ ଚନ୍ଦ୍ର ପ୍ରଧାନ, ଓ ଶିକ୍ଷୟତ୍ରୀ ସୁବାସିନୀ ମଣିପାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଉପଢ଼ୋକନ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶିକ୍ଷକ ଅଶୋକ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ, ପୂର୍ବରୁ ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ, ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା,ସ୍ଥାନୀୟ ବୁଦ୍ଧିଜିବୀ ବୃନ୍ଦାବନ ପାତ୍ରଙ୍କ ସମେତ ୪୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସୁରେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

**ପଟ୍ଟାଙ୍ଗି :** ଗୁରୁଦିବସ ଅବସରରେ କୋରାପୁଟ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜନ କରାଯାଇଥିବା କାର୍ଯ୍ୟକ୍ରମର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ,ପୁକାଲିର ସାହିତ୍ୟ ଶିକ୍ଷୟିତ୍ରୀ ନାମିତ ଖରା ଏବଂ ଶାରୀରିକ ଶିକ୍ଷକ ଅର୍ଜୁନ କୁମାର ଦାସ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ,କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ୍ ପବିତ୍ର ସାଉନ୍ତା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ପୁରସ୍କାର ପାଇଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପଶିଖା ବେହେରା ଏବଂ ଅଞ୍ଚଳବାସୀ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି।

**ବେହେରକ :** ନବରଙ୍ଗପୁର ଶିକ୍ଷା ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡ଼ା ଗ୍ରାମପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେହେଡ଼ା ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ। ଗୁରୁଜୀ ଓ ଗୁରୁମା ମାନଙ୍କୁ ପୁଷ୍ପ ଗୁଚ୍ଛ ଦେବା ସହ ଉତ୍ତରୀୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ଅଧକ୍ଷ ବିଧାନ ବିଶ୍ୱାସ ଗୁରୁଦିବସ ସମ୍ପର୍କରେ କହିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ସୁନ୍ଦର କାର୍ଯ୍ୟକ୍ରମ କୌତୁହଳ ଗେମ୍ ବିସ୍କୁଟ ଖାଇବା, ଧୋତି ପିନ୍ଧିବା, ବଲ ଖେଳିବା ଓ ମ୍ୟୁଜିକ ଚେୟାର ଖେଳ ପ୍ରତିଯୋଗିତା କରାଯାଇଥିଲା। ଆଜିର ଏହି ଦିନରେ ଗୁରୁ ଓ ଶିଷ୍ୟ ଏକାଠି ମିଶି ଖେଳ ଖେଳିବାର ଆନନ୍ଦ ପାଇଥିଲେ। ଶେଷରେ ମିଷ୍ଟାନ୍ନ ବଣ୍ଟନ କରି ଧନ୍ୟବାଦ ଦେଇ ଆଜିର କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା।

**ପାପଡାହାଣ୍ଡି :** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଲାଲ ବାହାଦୂର ଉଚ୍ଚବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ଗୁରୁଦିବସ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରତିକାନ୍ତ ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କୋଷାଗୁମୁଡ଼ା ମଣ୍ଡଳ ଶିକ୍ଷାଧିକାରୀ ତଥା ଏହି ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ସମରେନ୍ଦ୍ର ଭୌମିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ ରାଜ୍ୟ ସଭାପତି ରମଣୀ ରଂଜନ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ ।ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଂଯୋଜକ ଜଗନ୍ନାଥ ମାଝୀ , ଜିଲ୍ଲା ମହିଳା ସଂଯୋଜିକା ପ୍ରତିମା କୁମାରୀ ଯାଦବ, ପୂର୍ବତନ ଶିକ୍ଷକ ଶିବ ପ୍ରସାଦ ପାତ୍ର, ମାଧବୀ ପରିଚ୍ଛା, ବାରୁଣୀ ପୂଜାରୀ, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ। ଗୁରୁଦିବସ ପାଳନ ଅବସରରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାସହ ସ୍ମୃତିଚାରଣ କରାଯାଇଥିଲା। ଗତ ଦିନରେ ସରକାରୀ ସେବାରୁ ଅବସର ନେଇଥିବା ବ୍ଲକ ଶିକ୍ଷକ ସଂଘ ସଭାପତି ସୁଦର୍ଶନ ମାଝୀ, ସଞ୍ଜୀବ କୁମାର ପଣ୍ଡା,ପୁଣ୍ୟମୟୀ ଉଝେ,ସୂତମ ଜାନୀ, ବିଜୟ କୁମାର ଦାସ,ଏ.ଏମ.ଏସ ଖୁରା ପ୍ରମୁଖ ଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ? ରମେଶ କୁମାର ପାଣିଗ୍ରାହୀଙ୍କ ଝିଅ ଉପଢୌକନ ଓ ମାନପତ୍ର ଗ୍ରହଣ କରିଥିଲେ। ରାଜେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**ତେନ୍ତୁଲିଖୁଣ୍ଟି :** ସ୍ଥାନୀୟ ତେନ୍ତୁଲିଖୁଣ୍ଟି ସ୍ଥିତ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକ ସଙ୍ଘ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଗୁରୁଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆମ ସଂସ୍କୃତିକୁ ବଞ୍ଚାଇ ରଖିବା ଗର୍ବର ବିଷୟ ବୋଲି ମତ ରଖିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମଲ୍ଲିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚରଣ ସାହୁ, ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଏବିଇଓ ମୋହନ ମଧୁସୂଦନ ବାଗ, ଏବିଇଓ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ନୋଡାଲ ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆନନ କୁମାର ଭତରା ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥାପିକା ସୁନନ୍ଦିନୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଅବସର ଗ୍ରହଣ କରିଥିବା ୧୩ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେହିପରି ୧୪୦ ଗୋଟି ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କୁ ଗୁରୁ ଦିବସ ଅବସରରେ ସମ୍ବର୍ଦ୍ଧନା କରାଯାଇଥିଲା। ତେନ୍ତୁଲିଖୁଣ୍ଟି ବ୍ଲକରେ ଶିକ୍ଷକ ମାନଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ନିଆରା ଢଙ୍ଗରେ ଗୁରୁ ଦିବସ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଶେଷରେ ବାପୁଜୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଏବିଇଓ ଶ୍ରୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

**ନାରାୟଣପାଟଣା :** ନାରାୟଣପାଟଣା ବ୍ଲକ ସ୍ଥିତ ସମସ୍ତ ଶିକ୍ଷାନୁଷ୍ଠାନରେ ଆଜି ଗୁରୁଦିବସ ପାଳିତ ହୋଇଛି। ଆଶା ପବ୍ଲିକ ଇଂରାଜୀ ମିଡ଼ିଅମ ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆଜି ଗୁରୁ ଦିବସ ପାଳନ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇଥିଲା। କେ .କାମେଶ୍ୱର ପଟ୍ଟନାୟକ ,ଅବନୀ ରଂଜନ ମିଶ୍ର ,କୃଷ୍ଣଚନ୍ଦ୍ର ପାଢ଼ୀ, ନାରାୟଣ ବୈଦ୍ୟ, ପ୍ରତାପ ଚନ୍ଦ୍ର ରଥ ପ୍ରମୁଖ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପ୍ରଦୀପ ପଣ୍ଡା , କୋଷାଧ୍ୟକ୍ଷ ଗଣେଶ ଦୋରା ,ଏନ୍ ବିନୋଦ ,ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ମହାନ୍ତି ସମେତ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ। ସେହିପରି ଆଶ ପବ୍ଲକ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ବିଭିନ ପ୍ରତିଯୋଗିତା କରାଯାଇ କୁନି ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଅନୁଷ୍ଠାନର ସଭାପତି କେ ସାୟା ରାଜୁ, ଦୟାନିଧି ପ୍ରଧାନଙ୍କ ଦ୍ୱାରା ଦିଆଯାଇଥିଲା।

**କୋରାପୁଟ :** କୋରାପୁଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁ ବିନା ଶିଷ୍ୟ ର ଭବିଷ୍ୟତ ଅନ୍ଧକାର ମୟ। ଗୁରୁ ଶିଷ୍ୟର ଅତୁଟ ସମ୍ପର୍କ କର ପରମ୍ପରା କୁ ବଞ୍ଚାଇ ରଖିବା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମହାନ୍ତି ଛାତ୍ରଛାତ୍ରୀ ମାନଙ୍କୁ ଅହ୍ୱାନ ଦେଇଥିଲେ। ଏହି ଦିବସ ଅବସରରେ ବିଦ୍ୟାଳୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗତ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ଗଙ୍ଗାବାଇ ପଟ୍ଟନାୟକ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଚନ୍ଦାହାଣ୍ଡି :** ନବରଙ୍ଗପୁର ପିଏମ ଶ୍ରୀ ଆରସିଡି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗ୍ୟ ବିବେଚିତ ଶିକ୍ଷକ ମଧ୍ୟରୁ ଚନ୍ଦାହାଣ୍ଡି ବ୍ଲକ ଅଧୀନ ଭେଣ୍ଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଏଲମେଣ୍ଟାରୀ ଶିକ୍ଷକ ମନୋହର ଜଗତଙ୍କୁ ଅତିଥିଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ପାଠ ପଢା ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବା, ଗୁଣାତ୍ମକ ଶିକ୍ଷା ପାଇଁ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି ଓ ଉତ୍ତମ ବ୍ୟବହାର ଯୋଗୁଁ ସେ ସୁନାମ ଅର୍ଜନ କରିଛନ୍ତି।
















# ସମ୍ପାଦକୀୟ



ସମାଜ ଉପରେ ସାମାଜିକ ଗଣମାଧ୍ୟମର ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବା ପାଇଁ ଖୁବ୍‌ଶୀଘ୍ର ପ୍ରଭାବଶାଳୀ ନିୟାମକ ଆସିବା ଆବଶ୍ୟକ ।
-ଏଲନ୍ ମସ୍କ

ସକାଳ
THE SAKALA

## ଉପଯୋଗୀ ଇଥାନଲ୍

ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବିରୋଧରେ ଅଦାଲତରେ କରାଯାଇଥିବା ଆବେଦନ ଖାରଜ ହୋଇଯାଇଛି । ଏପ୍ରକାର ଇନ୍ଧନ ପାଇଁ ପ୍ରଚଳିତ ମୋଟର ଇଞ୍ଜିନ ଉପଯୋଗୀ ହୋଇନଥିବାରୁ ତାହାର ପ୍ରତିକୂଳ ପ୍ରଭାବ ଅନୁଭୂତ ହେଉଛି ଏବଂ ଗାଡ଼ିର ମାଇଲେଜ ମଧ୍ୟ ହ୍ରାସ ପାଉଛି ବୋଲି ଅଭିଯୋଗ କରି ଉପରୋକ୍ତ ଆବେଦନ କରାଯାଇଥିଲା । ଏହି ପ୍ରସଙ୍ଗରେ କେତେକ ରାଜନୈତିକ ବିବାଦ ଥିବା ଚର୍ଚ୍ଚା ହେଉଛି । ସେବେ ସବୁର ଊର୍ଦ୍ଧ୍ୱରେ ବିଚାର କଲେ ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ପରିବେଶ ପ୍ରଦୂଷଣ ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ନିଶ୍ଚୟ । ବର୍ଦ୍ଧିତ ଯାନବାହନ ଚଳାଚଳରୁ ନିର୍ଗତ ଅଙ୍ଗାର (କାର୍ବନ) ବାୟୁପ୍ରଦୂଷଣର ମୁଖ୍ୟ କାରଣ । ଏଭଳି ଏକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବିଶ୍ୱ ସମୁଦାୟ ବିକଳ୍ପ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବା ସ୍ୱାଭାବିକ । ଆଖୁ ଓ ମକାରୁ ପ୍ରସ୍ତୁତ ଇଥାନଲ ଜଳେଣୀରୁ କାର୍ବନ ଓ ମନୋକ୍ସାଇଡ ଭଳି ଅନ୍ୟ ପ୍ରଦୂଷଣ ସୃଷ୍ଟିକାରୀ ବାୟୁ ନିର୍ଗମନ ହେଉ ନ ଥିବାରୁ ପେଟ୍ରୋଲରେ ତାହାର ୨୦ ପ୍ରତିଶତ (ଇ୨୦) ମିଶ୍ରଣକୁ ଏକ ଗ୍ରହଣଯୋଗ୍ୟ ପ୍ରସ୍ତାବ ରୂପେ ମାନ୍ୟତା ମିଳିଛି । ରାଜଧାନୀ ଦିଲ୍ଲୀର ବାୟୁପ୍ରଦୂଷଣ ଏକ ବିପଦଜ୍ଜନକ ସ୍ଥିତିରେ ଅଛି । ସେଠାରେ ଅପେକ୍ଷାକୃତ ଅଧିକ ଯାନବାହାନ ଚଳାଚଳ କରୁଥିବାରୁ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବାହାର ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି । ଏବେ ସୁପ୍ରିମକୋର୍ଟଙ୍କ ରାୟ କାର୍ଯ୍ୟକାରୀ ହେବା ପରେ ଅଙ୍ଗାର ନିର୍ଗମନ ହ୍ରାସ ପାଇବା ସହିତ ସରକାର ଇ୨୦ ଇନ୍ଧନ ବ୍ୟବହାର ମାଧ୍ୟମରେ ବର୍ଷକୁ ୪ ବିଲିୟନ ଡଲାର ସଞ୍ଚୟ କରିବେ ।

ଏଠାରେ କିନ୍ତୁ ଆଉ ଦୁଇଟି ପ୍ରସଙ୍ଗ ଆମକୁ ବିବ୍ରତ କରୁଛି । ରୁଷରୁ ସରକାର ଶସ୍ତାରେ ଅଶୋଧିତ ତୈଳ ସଂଗ୍ରହ କରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରାଗଭାଜନ ହୋଇଛନ୍ତି । ଅନ୍ୟପକ୍ଷରେ ଇଥାନଲର ଲିଟର ପିଛା ମୂଲ୍ୟ ୬୦ ରୁ ୬୫ ଟଙ୍କା । ଏହି ଦୁଇଟି ଦିଗକୁ ବିଚାର କରି ପେଟ୍ରୋଲ ମୂଲ୍ୟ ହ୍ରାସ କରାଯିବା ଜରୁରୀ ନୁହେଁକି ? ଅଥଚ ଲିଟର ପିଛା ମୂଲ୍ୟ ସେହି ଶହେଟଙ୍କାରେ ଅପରିବର୍ତ୍ତିତ ରହିଛି । ଦ୍ୱିତୀୟରେ ଇଥାନଲ ଉତ୍ପାଦନର ଚାହିଦା ବୃଦ୍ଧି ସହିତ ଆଖୁ ଓ ମକା ଚାଷ କରୁଥିବା ଚାଷୀଙ୍କ ସକାଶେ ଅତିରିକ୍ତ ଆୟ ବା ଉପାର୍ଜନର ସୁଯୋଗ ଆସିବ ସତ, କିନ୍ତୁ ଅତିରିକ୍ତ ଲାଭ ସକାଶେ ଚାଷୀ ଯଦି ଇଥାନଲ ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେବେ ତେବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ । ବଜାରରେ ଆଖୁ ଓ ମକାର ଯେଉଁ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ ତାହା ମୂଲ୍ୟ ବୃଦ୍ଧି ପାଇଁ ବାଟ କଢ଼ାଇନେବେ । ସାଧାରଣ ଖାଉଟି ଉଭୟ ଦୃଷ୍ଟିରୁ କ୍ଷତି ସହିବେ । କାରଣ ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୨୦୩୦ ସୁଦ୍ଧା ଦେଶର ଚାହିଦା ପୂରଣ ପାଇଁ ୧୫୦୦ କୋଟି ଲିଟର ଇଥାନଲ ଉତ୍ପାଦନ କରିବାକୁ ହେବ ।

ଯାହା ବି ହେଉ ଏହାକୁ ଅସ୍ୱୀକାର କରିହେବ ନାହିଁ ଯେ ଆଜିର ଦିନରେ ଓ ଭବିଷ୍ୟତ ପାଇଁ ଇଥାନଲ୍ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଆମଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ୨୦୧୩-୧୪ ରୁ ଆରମ୍ଭ ହୋଇଛି । ୧.୫ ଶତାଂଶ ମିଶ୍ରଣ ଅନୁପାତ କ୍ରମେ ବୃଦ୍ଧି ପାଇ ୨୦ ଶତାଂଶରେ ପହଞ୍ଚିଛି । ୨୦୩୦ରେ ଏହି ଅନୁପାତ ୩୦ ଶତାଂଶକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି । ଆମେ ଏହି ପ୍ରୟୋଗ ଆରମ୍ଭ କରିବା ପୂର୍ବରୁ ବ୍ରାଜିଲ ସମଗ୍ର ବିଶ୍ୱକୁ ବାଟ ଦେଖାଇଥିଲା । ଏବେ ଆମେରିକା ମଧ୍ୟ ଏହି ପଦ୍ଧତିକୁ ଅନୁସରଣ କରୁଛି । ଯଦି ଆମ ଦେଶରେ ଏହି ବ୍ୟବସ୍ଥା ୧୦ ନିୟୁତ ଟନ ଅଙ୍ଗାରକାମ୍ଳ ନିର୍ଗମ ହ୍ରାସ କରିବାରେ ସହାୟକ ହେବ ତାହାକୁ ଆମେ ଏକ ଚମତ୍କାରିତା ଭାବେ ମାନିନେବା ।

## ବସ୍ତାନି ବୋଝ

ପ୍ରଚଳିତ ଶିକ୍ଷା ଅବସ୍ଥାର ଭିତ୍ତିଭୂମି ଏତେ ଦୁର୍ବଳ ହୋଇଯାଇ ଯେ ତଥାକଥିତ ସଂସ୍କାରର କୌଣସି ପ୍ରଭାବ ଅନୁଭୂତ ହେଉନାହିଁ । ସରକାରୀ ଓ ବେସରକାରୀ ସ୍ତରରେ ପରିଚାଳିତ ବିଦ୍ୟାଳୟର ଶୈକ୍ଷିକ ଢାଞ୍ଚା ସେମିତି ଅପରବର୍ତ୍ତିତ ରହିଛି । କେଉଁଠି ଆଦୌ ପାଠପଢ଼ା ହେଉନାହିଁ ତ ଆଉ କେଉଁଠି ଶିକ୍ଷା ନାମରେ ବ୍ୟବସାୟିକ ଦୃଷ୍ଟିଭଙ୍ଗୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଆମେ ଏଠାରେ ପବ୍ଲିକ ସ୍କୁଲ ବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂପର୍କରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରୁଛୁ । ସେଠାରେ ଦୈନନ୍ଦିନ ୮ଟି ବିଷୟରେ ପାଠପଢ଼ା ପାଇଥିବାରୁ ସେହି ବିଷୟର ପୁସ୍ତକ ଓ ତତ୍‌ସଂଲଗ୍ନ ଏକାଧିକ ନୋଟବୁକ୍ ସାଙ୍ଗରେ ନେଇ ବିଦ୍ୟାଳୟକୁ ଯିବାର ବାଧ୍ୟବାଧ୍ୟକତା ପିଲାଙ୍କ ଉପରେ ଲଦି ଦିଆଯାଇଛି । ବସ୍ତାନି ଭାର ଏତେ କଷ୍ଟଦାୟକ ଯେ ପିଲାଙ୍କୁ ବିଦ୍ୟାଳୟକୁ ନେବା ଆଣିବା କରୁଥିବା ଅଭିଭାବକଙ୍କୁ ହିଁ ବହନ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ । ବସ୍ତାନି ବୋଝ ପିଲାଙ୍କ ଶାରୀରିକ ଅଭିବୃଦ୍ଧିରେ ବାଧକ ସାଜିଛି । ଅଧିକାଂଶ ଆଗକୁ ଝୁଙ୍କି ଚଳପ୍ରଚଳ କରୁଥିବାରୁ ସେମାନଙ୍କ ପିଠି ବଙ୍କା ହୋଇଯିବା ସହ କାନ୍ଧ ଓ ବେକରେ ଅସମ୍ଭବ ଯନ୍ତ୍ରଣା ହୋଇଥାଏ । ସେମାନଙ୍କ ମେରୁଦଣ୍ଡ ଉପରେ ମଧ୍ୟ ଗୁରୁତର ପ୍ରଭାବ ପଡୁଥିବାର ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନରେ ପ୍ରକାଶିତ ତଥ୍ୟାନୁସନ୍ଧାନ ରିପୋର୍ଟରୁ ଜଣାପଡ଼ିଛି ।

ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପ୍ରତି ବିପଦ ସୃଷ୍ଟିକାରୀ ଏହି ବ୍ୟବସ୍ଥାରେ ଯେ ପରିବର୍ତ୍ତନ ଜରୁରୀ ଏକଥା ସମସ୍ତେ ଅନୁଭବ କରୁଥିଲେ ମଧ୍ୟ ତାହା ଅପରିବର୍ତ୍ତିତ ରହିଛି । ଭାର ବହନ କରିବାର କ୍ଷମତା ପୁଅଙ୍କ ଠାରୁ ଝିଅମାନଙ୍କ କମ୍ ଥିବାରୁ ଏହି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଛାତ୍ରୀମାନେ । ରିପୋର୍ଟରୁ ପ୍ରକାଶ ଯେ ପିଲାଙ୍କ ଶରୀରର ଓଜନର ୧୫ ରୁ ୨୫ ପ୍ରତିଶତ ଭାର କାନ୍ଧରେ ବହନ କରିଥା'ନ୍ତି । ଅନେକ କ୍ଷେତ୍ରରେ ଘରକୁ ଫେରିବା ପର୍ଯ୍ୟନ୍ତ ସେହି ବସ୍ତାନି ବୋଝ ପିଲାଙ୍କ କାନ୍ଧରେ ରହିଥାଏ । ପିଲାଙ୍କ ନିୟମିତ ଅସୁସ୍ଥତା ଓ ପାଠପଢ଼ା ପ୍ରତି ଅମନଯୋଗୀ ହେବା ପଛରେ ଏହି ବ୍ୟାଗ ବୋଝ ଅନେକାଂଶରେ ଦାୟୀ । ସଚେତନ ଅଭିଭାବକଙ୍କ ପକ୍ଷରୁ ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ କ୍ରମାଗତ ଆପତ୍ତି ଦର୍ଶାଯାଉଥିଲେ ମଧ୍ୟ କୌଣସି ପ୍ରତିକାର ନହେବା କ୍ଷୋଭର ବିଷୟ ।

ସମୟାନୁସାରେ ପାଠ୍ୟକ୍ରମ ଶେଷ ହେଉନଥିବାରୁ କୌଣସି ପ୍ରକାରେ ଶିକ୍ଷକ କିଛି ନୋଟ ଡାକି ଦାୟିତ୍ୱ ତୁଲାଉଥିବାର ଲକ୍ଷ୍ୟ କରାଯାଉଛି । ତେଣିକି ପିଲା ଖାତାରେ କ'ଣ ଲେଖିଲା ତାହା ଯାଞ୍ଚ କି ସଂଶୋଧନ ହୁଏ ନାହିଁ । ଏ ସଂପର୍କରେ ଅଭିଭାବକ ଆପତ୍ତି ଦର୍ଶାଇଲେ ତାଙ୍କ ପିଲା ଅକ୍ରୋଶର ସମ୍ମୁଖୀନ ହୁଏ । ତେଣୁ ବିଦ୍ୟାଳୟ ଅପେକ୍ଷା ପିଲାଙ୍କ ଟ୍ୟୁସନ ଉପରେ ଦିନକୁ ଦିନ ନିର୍ଭରଶୀଳତା ବୃଦ୍ଧି ପାଉଛି । ଏସବୁକୁ ଯାଞ୍ଚ କରିବା ସକାଶେ ଆମ ବ୍ୟବସ୍ଥାରେ କିଛି ସୁଯୋଗ ନାହିଁ । ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉନ୍ନତ ହାରର ଫଳାଫଳର ପ୍ରଚାର କରି ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଆକର୍ଷିତ କରିଥା'ନ୍ତି । ହେଲେ ସେଥିରେ ସେମାନଙ୍କ ଅବଦାନ କେତେ ତାହା ଜାଣିବାର ବାଟ ନାହିଁ । ସେହିପରି ବିଦ୍ୟାଳୟରେ ବସ୍ତାନି ବୋଝ ଯାଞ୍ଚ କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ଥିଲେ ମଧ୍ୟ ତାହା ହୁଏ ନାହିଁ । ଅଥଚ ସ୍କ୍ୱାଡ ଗଠନ କରାଯାଇଛି ଏବଂ କାଗଜ ପତ୍ରରେ ରିପୋର୍ଟ ଦରଜ କରାଯାଇଛି । ବିଦ୍ୟାଳୟର ପ୍ରଥମ ତିନିଟି ଶ୍ରେଣୀ ପିଲାଙ୍କ ସକାଶେ ହୋମୱାର୍କ ନଦେବାକୁ କଟକଣା ବା ନିୟମ ଥିଲେ ମଧ୍ୟ ଘରୋଇ ବିଦ୍ୟାଳୟ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ସବୁ ଅଛି, କିଛି ନଥିଲା ଭଳି ଅବସ୍ଥାରେ ପାଠପଢ଼ା ଚାଲିଛି । କାହାର ସେଥିପ୍ରତି ନିଘା ନାହିଁ ।

## ଏଆଇ-ଉଦ୍ୟୋକ୍ତାଙ୍କ ଚିତ୍ରନାଟ୍ୟ ଓ ମେଧାର ଅନ୍ତଃସଂଘାତ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

'ଓପେନ୍ ଏଆଇ'ର ସର୍ବେସର୍ବା ସାମ୍ ଅଲ୍‌ଟାମାନ୍ ପ୍ରଥମେ ଆମକୁ 'ଚାଟ୍‌ଜିପିଟି' ପରି ଭାଷାଭିତ୍ତିକ ବୃହତ୍ କୃତ୍ରିମ-ବୁଦ୍ଧିମତ୍ତାଯୁକ୍ତ ପ୍ରବିଧି ଭେଟି ଦେଲେ । ଏବେ ସେ ଦେଇଛନ୍ତି ଏହାର ନୂଆ ସଂସ୍କରଣ ଚାଟ୍‌ଜିପିଟି-୫ । କିନ୍ତୁ ବିଚିତ୍ର କଥାଟି ହେଉଛି ଯେ ଏ ବିଜ୍ଞାନୀ ଯନ୍ତ୍ରୀ-ବିଶାରଦ ଜଣକ ମଝିରେ ମଝିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ସମ୍ଭାବ୍ୟ ବିପଜ୍ଜନକ ପ୍ରଭାବ ସମ୍ପର୍କରେ ଅଚ୍ୟୁତ-ବଚନମାନ ଆମକୁ ଶୁଣାଇ ଏକପ୍ରକାର ସନ୍ତ୍ରସ୍ତ କରି ଚାଲିଛନ୍ତି । ଜଣାଯାଉଛି ଏ ବୁଦ୍ଧିମାନ ବ୍ୟକ୍ତି ଜଣକ ଏକାଥରକେ ଦୁଇଟି ଗୁରୁଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇଯାଇଛନ୍ତି । ପ୍ରଥମଟି ହେଉଛି- ଏଆଇ ପ୍ରବିଧିମାନଙ୍କର ଉତ୍ତରୋତ୍ତର ବିକାଶ ଓ ବହୁଳ ବ୍ୟବହାର ନିଶ୍ଚିତ କରି ମାନବ ଜାତିର ତଥାକଥିତ କଲ୍ୟାଣ ସାଧନ କରିବା; ନିରବଚ୍ଛିନ୍ନ ପ୍ରଗତି ଓ ସମୃଦ୍ଧିର ଯେଉଁ ସ୍ୱପ୍ନ ମଣିଷ ତା'ର ସଭ୍ୟତାର ଉଷାକାଳରୁ ଦେଖିଆସିଛି, ଅଥଚ ଏ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ସାକାର କରିପାରିନାହିଁ, ଏବେ ତା'ହାତରେ ଏଆଇ ପ୍ରବିଧିମାନ ଧରାଇ ଦେଇ ତାକୁ ତା'ର ସେଇ ସ୍ୱପ୍ନ ସାକାର କରିବା ପାଇଁ ସମର୍ଥ କରିବା । ମଣିଷ ଜାତିର ଅନ୍ୟତମ ତ୍ରାଣକର୍ତ୍ତାଟିଏ ସାଜିବାର ମହତ୍ତ୍ୱାକାଂକ୍ଷା ପୋଷଣ କରିଛନ୍ତି ସେ ସତେଯେପରି! ଏ ଦାୟିତ୍ୱଟି ଖୁବ୍ ନିଷ୍ଠାପର ଭାବରେ ସେ ନିର୍ବାହ କରିଚାଲିଥିବା ସହିତ ଅନ୍ୟ ଯେଉଁଟି ନିର୍ବାହ କରିବାକୁ ସେ ସମପ୍ରକାର ନିଷ୍ଠା ପ୍ରଦର୍ଶନ କରି ଆସୁଛନ୍ତି, ସେଥିରୁ ତାଙ୍କର ଉଦ୍ଦେଶ୍ୟଟି ପ୍ରକୃତରେ କ'ଣ ସେଥିନେଇ ଘୋର ଦ୍ୱନ୍ଦ୍ୱ ଓ ସନ୍ଦିଗ୍ଧତାରେ ଆମକୁ ପକାଇ ଦେଇଥାଏ । ଏଇ ମାତ୍ର ଗୋଟିଏ କି ଦୁଇଟି ସପ୍ତାହ ତଳେ ସେ 'ଚାଟ୍‌ଜିପିଟି -୫'ର ଉଦ୍‌ଘାଟନ ସମୟରେ ଦ୍ୱିତୀୟ ଗୁରୁ ଦାୟିତ୍ୱଟି ନିର୍ବାହ କରିବା ବେଳେ ଆପାଣାକୁ ଦୋଷବୋଧର ଜ୍ୱଳନରୁ ମୁକ୍ତ କରିବାକୁ କିପରି ପ୍ରୟାସଟିଏ କରିଛନ୍ତି ଆସନ୍ତୁ ଜାଣିବା ।

ସେହି ଅବସରରେ ଏ କରିତ୍‌କର୍ମା ଜଣକ କହିଦେଲେ, 'ମୁଁ ଏହି ଏଆଇ ବଟ୍‌ର ଅତୁଳନୀୟ ଶକ୍ତି ଦେଖି ଆତଙ୍କିତ । ମୁଁ ଭାବୁଛି ଏହା ଏକ 'ମାନ୍‌ହାଟେନ୍ ପ୍ରୋଜେକ୍ଟ'ର ମୁହୂର୍ତ୍ତ' । ୧୯୪୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଆରମ୍ଭ କରିଥିଲା ମାନ୍‌ହାଟେନ୍ ପ୍ରୋଜେକ୍ଟ, ଆଇନଷ୍ଟାଇନଙ୍କ ବାରଣ ସତ୍ତ୍ୱେ । ଏହି ଅବିମୃଶ୍ୟକାରୀ ଯୋଜନାର ଫଳଶ୍ରୁତି ଥିଲା ପରମାଣୁ ବୋମା । ଅଲ୍‌ଟାମାନ୍ ଚାଟ୍‌ଜିପିଟି-୫କୁ ପରମାଣୁ ବୋମା ଭଳି ମାରାତ୍ମକ କହି ଆମମାନଙ୍କୁ ଅବଶ୍ୟ ଚେତାବନୀଟିଏ ଦେଇଛନ୍ତି, ମାତ୍ର ସତ କଥାଟି ହେଉଛି ସେ ଏପରି କହି ଆପଣାକୁ ଦୋଷବୋଧରୁ ମୁକ୍ତ କରିବାର ଅସାଧୁ ପ୍ରୟାସଟିଏ କରିଛନ୍ତି । ସେ ଅଧାସତ କହିଛନ୍ତି । ପରମାଣୁ ବୋମା ଯେଉଁ ସଂହାରଲୀଳା ସୃଷ୍ଟି କରିବ, ତା'ର ଭୟାବହତା ଦେଖିବା ପାଇଁ ମଣିଷ ନଥିବ । ମାତ୍ର ବର୍ତ୍ତମାନର ରକ୍ତବୀର୍ଯ୍ୟ କୃତ୍ରିମ ବୁଦ୍ଧିମତ୍ତାର ଧ୍ୱଂସାତ୍ମକତାର ବୀଭତ୍ସ ରୂପକୁ ହୁଏତ ହଠାତ୍ କେହି ଦେଖିପାରିବେ ନାହିଁ କି ଅନୁଭବ କରିପାରିବେ ନାହିଁ । ଏହାର ରାହୁଛାୟା ଧୀରେ ଧୀରେ ଗ୍ରାସ କରିଚାଲିବ ଆମକୁ । ଆମେ ବଞ୍ଚିରହିଥିବା ଓ ସ୍ୱଚକ୍ଷୁରେ ଦେଖି ଚାଲୁଥିବା ସେ ଛାୟାର କ୍ରମବିସ୍ତାର ଆମ ଜୀବନର ପ୍ରତିଟି ମଞ୍ଚରେ । ଯେଉଁସବୁ ମଞ୍ଚରେ ଆମେ ଅପୂର୍ବ କଳାତ୍ମକତାର ସହ ଅଭିନୟମାନ କରିଚାଲିଥିଲେ, ସେଇଠି ଏଣିକି ଅଭିନୟ କରୁଥିବେ ଏଆଇ ପ୍ରବିଧିମାନ ଓ ଆମେ ନିରୋଳା ବିମୂଢ଼ତା, ଅସହାୟତାର ସହ ଠିଆ ହୋଇ ରହିଥିବା ନିର୍ବେଦ ଦର୍ଶକ ହୋଇ । ମରଣ ନୁହେଁ, ଜୀବନ୍ତ ମରଣର ମଞ୍ଜିଚିରା ଯନ୍ତ୍ରଣାଭୋଗ କରି ଚାଲୁଥିବା ଆମେ ।

କେବଳ ସାମ୍ ଅଲ୍‌ଟାମାନ୍ ନୁହନ୍ତି, ଆହୁରି ବେଶ୍ କେତେଜଣ ତଥାକଥିତ ପ୍ରଚଣ୍ଡ ମେଧାସମ୍ପନ୍ନ ବିଜ୍ଞାନୀ ରାତିଦିନ ଶକ୍ତିଶାଳୀରୁ ଅସାଧାରଣ ଶକ୍ତିଶାଳୀ ଏଆଇ ପ୍ରବିଧିମାନ ନିର୍ମାଣ କରିଚାଲିବା ସଙ୍ଗେ ସଙ୍ଗେ ପ୍ରାୟ ପ୍ରତି ସପ୍ତାହରେ ସେମାନଙ୍କ ମଧ୍ୟରୁ କେହି କେହି ମଧ୍ୟ କହିଥା'ନ୍ତି- 'ଏଆଇ ମଣିଷକୁ ଦିନେ ପୂରାପୂରି ଅଲୋଡ଼ା, ଅନାବଶ୍ୟକ କରିଦେବାର ବିମର୍ଷକର ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ ।' ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଏହି ବିଶେଷଜ୍ଞ, ବିଶାରଦମାନଙ୍କୁ ନରନାରାୟଣ ଭାବରେ ଅସରନ୍ତି ଶ୍ରଦ୍ଧାସୁମନ ବାଢୁଥିବା ଥୋକେ ଭକ୍ତ ହୁଏତ କହିବେ - 'ଆହା, ମାନବସମାଜର ସମୃଦ୍ଧି ପାଇଁ ନିଜ ନିଜର ସୁଖଶାନ୍ତିକୁ ବିସର୍ଜନ ଦେଇଥିବା ଅଲ୍‌ଟାମାନ୍ ବା ମସ୍କମାନଙ୍କ ଭିତରେ ଏଆଇକୁ ନେଇ ଏ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱଜନିତ ମାନସିକ ସଂଘାତ, ଏହା ସେମାନଙ୍କ ନିରୁତା ମଣିଷପଣିଆ, ସେମାନଙ୍କ ସମ୍ବେଦନଶୀଳ ଅନ୍ତର୍ସତ୍ତାର ନିର୍ଭୁଲ ପ୍ରମାଣ' ।

ନା ଏହା ଆଦୌ ସତ ଅନ୍ତର୍ଦ୍ୱନ୍ଦ୍ୱ ନୁହେଁ । ଏହା ସେମାନେ ମଞ୍ଚସ୍ଥ କରୁଥିବା ନାଟକର ଚିତ୍ରନାଟ୍ୟ ମାତ୍ର । ଏ ନାଟକ ହେଉଛି ଏକ ବୃହତ୍ କର୍ପୋରେଟ୍ ଖେଳ । ଏହା 'ମେସିନ୍ ବନାମ ମଣିଷ' ଯୁଦ୍ଧ କି ଦ୍ୱନ୍ଦ୍ୱ ନୁହେଁ । ଏହା ହେଉଛି ହାତଗଣତି କେତେଜଣ ମେଧାସମ୍ପନ୍ନ ଅଥଚ ପ୍ରଚଣ୍ଡ ସ୍ୱାର୍ଥୀ, ଚତୁର ପ୍ରଯୁକ୍ତିବିଦ୍ୟା ବିଶାରଦ ଏବଂ ଅର୍ବପତି ବ୍ୟବସାୟୀ (ତଥାକଥିତ ଏଲିଟ୍) ବନାମ କୋଟି କୋଟି ଅଳ୍ପ ମେଧାସମ୍ପନ୍ନ ଶିକ୍ଷିତ, ସାକ୍ଷର କି ପୂରାପୂରି ନିରକ୍ଷର ଜନସାଧାରଣଙ୍କ ମଧ୍ୟରେ ଅନ୍ତଃସଂଘାତ । ଯୁଗ ଯୁଗ ଧରି ସୀମାନ୍ତରିତ ହୋଇରହିଥିବା ଅଗଣିତ ଦରିଦ୍ର, ସମ୍ବଳହୀନମାନେ, ଯେଉଁମାନଙ୍କ ପାଖରେ ବିଜ୍ଞାନ ବା ପ୍ରଯୁକ୍ତିବିଦ୍ୟାରେ ଦକ୍ଷତା ଅର୍ଜନ କରିବା ପାଇଁ ଆବଶ୍ୟକ ସୂକ୍ଷ୍ମ ବୁଦ୍ଧିମତ୍ତା ନାହିଁ କିମ୍ବା ସେମାନଙ୍କ ପାଇଁ ସୁଲଭ ହେବାକୁ ଯାଉଥିବା ଏଆଇ ବଟ୍ ବା ପ୍ରବିଧିମାନଙ୍କର ବ୍ୟବହାର, ପରିଚାଳନା ପାଇଁ ଲୋଡ଼ା ପଡୁଥିବା କଳାକୌଶଳ ନାହିଁ, ସେମାନେ ଆହୁରି ଆହୁରି ସୀମାନ୍ତରିତ ହୋଇଚାଲିବେ ଏବଂ ଏଆଇର ଅର୍ବପତି ବିଜ୍ଞାନୀ ଓ ବ୍ୟବସାୟୀମାନଙ୍କ କୋମଳ ଶୋଷଣର ବିକଳ ଶରବ୍ୟ ହୋଇ ନିଃଶବ୍ଦ ଆର୍ତ୍ତନାଦ ହିଁ କରି ଚାଲିବେ । ବିବ୍ରତକର ଏ ସତ୍ୟଟି ଜାଣି ମଧ୍ୟ କାହିଁକି ଯେ ଆମେ ପ୍ରତ୍ୟେକ 'ଗିନ୍ ପିଗ୍' ସାଜିବାକୁ ସଜବାଜ ହୋଇ ରହୁଛେ ଏବଂ କାହିଁକି ଏ ପ୍ରକାର ଅସହ୍ୟ ନିରବତା ଅବଲମ୍ବନ କରି ଚାଲିଛେ, ତାହା ବୁଝିବା ଦୁରୁହ ।

ଏଆଇ ମଣିଷର ସାମର୍ଥ୍ୟ ଓ ଦକ୍ଷତାକୁ ବହୁଗୁଣିତ କରିଦେବ ବୋଲି ଯେଉଁ ଆଶ୍ୱାସନାଟି ଆମକୁ ଦିଆଯାଇଚାଲିଛି, ତାହା କେତେ ନିରାଧାର ଜଣାପଡ଼ିସାରିଲାଣି ଏଇ କେତୋଟି ଦିନ ମଧ୍ୟରେ । କ୍ଷମତାଧାରୀ ଓ କ୍ଷମତାହୀନ, ଥିଲା ବାଲା ଓ ନଥିଲାବାଲାମାନଙ୍କ ମଧ୍ୟରେ ଏକ ବିରାଟ ବିଭାଜନ ଏଆଇ ସୃଷ୍ଟି କରିବାର ଯଥେଷ୍ଟ ପ୍ରାକ୍-ଆଭାସ ଆମେ ପାଇ ସାରିଲେଣି । ଦୁଃଖଦ ବିଡ଼ମ୍ବନାଟି ହେଉଛି ଯେ ଆମ ବୁଦ୍ଧିଜୀବୀ ଓ ରାଜନୈତିକ କ୍ଷମତାଧାରୀମାନେ ଗୋଟିଏ ମୁହଁରେ ଗାଣତାନ୍ତ୍ରିକ ସମାନତା, ସାର୍ବଜନୀନ ଅର୍ଥନୈତିକ ସମାନତା କଥା କହୁଥିବା ବେଳେ ଘୋର ବୈଷମ୍ୟ ଓ ଅସମାନତା ସୃଷ୍ଟି କରିବାକୁ ଯାଉଥିବା ଏଆଇର ପ୍ରସ୍ତୁତି ଓ ବ୍ୟାପକ ବ୍ୟବହାରକୁ ରୀତିମତ ପ୍ରୋତ୍ସାହନ ଦେଇ ଚାଲିଛନ୍ତି । କାହିଁକି ଯେ ଆମେ ଏଇ ଅଲ୍‌ଟାମାନ୍, ମସ୍କମାନଙ୍କୁ କହୁନାହେଁ ଯେ ଯେତିକି ଶକ୍ତିଶାଳୀ ଏଆଇ ପ୍ରବିଧିମାନ ସେମାନେ ଦେଇ ସାରିଛନ୍ତି, ସେତିକିରେ ସେମାନେ ସନ୍ତୁଷ୍ଟ ରୁହନ୍ତୁ; ଆହୁରି ଅଧିକ ଶକ୍ତିଶାଳୀ ଓ ଚେତନାଯୁକ୍ତ (ଏଜିଆଇ) ପ୍ରବିଧିମାନ ନିର୍ମାଣ କରିବା ପାଇଁ ସେମାନେ ଚଳାଇ ରଖିଥିବା ସମସ୍ତ ପ୍ରକାର ଗବେଷଣା ଓ ପରୀକ୍ଷଣ ଉପରେ ପୂର୍ଣ୍ଣଛେଦଟିଏ ପକାଇ ଦିଅନ୍ତୁ; ଏହା ସହଜରେ ବୁଝି ହୁଏନା ।

ନିର୍ଦ୍ଦିଷ୍ଟ ଭାବରେ ସାମ୍ ଅଲ୍‌ଟାମାନଙ୍କୁ କାହିଁକି କହୁନାହେଁ - "ଆପଣ ଚାଟ୍‌ଜିପିଟି-୫କୁ ପରମାଣୁ ବୋମା ସହ ତୁଳନା କରିଥିବାରୁ ଅଶେଷ ଧନ୍ୟବାଦ । ଅନୁରୋଧ, ଆପଣଙ୍କ 'ଓପେନ୍ ଏଆଇ' ଗବେଷଣାଗାରକୁ ଏଥର କେବଳ ଏଆଇ କିପରି ପୂରାପୂରି କଲ୍ୟାଣକର ହେବ, କିପରି ସର୍ବଜନହିତାୟ ହେବ, ସେହି କାମଟିରେ ଲଗାଇ ଦିଅନ୍ତୁ । ସତରେ ଯଦି ଆପଣ ମାନବଜାତିର ମଙ୍ଗଳ ଚାହୁଁଛନ୍ତି, ତେବେ ନିଜର ଅମିତ ଉଚ୍ଚାକାଂକ୍ଷାରେ ଲଗାମ୍ ଦେଇ ଦିଅନ୍ତୁ ଏବଂ ଆପଣଙ୍କ ସମଧର୍ମୀମାନଙ୍କୁ ବି ସେମାନଙ୍କ 'ମାନ୍‌ହାଟ୍‌ନ୍ ପ୍ରୋଜେକ୍ଟ'ଗୁଡ଼ିକରୁ ଓହରି ଆସିବାକୁ ପରାମର୍ଶ ଦିଅନ୍ତୁ । ଅନୁରୋଧ, ମଣିଷକୁ ତା' ନିଜ ଜୀବନ ଓ ସଭ୍ୟତାର ମଙ୍ଗ ଧରିବାକୁ ଦିଅନ୍ତୁ, ଯେମିତି ସେ ଧରି ଆସିଛି ଦୀର୍ଘ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ବର୍ଷ ଧରି । ଏକବିଂଶ ଶତାବ୍ଦୀ ଓ ପର ଶତାବ୍ଦୀଗୁଡ଼ିକରେ ସକ୍ରେଟିସ୍, ବୁଦ୍ଧ, କଲମ୍ବସ, ଗାନ୍ଧୀ, ଆଇନ୍‌ଷ୍ଟାଇନ, ଟଲଷ୍ଟୟ, ବିଥୋଭେନ୍, କାଳିଦାସ, ଭର୍ତ୍ତୃହରି ଓ ସେକ୍‌ସପିୟରମାନେ ଜନ୍ମ ନିଅନ୍ତୁ; ମଣିଷର ସହଜାତ ପ୍ରତିଭା, ମଣିଷର ସହଜାତ ଚେତନା ମଣିଷର ହୋଇ ରହୁ, ଏଆଇର ନୁହେଁ । ମଣିଷକୁ କବନ୍ଧପ୍ରାୟ କରିବାର ଏ ଯେଉଁ ନିଶା ଆପଣଙ୍କୁ ଓ ଆପଣଙ୍କ ସତୀର୍ଥମାନଙ୍କୁ ଘାରିଛି, ସେ ନିଶାର ଶେଷ ହେଉ ।"

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଓଡ଼ିଶାରେ ସବୁଜ ଅର୍ଥନୀତିର ଭବିଷ୍ୟତ

**ଆଦିତ୍ୟ ମାଲହୋତ୍ରା**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜୁନ୍ ମାସରେ ଉନ୍ମୋଚିତ 'ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ'ରେ ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ ଆମେରିକୀୟ ଡଲାରର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୨୦୪୭ ସୁଦ୍ଧା ଓଡ଼ିଶାକୁ ୧୦୦ ଲକ୍ଷ କୋଟି ଟଙ୍କାର ନିବେଶ ଆବଶ୍ୟକ ହେବ ଏବଂ ଏହାର ଏକ ପ୍ରମୁଖ ଅଂଶ ସବୁଜ ଅର୍ଥନୀତି ଆଡ଼କୁ ପ୍ରବାହିତ ହେବ । ଏକ ସବୁଜ ଅର୍ଥନୀତି ଓଡ଼ିଶାର ଅର୍ଥନୀତିକୁ ଅଭିବୃଦ୍ଧି କରିବା ସହିତ ପରିବେଶକୁ ସୁରକ୍ଷିତ ରଖିବ ଏବଂ ନିଯୁକ୍ତି ସୃଷ୍ଟି କରିବ, ଯଦ୍ୱାରା ବିବିଧତା ଓ ଅଭିବୃଦ୍ଧି ଲକ୍ଷ୍ୟକୁ ପୂରଣ କରାଯାଇପାରିବ ।

ସବୁଜ ଅର୍ଥନୀତି, ଏକ ନୂତନ ଅର୍ଥନୈତିକ ସଂସ୍କରଣ, ଯାହା ସ୍ୱଚ୍ଛ ଶକ୍ତି କ୍ଷେତ୍ର ଅପେକ୍ଷା ବହୁତ ବଡ଼ । ଏଥିରେ ପୁନଃଚକ୍ରିକରଣ ଅର୍ଥନୀତି, ଜୈବ-ଅର୍ଥନୀତି ଓ ପ୍ରକୃତି-ଆଧାରିତ ସମାଧାନ ଭଳି ନୂତନ କ୍ଷେତ୍ର ଅନ୍ତର୍ଭୁକ୍ତ । ଶକ୍ତି, ପରିବେଶ ଓ ଜଳ ପରିଷଦ (ସିଇଇଡବ୍ଲ୍ୟୁ) ଦ୍ୱାରା କରାଯାଇଥିବା ଗବେଷଣା, ଯାହା ରାଜ୍ୟ ସହିତ ଏକ ନେଟ୍-ଶୂନ୍ୟ କାର୍ବନ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟ କରୁଛି, ସମ୍ପ୍ରତି ଆକଳନ କରିଛି ଯେ ଯଦି ଓଡ଼ିଶା ଏକ ସବୁଜ ଅର୍ଥନୀତିରେ ନିବେଶ କରେ, ତେବେ ଏହା ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ । ରାଜ୍ୟର ଜିଡିପିରେ ୨ ଲକ୍ଷ କୋଟି ଟଙ୍କା ଯୋଡ଼ିପାରିବ ଏବଂ ୨୦୩୦ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କା ନିବେଶ ଆଣିପାରିବ । ଏହାର ଅର୍ଥ ହେଉଛି ଯେ ଓଡ଼ିଶାର ଜିଡିପିର ଅତିରିକ୍ତ ୨୦ ପ୍ରତିଶତରୁ ଅଧିକ ସବୁଜ କ୍ଷେତ୍ରରୁ ଆସିପାରିବ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟ କରିପାରିବ ।

ରାଜ୍ୟ ସରକାର ଏହି କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି । ଓଡ଼ିଶାର ମହତାକାଂକ୍ଷୀ ସବୁଜ କ୍ଷେତ୍ରର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଏଠାରେ ତିନୋଟି ଉପାୟ ଅଛି । ପ୍ରଥମେ, ଓଡ଼ିଶାର ନିବେଶ ନୀତିଗୁଡ଼ିକ ସବୁଜ ଶକ୍ତି ନିବେଶକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ । ରାଜ୍ୟର ମହତାକାଂକ୍ଷୀ ଶିଳ୍ପ ନୀତି ସଂକଳ୍ପ ପୂର୍ବରୁ ସବୁଜ ଶକ୍ତି, ସବୁଜ ଉଦ୍‌ଜାନ ଓ ଜୈବପ୍ରଯୁକ୍ତି ବିଦ୍ୟା ଭଳି ପ୍ରମୁଖ କ୍ଷେତ୍ର ପାଇଁ ୩୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜି ରିହାତି ସହିତ ଆର୍ଥିକ ଲାଭ ପ୍ରଦାନ କରେ । କିନ୍ତୁ ଉଦ୍ୟୋଗୀମାନଙ୍କୁ ଯୋଗ୍ୟ ହେବା ପାଇଁ ପୁନଃଚକ୍ରିକରଣ ଅର୍ଥନୀତି, ଜୈବ-ଅର୍ଥନୀତି ଓ ପ୍ରକୃତି-ଆଧାରିତ ଆହ୍ୱାନଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯିବା ଆବଶ୍ୟକ ।

ଲିଥିୟମ୍-ଆୟନ୍ ବ୍ୟାଟେରୀ ପୁନଃଚକ୍ରଣ ଏବଂ ଜୈବ-ଆଧାରିତ ଉତ୍ପାଦନ ଭଳି ଶିଳ୍ପଗୁଡ଼ିକ ପାଇଁ ଅଧିକ ପୁଞ୍ଜି ନିବେଶ ଆବଶ୍ୟକ । ଦ୍ୱିତୀୟତଃ, ଓଡ଼ିଶା ସବୁଜ କ୍ଷେତ୍ର ପାଇଁ ଯୋଗାଣ ଶୃଙ୍ଖଳ ହେବା ନିମନ୍ତେ 'ହବ୍ ଓ ସ୍ପୋକ୍' ମଡେଲ୍ ବିକଶିତ କରିବା ଉଚିତ । ଏକ କେନ୍ଦ୍ରୀୟ ହବ୍ ନିକଟସ୍ଥ ଅଞ୍ଚଳର ଛୋଟ ଉତ୍ପାଦକଙ୍କଠାରୁ ସାମଗ୍ରୀ ସଂଗ୍ରହ ଓ ପ୍ରକ୍ରିୟାକରଣ କରେ । ସେମାନଙ୍କୁ ବଡ଼ ବଜାର ସହିତ ସଂଯୋଗ କରିବାରେ ସାହାଯ୍ୟ କରେ । ଓଡ଼ିଶାରେ ପୂର୍ବରୁ ଡେରାସରେ ସାମୁଦ୍ରିକ ଖାଦ୍ୟ ପାର୍କ ଭଳି ଉଦାହରଣ ଅଛି । କିନ୍ତୁ ଏହା ଆହୁରି ଆଗକୁ ଯାଇପାରିବ । ଉଦାହରଣ ସ୍ୱରୂପ, ତାମିଲନାଡୁରେ ଏକ ବହୁମୁଖୀ ସାମୁଦ୍ରିକ ଖାଦ୍ୟ ପାର୍କ ଏକ ହବ୍ ଭାବରେ କାର୍ଯ୍ୟ କରେ ଏବଂ ଉପକୂଳରେ ଛୋଟ ସାମୁଦ୍ରିକ ଖାଦ୍ୟ ଫାର୍ମଗୁଡ଼ିକୁ ସମର୍ଥନ କରେ । ଏହି ପାର୍କ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଏକ ଗବେଷଣା ଓ ତାଲିମ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରେ । ଏହି ମଡେଲ୍ ଅନ୍ୟ ସ୍ଥାନରେ ଭଲ କାମ କରିଛି । ଜର୍ମାନୀରେ କଫି ବର୍ଜ୍ୟରୁ ଜୈବ-ଉତ୍ପାଦ ତିଆରି କରିବାଠାରୁ ଆରମ୍ଭ କରି କର୍ଣ୍ଣାଟକରେ କୃଷି-ଆବର୍ଜନାରୁ ଇଥାନଲ୍ ଉତ୍ପାଦନ ପର୍ଯ୍ୟନ୍ତ ।

ତୃତୀୟତଃ, ରାଜ୍ୟ ସବୁଜ ଉତ୍ପାଦର ଚାହିଦା ବୃଦ୍ଧି କରିପାରିବ । ଗୋଟିଏ ଉପାୟ ହେଉଛି ସରକାରୀ ପ୍ରକଳ୍ପରେ ସବୁଜ ଶକ୍ତି ସାମଗ୍ରୀ କିଣିବା ପାଇଁ ସ୍ପଷ୍ଟ ନିୟମ ସ୍ଥିର କରିବା । ସରକାରୀ ଓ ଘରୋଇ କ୍ଷେତ୍ର ଉଭୟ ବିଭାଗକୁ ପ୍ରାକୃତିକ ଝଡ଼ ପ୍ରତିରୋଧୀ ଭାବରେ ହେନ୍ତାଳ ବନ, ଜୈବ-ସାର, ବାଉଁଶ ଫର୍ଣ୍ଣିଚର ଭଳି ଉତ୍ପାଦର ସର୍ବନିମ୍ନ ଅଂଶ ବ୍ୟବହାର କରିବାକୁ କୁହାଯାଇପାରେ । ଏହା ଭାରତର ଜାତୀୟ ପରିବେଶ ନୀତି ୨୦୦୬କୁ ଅନୁସରଣ କରେ, ଯାହା ବିଶେଷକରି ସରକାରୀ କ୍ଷେତ୍ର ଦ୍ୱାରା ପରିବେଶ ଅନୁକୂଳ ସାମଗ୍ରୀ କିଣିବାକୁ ଉତ୍ସାହିତ କରେ । ସରକାରୀ ବିଭାଗ, ଏମଏସଏମଇ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ଓଡ଼ିଶା ଏକ ସବୁଜ ଚାହିଦା ସଂଗ୍ରହକାରୀ ପ୍ଲାଟଫର୍ମ ସୃଷ୍ଟି କରିପାରିବ । ଏହି ଧାରଣା ଭାରତର ରୁଫ୍ ଟପ୍ ସୋଲାର କ୍ଷେତ୍ରରେ ଭଲ କାମ କରିଛି । ଏହା ନବୀକରଣୀୟ ଶକ୍ତି ସମାଧାନର ଚାହିଦାକୁ ମିଶ୍ରଣ କରି ଖର୍ଚ୍ଚ ହ୍ରାସ କରିବା ଏବଂ ବ୍ୟବହାର ବୃଦ୍ଧି କରିବାରେ ସାହାଯ୍ୟ କରିଛି । ଏବେ ଶୂନ୍ୟ-ନିର୍ଗମନ ପରିବହନ ଇନ୍ଧନ ଏବଂ ଇକୋସିଷ୍ଟମ ସେବା ଯୋଗାଣକାରୀ ଭଳି ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଚାହିଦା ସଂଗ୍ରହ ବ୍ୟବହାର କରାଯାଉଛି, ବିଶେଷକରି ପ୍ରକୃତି-ଆଧାରିତ ସମାଧାନକୁ ବୃଦ୍ଧି କରିବାରେ ଏହା ଉପଯୋଗୀ ହୋଇଛି ।

୨୦୩୦ ସୁଦ୍ଧା ଓଡ଼ିଶାର ଅର୍ଥନୈତିକ ଉତ୍ପାଦନର ୨୦ ପ୍ରତିଶତକୁ ସବୁଜରେ ପରିଣତ କରିବା ଏକ ସାହସିକ ଲକ୍ଷ୍ୟ । କିନ୍ତୁ ଏହା ହାସଲ କରାଯାଇପାରିବ, ଯଦି ରାଜ୍ୟ ସବୁଜ କ୍ଷେତ୍ରରେ ସଠିକ୍ ନିବେଶକୁ ଆକର୍ଷିତ କରେ । ଏହା କେବଳ ନିଯୁକ୍ତି ଓ ଅଭିବୃଦ୍ଧିକୁ ନିଶ୍ଚିତ କରିବ ନାହିଁ ବରଂ ଏକ ସ୍ୱଚ୍ଛ, ଦୃଢ଼ ଓ ସ୍ଥାୟୀ ଭବିଷ୍ୟତ ମଧ୍ୟ ନିର୍ମାଣ କରିପାରିବ ।

(ଶକ୍ତି, ପରିବେଶ ଓ ଜଳ ପରିଷଦର ପ୍ରୋଗ୍ରାମ ଆସୋସିଏଟ୍)
ନୂଆଦିଲ୍ଲୀ, ମୋ: ୯୩୧୩୧୨୯ ୯୪୧

## ତିବ୍ବତରେ ଲାମା

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...

'ଲାମା'ବାଦ ଭାରତୀୟ ମହାଯାନ ବୌଦ୍ଧଧର୍ମର ଏକ କ୍ରମାନୁବୃତ୍ତି ପରମ୍ପରା, ଯେଉଁଥିରେ ସମସ୍ତ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକଳାପରେ ଗୁରୁହିଁ ମୁଖ୍ୟ ତଥା କେନ୍ଦ୍ରସ୍ଥାନୀୟ । ଏହି ସମ୍ପର୍କ ରକ୍ତ ସମ୍ପର୍କଠାରୁ ଅଧିକ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ।

**ଦଲାଇଲାମା:** ଏକାଦଶ ଶତାବ୍ଦୀରେ ତିବ୍ବତର ବୌଦ୍ଧ ଧର୍ମାନୁଷ୍ଠାନ ମୁଖ୍ୟମାନେ ଏକ ପୁରୁଷାନୁକ୍ରମିକ କର୍ତ୍ତୃତ୍ୱ ସ୍ଥାପନ କରିବାରେ ସଫଳ ହୋଇଗଲେ । ଏହାଫଳରେ ସେମାନେ ତିବ୍ବତରେ ବିଭିନ୍ନ ଅଞ୍ଚଳର ରାଜା ବା ଶାସକମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଆରମ୍ଭ କଲେ । ଦେଶର ପୁରୋହିତ ମଣ୍ଡଳୀ ତାଙ୍କ ହାତରେ ଉଭୟ ଆଧ୍ୟାତ୍ମିକ ଓ ଶାସକୀୟ ପ୍ରଭୁତ୍ୱ ଠୁଳ କରିବାରେ ସକ୍ଷମ ହୋଇଗଲେ । ଶାସନର ସୁଦୃଢ଼ତା ପାଇଁ କ୍ଷମତା ପରିବର୍ତ୍ତନ କ୍ରମରେ ନିରାପତ୍ତା ତଥା ନିୟମିତତା ପାଇଁ ସେମାନଙ୍କର ନିରବଚ୍ଛିନ୍ନ ଏକାଧିକତ୍ୟତାର ମଧ୍ୟ ଆବଶ୍ୟକତା ପଡ଼ିଲା ।



ଯେହେତୁ ରକ୍ଷଣଶୀଳ ବୌଦ୍ଧଧର୍ମରେ ପୁରେହିତମାନଙ୍କ ପାଇଁ ଅନୂଢ଼ ଜୀବନ ବାଧ୍ୟବାଧକତା ଥିଲା, ଏହି ପ୍ରଥାକୁ କ୍ରମେ ଉଚ୍ଛେଦ କରାଯାଇ ପୁରୋହିତମାନେ ବିବାହ କରି ପାରିବାର ନିୟମ ଘୋଷଣା କରାଗଲା ।

ଏହି ନୂତନ ପ୍ରଥା କ୍ରମେ ପୁରୋହିତ ମଣ୍ଡଳୀ ପ୍ରତି ଜନସାଧାରଣଙ୍କର ଆସ୍ଥା ଓ ସମ୍ମାନ ନଷ୍ଟ କରି ବସିଲା । ପରିବର୍ତ୍ତୀ ସମୟରେ ଏହି ଜନ ଅସନ୍ତୋଷ ଏକ ଆନ୍ଦୋଳନରେ ପରିଣତ ହୋଇଗଲା ।

### ଦ୍ୱିତୀୟ-ବୁଦ୍ଧ କଥା

ପଞ୍ଚଦଶ ଶତାବ୍ଦୀରେ ବିଶିଷ୍ଟ ସମାଜ ସଂସ୍କାରକ ଓ ବୌଦ୍ଧ ସନ୍ନ୍ୟାସୀ ସଂଗ-ଖା-ପାଙ୍କର ଉଦ୍ୟମରେ ଏକ ସଂସ୍କାରିତ ଧର୍ମାନୁଷ୍ଠାନ ମଣ୍ଡଳୀ ଗଠିତ ହୋଇପାରିଥିଲା । ଏହି ନୂତନ ସଂପ୍ରଦାୟ 'ହଳଦିଆ ବା ପୀତବର୍ଣ୍ଣ ଧର୍ମଗୋଷ୍ଠୀ' ଭାବେ ନାମିତ ହେଲା । ପୁରାତନ ଗୋଷ୍ଠୀ 'ଲାଲରଙ୍ଗ ଧର୍ମଗୋଷ୍ଠୀ' ଭାବେ ନାମିତ ହୋଇଥିଲା । ଏ ଘଟଣା ଖ୍ରୀ ୧୪୫୦ କାଳର ।

ସଂଗ-ଖା-ପା ଧର୍ମୀୟ ଗୋଷ୍ଠୀରେ ବିଭିନ୍ନ ପ୍ରକାର ନୂଆ ନୂଆ ନୀତିନିୟମ ପ୍ରଚଳନ କଲେ ଏବଂ ଅନେକ ପୁରାତନ ପ୍ରଥାର ଅଦଳବଦଳ କରାଇଲେ । ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ପୁରାତନ ସଂପ୍ରଦାୟକୁ କ୍ଷମତାଶୂନ୍ୟ କରି ନିଜର ନୂତନ 'ହଳଦିଆ ଗୋଷ୍ଠୀ' ହାତରେ ସମସ୍ତ ପ୍ରକାର କ୍ଷମତା ଠୁଳ କରାଇବା । ସଙ୍ଗ-ଖା-ପା ଙ୍କର ଉଦ୍ୟମ ଓ ଲକ୍ଷ୍ୟ ଜନ ସମର୍ଥନ ଓ ସହଯୋଗ ହାସଲ କରି ପାରିଥିଲା ଏବ ତାହା ଏବେ ମଧ୍ୟ ଚାଲୁ ରହିଛି । ସଂଗ-ଖା-ପା ତାଙ୍କର ଏହି ସଂସ୍କାର ଉଦ୍ୟମରେ ଚୀନ ସରକାରଙ୍କ ସମର୍ଥନ ହାସଲ କରିଥିଲେ ।

ସଂଗ-ଖା-ପା ତାଙ୍କର ଦୁଇ ପ୍ରଧାନ ଶିଷ୍ୟଙ୍କୁ ସମସ୍ତ କ୍ଷମତାର କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରାଇଲେ । ଜଣେ ଶାସନ ମୁଖ୍ୟ ଓ ଅନ୍ୟଜଣକ ଧାର୍ମିକ ମୁଖ୍ୟ । ଶାସନ ମୁଖ୍ୟ ଜଣଙ୍କର ପଦବୀ ହେଲା 'ଦଲାଇ ଲାମା' । ଧାର୍ମିକ ମୁଖ୍ୟଙ୍କ ପଦବୀ ହେଲା 'ପଞ୍ଚେନ୍ ଲାମା' । ଏଇ ଦୁଇ ପଦବୀ କ୍ରମାଗତଭାବେ ଅବତାର ଭିତ୍ତିରେ ପରିବର୍ତ୍ତନ ହେବାର ନୂତନ ଘୋଷଣାନାମା ଜାରି କରାଗଲା । ଏହି ଦୁଇ ପଦବୀରୁ କେହି ଦେହ ତ୍ୟାଗ କଲେ ସେ ସଂଗେ ସଂଗେ ନୂତନ ଜନ୍ମ ଲାଭ କରିବେ । ମଣିଷଭାବେ ପିଢ଼ିକୁ ପିଢ଼ି ଏହି ଭଳି ଦେହ ତ୍ୟାଗ ପରେ ଅନ୍ୟ ଜଣେ ତୁରନ୍ତ ଗାଦିନସୀନ ହେବେ । ଦଲାଇଲାମା 'ଅବଲୋକିତେଶ୍ୱର' ଓ ପଞ୍ଚେନଲାମା 'ମଞ୍ଜୁଶ୍ରୀ'ଙ୍କ ଅବତାର ଭାବେ ପରିଚିତ ହୋଇଛନ୍ତି । ଏହି ଉତ୍ତରାଧିକାରୀ ମୃତ ଲାମାଙ୍କର ଦିବ୍ୟ ପ୍ରତିରୂପ ଭାବେ ଗୃହୀତ ହେଉଛନ୍ତି । ଏହି ପ୍ରଥା ଏପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ନକଲି ସୁନା ଇଟା କାରବାର ରାକେଟ୍‌ର ପର୍ଦ୍ଦାଫାସ୍

## ୫ ଗିରଫ; ନକଲି ସୁନା ଇଟା ସହ ୨ ବାଇକ୍, ୪ ମୋବାଇଲ, ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ନୀଳଗିରି, ୫।୯ (ସମିସ): ବାଲେଶ୍ୱର ପୁଲିସ୍ ଏକ ନକଲି ସୁନାଇଟା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ନୀଳଗିରି ଥାନା ଅନ୍ତର୍ଗତ ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତି, ଧୋବଶିଳା ଗ୍ରାମର ନଳିନୀ ମହାନ୍ତି, ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁ, କେନ୍ଦ୍ରାପଡ଼ା ଅଞ୍ଚଳର ମୁନା। ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଗିରଫ ଯୁବକଙ୍କ ନାମ ଜଣାପଡ଼ିନାହିଁ। ସେମାନଙ୍କ ନିକଟରୁ ୨ଟି ବାଇକ୍, ୪ଟି ମୋବାଇଲ ସହ ନଗଦ ୩ଲକ୍ଷ ୭୯ହଜାର ଟଙ୍କା ଜବତ କରାଯାଇଛି। ନୀଳଗିରି ଓ ବରହମ୍‌ପୁର ପୁଲିସ୍ ମିଳିତ ଚଢ଼ଉ କରି ଏହି ଅଭିଯୁକ୍ତମାନଙ୍କୁ ଧରିଛନ୍ତି।

ସୂଚନାନୁଯାୟୀ, ବିଷ୍ଣୁ ଓ ତା'ର ସହଯୋଗୀ ପିତ୍ତଳ ଇଟା ତିଆରି କରି ସେଥିରେ ସୁନାପାଣି ଦେଉଥିଲେ। ତାହାକୁ ସୁନା ଇଟା ଦର୍ଶାଇ କମ୍ ଦାମରେ ଯୋଗାଇଦେବେ ବୋଲି କହି ଲୋକଙ୍କୁ ଚୂନ ମାରୁଥିଲେ। ଏହି କ୍ରମରେ ସେ ଗଞ୍ଜାମ ଜିଲ୍ଲାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସେବକନଗର ଗ୍ରାମର କୃଷ୍ଣ ନାୟକଙ୍କୁ ଫସାଇଥିଲେ। ତାଙ୍କୁ କମ୍ ଦାମରେ ସୁନାଇଟା ଦେବ ବୋଲି ବିଷ୍ଣୁ ପ୍ରଲୋଭିତ କରିଥିଲା। ସୁନାଇଟା ଦେବା ପାଇଁ ସେ ତାଙ୍କୁ ବରହମପୁର ଥାନା ଅନ୍ତର୍ଗତ ତେଲିପାଲ ଅଞ୍ଚଳକୁ ଡକାଇଥିଲା। ୧୬ ଲକ୍ଷ ଟଙ୍କାରେ ମୂଲଚାଲ ଛିଡ଼ିଥିଲା। କିନ୍ତୁ ସୁନାଇଟା ଦେବା ପରିବର୍ତ୍ତେ ବିଷ୍ଣୁ ଓ ତା'ର ସହଯୋଗୀମାନେ ସେଠାରେ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ କୃଷ୍ଣ ସେଠାରୁ ଦୌଡ଼ି ପଳାଇଥିଲେ। ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସଂପର୍କରେ ସେ ୧ ତାରିଖରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ୧୧୨/୨୫ରେ ଏକ ମାମଲା ରୁଜୁ କରିଥିଲା। ପୁଲିସ୍ ଏହାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ବିଷ୍ଣୁକୁ ଗିରଫ କରିବା ପରେ ରାକେଟ୍‌ର ପର୍ଦ୍ଦାଫାସ ହୋଇଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଓ ବରହମପୁର ଆଇଆଇସି ପ୍ରେମଦା ନାୟକ ମିଳିତ ଭାବେ ଚଢ଼ଉ କରି ବିଷ୍ଣୁର ଘରୁ ନକଲି ସୁନା ଇଟା ସହ ନଗଦ ୩ଲକ୍ଷ ଟଙ୍କା ଜବତ କରିଥିଲେ। ପରେ ତା' ସୂଚନା ଆଧାରରେ କେନ୍ଦ୍ରାପଡ଼ା ଅଞ୍ଚଳର ମୁନାକୁ ଗିରଫ କରାଯାଇଥିଲା। ତା'ଠାରୁ ପୁଲିସ୍ ୧୧ହଜାର ଟଙ୍କା ଜବତ କରିଥିଲା। ସେହିପରି ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଜଣେ ଯୁବକ ଏବଂ ନୀଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମର ନଳିନୀ ମହାନ୍ତି ଓ ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁଙ୍କୁ ପୁଲିସ ଗିରଫ କରିଥିଲା।

# ଗୁରୁ ଦିବସରେ ଟଳିପଡ଼ିଲେ ଗୁରୁ

ଆନନ୍ଦପୁର, ୫।୯ (ସମିସ): ଗୁରୁ ଦିବସରେ ଟଳି ପଡ଼ିଲେ ଗୁରୁ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଉଁଶଗଡ଼ ଗ୍ରାମରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି।



ମୃତ ଶିକ୍ଷକଜଣଙ୍କ ହେଲେ, ବିଜୟ ନାଇକ (୪୮)। ସେକୋଡ଼ପଡ଼ାସ୍ଥିତ ଜୋରଗାଡ଼ିଆ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଆଜି ଗୁରୁଦିବସ ଉପଲକ୍ଷେ ସେ ନିତ୍ୟକର୍ମ ସାରି ସ୍କୁଲକୁ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଆନନ୍ଦପୁର ପୁଲିସ ପ୍ରାଥମିକ ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ଓହ୍ଲାଇ ପାରିଲାନି ବିମାନ

# କୋଲକାତା ଦେଇ ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୯ (ସମିସ): ଦିଲ୍ଲୀ ଗସ୍ତ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ଫେରିଛନ୍ତି। ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ସେଠାରେ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଯୋଗଦେବା ସହ ରାଷ୍ଟ୍ରପତିଙ୍କ ସମେତ ଏକାଧିକ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ତେବେ ଆଜି ଦିଲ୍ଲୀରୁ ଫେରିବା ବେଳେ ପାଗ ଖରାପ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ବିମାନ(ଏୟାର୍‌ଇଣ୍ଡିଆ ଏଆଇ-୪୭୩) ଭୁବନେଶ୍ୱରରେ ଅବତରଣ କରି ପାରିନଥିଲା। ଉକ୍ତ ବିମାନ କୋଲକାତା ପଳାଇଥିଲା। ପରେ ପାଗ ସୁଧୁରିବା ପରେ ମୁଖ୍ୟମନ୍ତ୍ରୀ ଉକ୍ତ ବିମାନରେ ଭୁବନେଶ୍ୱର ଫେରିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଦିଲ୍ଲୀରେ ଜିଏସ୍‌ଟି କାଉନସିଲ ବୈଠକରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା କୃଷକ ଓ ମଧ୍ୟବିତ୍ତବର୍ଗ ଉପକୃତ ହେବେ। ୪ଟି ଜିଏସ୍‌ଟି ସ୍ଲାବ୍ ବଦଳରେ ୨ଟି ସ୍ଲାବ୍ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ ପାଇବ ବୋଲି ସେ କହିଛନ୍ତି।

# ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ

ରାୟପୁର: ଶୁକ୍ରବାର ଛତିଶଗଡ଼ର ନାରାୟଣପୁର ଏବଂ ଦାନ୍ତେୱାଡା ଜିଲ୍ଲାର ସୀମାନ୍ତବର୍ତ୍ତୀ ଜଙ୍ଗଲରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ୬ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି।

ଅନ୍ୟପକ୍ଷରେ ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରୁ ଏକେ-୪୭ ଏବଂ ସେଲ୍ଫ ଲୋଡିଂ ରାଇଫଲ ସମେତ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ଗୁଇନ୍ଦା ସୂଚନା ପରେ ସୁରକ୍ଷା ବାହିନୀର ଏକ ମିଳିତ ଦଳକୁ ସର୍ଚ୍ଚ ଅପରେସନରେ ପଠାଯାଇଥିଲା। ଆଜି ଅପରାହ୍ନରୁ ସୁରକ୍ଷା ବାହିନୀ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ମଝିରେ ମଝିରେ ଗୁଳି ବିନିମୟ ଜାରି ରହିଛି। ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ଛଅ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏନକାଉଣ୍ଟର ସ୍ଥଳ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ବାହିନୀ ଦ୍ୱାରା ଘନିଷ୍ଠ ତଲାସୀ ଜାରି ରହିଛି।

# କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗରେ କର୍ମଚାରୀ ମରୁଡ଼ି

**ମାଳ ମାଳ ପଦବୀ ଖାଲି; ସରକାର ନିଦାବିଷ୍ଟ**

**ସରକାରୀ ଯୋଜନାର ଲାଭ ପାଉନାହାନ୍ତି ଚାଷୀ**

ଭୁବନେଶ୍ୱର, ୫।୯ (ସମିସ): ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)କୁ କୃଷି କ୍ଷେତ୍ରରୁ ପାଖାପାଖି ୨୧ ପ୍ରତିଶତ ଅବଦାନ। ମାତ୍ର ସଂପୂର୍ଣ୍ଣ ସରକାରୀ ଅଣଦେଖାର ଶିକାର କୃଷି ବିଭାଗ। ବର୍ଷ ବର୍ଷ ଧରି ଏହି ବିଭାଗରେ ଶତାଧିକ ସଂଖ୍ୟାରେ ପଦବୀ ଖାଲି ପଡ଼ିଛି। ପଦବୀ ପୂରଣ ଦିଗରେ ସରକାର ସାମାନ୍ୟତମ ପଦକ୍ଷେପ ନେଉନାହାନ୍ତି। ଫଳସ୍ୱରୂପ ତୃଣମୂଳସ୍ତରରେ ଚାଷୀମାନେ ସଚେତନ ହୋଇପାରୁନାହାନ୍ତି। ଚାଷୀମାନଙ୍କ ପାଇଁ ସରକାର କରୁଥିବା ଯୋଜନାର ଲାଭ ବି ପାଉନାହାନ୍ତି। ଅଧିକାରୀ ନଥିବା କାରଣରୁ କୃଷକଙ୍କ ପାଖରେ କୃଷି ସୂଚନା ବି ଠିକ୍ ଭାବେ ପହଞ୍ଚିପାରୁନି। ତେଣୁ ଧାନ ସମେତ ଅନ୍ୟାନ୍ୟ ଫସଲ ଆଦି କରି ଚାଷୀର ଆର୍ଥିକ ଉନ୍ନତି ହୋଇପାରୁନଥିବା ଅଭିଯୋଗ ହେଉଛି।

ସୂଚନାନୁସାରେ, ରାଜ୍ୟରେ ମୋଟ ୭୮୯ ମଞ୍ଜୁର ପ୍ରାପ୍ତ ସହକାରୀ କୃଷି ଅଧିକାରୀ ପଦବୀ ରହିଛି। ମାତ୍ର ଏଥିରୁ ୩୬୬ ପଦବୀ ଖାଲିପଡ଼ିଛି। ପାଖାପାଖି ୪୬ ପ୍ରତିଶତ ପଦବୀ ଫାଙ୍କା ପଡ଼ିଥିବାରୁ ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ କୃଷି ବିଭାଗର କାମ ସବୁ ଠପ୍ ହୋଇଯାଇଛି। ଚାଷୀଙ୍କୁ ସାର ଯୋଗାଣଠାରୁ ଆରମ୍ଭ କରି ଫସଲର ବିବିଧ ସୂଚନା ଚାଷୀ ପାଖରେ ପହଞ୍ଚୁନି। ଏଭଳି ସମସ୍ୟାର ପ୍ରତିକାର ପାଇଁ ସରକାର ଦୃଷ୍ଟିଦେଉ ନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। କୃଷି ବିଭାଗର ବୈଜ୍ଞାନିକ ପରାମର୍ଶକୁ ଆଧାର କରି ଅଧିକ ଅମଳ କରି ଶସ୍ୟ ଯୋଗାଇବ। ହେଲେ କୃଷି ବିଭାଗରେ କର୍ମଚାରୀ ମରୁଡ଼ି ଯୋଗୁ ଚାଷୀ ବୈଜ୍ଞାନିକ ପରାମର୍ଶ ପାଇବା ତ ଦୂରର କଥା ଆବଶ୍ୟକ ସୂଚନା ବି ପାଇପାରୁନି। ଏଭଳି ଅଚଳାବସ୍ଥା ଚାଷୀଙ୍କୁ ବିମୁଖ କରିଛି। ଅଧିକାରୀଙ୍କ ସଙ୍କଟ ଯୋଗୁଁ ସରକାରଙ୍କ ବିଭାଗର ବିଭିନ୍ନ ଜନହିତକର ଯୋଜନା ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି। କର୍ମଚାରୀ ସଙ୍କଟ ଯୋଗୁଁ କୃଷି ବିଭାଗର ଜଳନିଧି ଯୋଜନା, ଏନ୍‌ଏଫ୍‌ଏସ୍‌ଏମ୍, ମୁଗ ଯୋଜନା ଓ ଅଏଲସିଡ୍ ଚିନାବାଦାମ, ବିହନ ଯୋଗାଣ ଆଦି ଏକାଧିକ ଯୋଜନା କାର୍ଯ୍ୟକାରୀ କରିବାରେ ଅସୁବିଧା ସୃଷ୍ଟି ହେଉଛି।

ଅନୁରୂପ ଭାବେ ରାଜ୍ୟରେ ସହକାରୀ ମୃତ୍ତିକା ସଂରକ୍ଷଣ ପଦବୀ ଗୁଡ଼ିକ ଖାଲି ପଡ଼ିଛି। ମୋଟାମୋଟି ଭାବେ ଦେଖିବାକୁ ଗଲେ, ଏହି ବିଭାଗରେ କର୍ମଚାରୀଙ୍କ ମରୁଡ଼ି ହୋଇଯାଇଛି। ମୋଟ ଉପରେ ୨୦୪ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ପଦବୀ ରହିଛି। ଏଥିରୁ ୧୯୧ଟି ପଦବୀ ଖାଲିପଡ଼ିଛି। ୯୩ ପ୍ରତିଶତ ପଦବୀ ଖାଲିପଡ଼ିଥିବାରୁ ବିଭାଗର କୌଣସି କାମ ହୋଇପାରୁନଥିବା ଅଭିଯୋଗ ହେଉଛି। କୃଷିକ୍ଷେତ୍ର ସହ ଜଙ୍ଗଲ ସମ୍ପଦ ଭଳି ମୃତ୍ତିକାକୁ ସଂରକ୍ଷଣକୁ ଗୁରୁତ୍ୱ ଦେବା ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗ ଖୋଲାଯାଇଛି। ମାତ୍ର କର୍ମଚାରୀ ଅଭାବ କାରଣରୁ ବିଭାଗର କୌଣସି କାମ ହୋଇପାରୁନି। ଏହି ବିଭାଗ ବୃକ୍ଷରୋପଣଠାରୁ ଆରମ୍ଭ କରି ଜମିକୁ ଜଳସେଚନ କରିବା, ଚେକ୍ ଡ୍ୟାମ୍ ନିର୍ମାଣ ଆଦି କରୁଥିଲା। ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଔଷଧୀୟ ଚାରାବଣ୍ଟନ ସହ କୁକୁଡ଼ା ପାଳନ ପାଇଁ ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ଏଥିସହ ଗୋପାଳନ, ପୋଖରୀ ଖନନ, ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଏହି ବିଭାଗ ଦାୟିତ୍ୱରେ ରହିଛି। ମାତ୍ର କୌଣସି କାର୍ଯ୍ୟ ସଠିକ ଭାବେ ହୋଇପାରୁନି।

ଏ ସମ୍ପର୍କରେ କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ଆର୍ଥିକ ଉନ୍ନତିରେ ସବୁବେଳେ କୃଷିକ୍ଷେତ୍ରର ଭାଗିଦାରୀ ରହିଆସିଛି। ହରିୟାଣା, ପଞ୍ଜାବ, କେରଳ, ତାମିଲନାଡୁ ଆଦି ରାଜ୍ୟରେ ସରକାର କୃଷି କ୍ଷେତ୍ରକୁ ଫୋକସ୍ କରି ରାଜ୍ୟର ଅର୍ଥନୀତି ସୁଦୃଢ଼ କରିପାରିଛନ୍ତି। ମାତ୍ର ଆମ ରାଜ୍ୟରେ କୃଷି କ୍ଷେତ୍ରକୁ ଅବହେଳା କରାଯାଉଛି। ଫଳସ୍ୱରୂପ କୃଷକମାନେ କୃଷିରୁ ମୁହଁ ଫେରାଇ ନେଉଛନ୍ତି। ସରକାର ଏ ଦିଗରେ ଯଦି ଦୃଷ୍ଟି ନ ଦିଅନ୍ତି, ତେବେ ଭବିଷ୍ୟତରେ ଆମକୁ ଚାଉଳ ପାଇଁ ମଧ୍ୟ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। ଏଥିସହ ଧାନ ସହ ବିବିଧ ଫସଲ କରିବା ନେଇ ଚାଷୀମାନଙ୍କୁ ସଚେତନ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ଦେବା ଜରୁରୀ। ତେଣୁ କୃଷି ବିଭାଗର ସମସ୍ତ ପଦବୀ ପୂରଣ ଦିଗରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷା ପରେ...

ହେଉଥିବାରୁ ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ ଆଦି ବ୍ଲକ୍ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାରେ ମଧ୍ୟ ଜଳ ଭରି ରହିଛି। ଫଳରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବନ୍ୟା ବିପଦ ଜାରି ରହିଛି। ମହାନଦୀ ସ୍ଥିତି ଏବେ ସବୁଠୁ ଜଟିଳ ହୋଇଛି।

ଗତ ଲଘୁଚାପ ପ୍ରଭାବରେ ମହାନଦୀ ତଳମୁଣ୍ଡରେ ୫୬ ମିମି ବର୍ଷା ହୋଇଥିବା ବେଳେ ଉପମୁଣ୍ଡରେ ୮୭ ମିମି ବର୍ଷା ରେକର୍ଡ ହୋଇଛି। ତେଣୁ ମହାନଦୀ ପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ଡ୍ୟାମ୍‌ରୁ ନିଷ୍କାସିତ ହେଉଥିବା ଜଳ ନଦୀକୁ ଆହୁରି ଫୁଲାଉଛି। ବର୍ତ୍ତମାନ ସମ୍ବଲପୁର-ସୁବର୍ଣ୍ଣପୁର ୧୫ ନଂ ରାଜ୍ୟ ରାଜପଥରେ ବର୍ତ୍ତମାନ ବନ୍ୟା ପାଣି ପ୍ରବାହିତ ହେଉଛି। ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ସମୁଦ୍ର ଭଲ ପାଣି ନ ନେବାର ଆଶଙ୍କା ରହିଥିବାରୁ ମହାନଦୀକୂଳିଆ କିଛି ଜିଲ୍ଲାରେ ସ୍ଥିତି ଚିନ୍ତାଜନକ ହେବାର ମଧ୍ୟ ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଛତିଶଗଡ଼ ଅତିକ୍ରମ କରି ମଧ୍ୟପ୍ରଦେଶ ଉପରେ ରହିଛି। ତେବେ ଓଡ଼ିଶା ଉପରେ ବର୍ତ୍ତମାନ ମୌସୁମୀ ଟ୍ରଫ୍ ଥିବାରୁ ଏହାର ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ସକାଳେ ଭୁବନେଶ୍ୱରରେ ୩୨ମିମି ଓ କଟକରେ ୫୦ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଶନିବାର ଉପକୂଳବର୍ତ୍ତୀ ବିଭିନ୍ନ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବେ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବର୍ଷାର ପ୍ରଭାବ ବଢ଼ିପାରେ ବୋଲି ଆକଳନ କରାଯାଉଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମହାନଦୀ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଅଧିକ ଗେଟ୍ ଖୋଲାଯାଇଛି। ଆସନ୍ତା ୭ ତାରିଖ ବେଳକୁ ମୁଣ୍ଡଳୀରେ ସାଢ଼େ ୪ ଲକ୍ଷରୁ ୫ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପହଞ୍ଚିବ। ଏବେ ଜଳକାକୁ ଛାଡ଼ି ଦେଲେ ଅନ୍ୟ କୌଣସି ନଦୀ ଏବେ ବିପଦ ସଙ୍କେତ ଉପରେ ନାହିଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

### ୨୪ ଗେଟ୍‌ରେ ହୀରାକୁଦରୁ...

ଗେଟ୍ ଖୋଲା ରହିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୨୬.୫୮ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରକୁ ବର୍ତ୍ତମାନ ସେକେଣ୍ଡ ପ୍ରତି ୩,୯୯,୨୯୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪,୨୪,୭୦୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୮୮,୩୬୮ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୨,୦୮୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୭୦୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୪୧୮୦୦୦ କ୍ୟୁସେକ୍, ବାରମୁଲଠାରେ ୩୧୧୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧୯୬୦୨୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଅପରପକ୍ଷେ, ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୧.୧୮ ମିମି ଏବଂ ତଳମୁଣ୍ଡରେ ୬.୮୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### ଆତଙ୍କୀ ଧମକ ପରେ...

ସାମଗ୍ରୀ, ଗାଡ଼ି ବା ସନ୍ଦିଗ୍ଧ ଗତିବିଧି ଦୃଷ୍ଟିଗୋଚର ହୁଏ; ତେବେ ଏ ସମ୍ପର୍କରେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ବିଭିନ୍ନ ସମୟରେ ମୁମ୍ବାଇରେ ଏକାଧିକ ବାର ସିରିଜ ବୋମା ବିସ୍ଫୋରଣ ହୋଇଛି। ତେଣୁ ପୁଲିସ ଏହାକୁ ଦୃଷ୍ଟିରେ ରଖି ଅତିମାତ୍ରାରେ ସତର୍କ ହୋଇଛି। ୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବଇରେ ସବୁଠାରୁ ବଡ଼ ବିସ୍ଫୋରଣ ହୋଇଥିଲା। ଏଥିରେ ୨୫୭ ଲୋକ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

### ବୁଢ଼ା ହେଉଛି...

ଇନ୍ଧନ ଯୋଗାଉଥିବାବେଳେ ଅଧିକ ବୃଦ୍ଧ ଥିବା ରାଜ୍ୟଗୁଡ଼ିକରେ ଶ୍ରମ ଶକ୍ତି ସଙ୍କୁଚିତ ହୋଇପାରେ ବୋଲି ମଧ୍ୟ କିଛି ଆଶଙ୍କା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ବର୍ତ୍ତମାନର ଧାରା ଜାରି ରହେ, ତେବେ ଭାରତ ଖୁବ୍ ଶୀଘ୍ର ଚୀନ୍, ଜାପାନ ଏବଂ ୟୁରୋପ ପରି ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ଅନେକ ଆଶଙ୍କା କରୁଛନ୍ତି ।

### ଗୁରୁ ଦିବସରେ...

ପ୍ରଦାନ ଓ ସ୍ଥାୟୀ ନିଯୁକ୍ତି ପାଇଁ ଦୀର୍ଘ ଦିନରୁ ଦାବି ହେଉଛି। ଗତ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବି ଦିବସରେ ସମାନ ଦାବି ନେଇ ଗାନ୍ଧୀ ମାର୍ଗରେ ଏକ ଶିକ୍ଷକ ସମାବେଶ କରାଯାଇଥିଲା। ଅଗଷ୍ଟ ୩୦ ଏବଂ ସେପ୍ଟେମ୍ବର ୧ ଓ ୨ରେ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଣୁ ନ୍ୟାଯ୍ୟ ଦାବି ପାଇଁ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବାକୁ ଶିକ୍ଷକ ଓ କର୍ମଚାରୀମାନେ ମନସ୍ଥ କରି ରାଜରାସ୍ତାକୁ ଓହ୍ଲାଇଥିବା ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ବିରୋଧୀ ଦଳରେ ଥିବା ବେଳେ ଶିକ୍ଷକଙ୍କ ଆନ୍ଦୋଳନସ୍ଥଳକୁ ଯାଇ ସେମାନଙ୍କୁ ସମର୍ଥନ କରିବା ସହ ସେମାନଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିଥିଲେ। ଏବେ ସରକାରକୁ ଆସିବା ପରେ ଶିକ୍ଷକଙ୍କ ଅସୁବିଧା କିପରି ତାଙ୍କୁ ଦେଖାଯାଉନାହିଁ ବୋଲି ବିକ୍ଷୋଭରତ ଶିକ୍ଷକ ଓ କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। ତେଣୁ, ମୁଖ୍ୟମନ୍ତ୍ରୀ ନିଜ କଥା ରଖି ଶିକ୍ଷକମାନଙ୍କ ଦାବି ଅବିଳମ୍ବେ ପୂରଣ କରନ୍ତୁ ବୋଲି ସେମାନେ କହିଛନ୍ତି। ସରକାର ତ୍ୱରିତ ପଦକ୍ଷେପ ନ ନେଲେ ଆସନ୍ତା ୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷକମାନେ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଶୋଇ ବିକ୍ଷୋଭ ଜାରି ରଖିଛନ୍ତି।

ଏହି ଅହୋରାତ୍ର ଧାରଣାରେ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ମଧୁସୂଦନ ଦେ'ଙ୍କ ସମେତ ବହୁ ଶିକ୍ଷକ ଯୋଗ ଦେଇଛନ୍ତି।

### ମାରି ଫିଙ୍ଗିଦେଲା...

ଫେବୃୟାରୀ ମାସରୁ ପାତ୍ରପଡ଼ା ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆପାର୍ଟମେଣ୍ଟରେ ରହୁଥିବା ସମରଜିତ ଜେନାଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ମିତା ଓ ମଝିଆଖଣ୍ଡର ଦେବାଶିଷ ମଧ୍ୟରେ ପୂର୍ବରୁ ବନ୍ଧୁତା ରହିଥିଲା। ଗତ ଜାନୁୟାରୀ ୨୪ ତାରିଖ ସକାଳେ ସମରଜିତଙ୍କ ପରିବାର ଭଞ୍ଜନଗର ଯାଇଥିବା ବେଳେ ମିତା ଏକାକୀ ଫ୍ଲାଟରେ ଥିଲେ। ମିତା ଦିନ ପ୍ରାୟ ୧୦ଟା ବେଳେ ସମରଜିତଙ୍କ ପତ୍ନୀଙ୍କୁ ଫୋନ୍ କରି ଘରକୁ ଯାଉଥିବା କହିଥିଲେ। ସହିଦ ନଗରରେ ଫୋନ୍ ମରାମତି କରିବା ପରେ ଦେବାଶିଷ ସହ ଖୋର୍ଦ୍ଧା ଆଡ଼କୁ ଯାଇଥିଲେ। ଅପରାହ୍ଣ ପ୍ରାୟ ୪ଟା ବେଳେ ଖୋର୍ଦ୍ଧା ଅତିକ୍ରମ କରୁଥିବା ନେଇ ଘର ଲୋକଙ୍କୁ ଜଣାଇଥିଲେ ମଧ୍ୟ ଆଉ ଘରେ ପହଞ୍ଚି ନ ଥିଲେ। ଦେବାଶିଷ ଓ ମିତା ମିଶି ଖୋର୍ଦ୍ଧା ତାପଙ୍ଗ ଅଞ୍ଚଳକୁ ଯାଇଥିଲେ। ସେଠାରେ କଥାବାର୍ତ୍ତା ହେବା ବେଳେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେଠାରେ ଦେବାଶିଷ ମିତାଙ୍କୁ ହତ୍ୟା କରିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ମିତାଙ୍କ ମୃତଦେହରେ ପଥର ବାନ୍ଧି କଳିଙ୍ଗ ମୁଣ୍ଡିଆକୁ ଫୋପାଡ଼ି ଦେଇଥିଲା। ହେଲେ ମୃତଦେହ ପାଣିରେ ପଡ଼ିବା ବଦଳରେ ନଟିରେ ଲାଗି ଯାଇଥିଲା। ମିତାଙ୍କୁ ହତ୍ୟା କରିବା ପରେ ଦେବାଶିଷ ତାଙ୍କ ଏଟିଏମ୍ କାର୍ଡ ନେଇ ଫେରାର ହୋଇ ଯାଇଥିଲା। ସେହି ଏଟିଏମ୍ କାର୍ଡ ଦ୍ୱାରା ମିତାଙ୍କ ଆକାଉଣ୍ଟରୁ ଜାନୁୟାରୀ ୨୫ ତାରିଖ ସନ୍ଧ୍ୟାରେ ୧୦ ହଜାର ଓ ୨୬ ତାରିଖ ୬୦ ହଜାର ଟଙ୍କା ଉଠାଇଥିଲା।

ମିତାଙ୍କର ଖୋଜଖବର ନମିଳିବାରୁ ସମରଜିତ ଜେନା ଜାନୁୟାରୀ ୨୭ ତାରିଖରେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରି ଦାୟିତ୍ୱ ସାରି ଦେଇଥିଲା। ସେପଟେ ଝିଅକୁ ନ ପାଇ ପରିବାର ଲୋକେ ବାର ଦୁଆର ହୋଇଥିଲେ। ଭରତପୁର, ରଣପୁର ଥାନା ଠାରୁ ଆରମ୍ଭ କରି ନୟାଗଡ଼ ଏସପି ଓ ଭୁବନେଶ୍ୱର ଡିସିପିଙ୍କ ନିକଟରେ ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। ଦେବାଶିଷ ଉପରେ ସନ୍ଦେହ କରୁଥିବା ନେଇ ଅଭିଯୋଗ କରିଥିଲେ ପରିବାର ଲୋକେ। ଏମିତିକି ଦୁଇ ମିସ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା।

ନିଖୋଜ ହେବାର ପରଦିନ ମିତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ଟି ପର୍ଯ୍ୟାୟରେ ୭୦ ହଜାର ଟଙ୍କା ଉଠା ଯାଇଥିବା ପୁଲିସ ଜାଣିବାକୁ ପାଇଛି। ଦେବାଶିଷ ସେହି ଟଙ୍କା ଉଠାଇଥିବା ଜଣାପଡ଼ିବା ପରେ ଗତ ୩ ଦିନ ତଳେ ଭରତପୁର ଥାନା ପୁଲିସ ତାକୁ ଉଠାଇ ଆଣିଥିଲା। ନିଖୋଜ ଦିନ ମିତା ଓ ଦେବାଶିଷ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିବାର ପ୍ରମାଣ ପୁଲିସ ହାତରେ ଲାଗିଥିଲା। ପୁଲିସର ଅଡୁଆ ପ୍ରଶ୍ନରେ ଦେବାଶିଷ ଫସି ଯାଇଥିଲା। ହତ୍ୟାକାଣ୍ଡ ଠାରୁ ଆରମ୍ଭ କରି ପ୍ରମାଣ ନଷ୍ଟ ପର୍ଯ୍ୟନ୍ତ ସବୁକଥା ପୁଲିସ ଆଗରେ ଓଗାଳିଥିଲା। ଆଜି ଭରତପୁର ଥାନା ପୁଲିସ ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ସେଠାରୁ ମିତାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏମସ ଡାକ୍ତରଖାନାରେ ଭର୍ତ୍ତି କରିଛି। ତେବେ ୭ ମାସ ପୂର୍ବରୁ ନିଖୋଜ ଏତଲା ଦିଆଯାଇଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତା ଯୋଗୁଁ ମିତାଙ୍କ ପତ୍ତା ମିଳିନଥିଲା। ଫଳରେ ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେପଟେ ହତ୍ୟାକାଣ୍ଡରେ ଦେବାଶିଷ ସହ ଆଉ ଜଣେ ସହଯୋଗୀ ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ଗାଁରୁ ସହର...

ବିଭିନ୍ନ ସ୍ଥାନରେ ବର୍ଷାର ପାଣି ଲହଡି ମରୁଥିବାରୁ ଯାନବାହନର ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉତ୍ତର ବାଲେଶ୍ୱରରେ ସୁବର୍ଣ୍ଣରେଖାର ୬ ଥର ବନ୍ୟାର କଷଣ ଦେଇ ସାରିଥିବା ବେଳେ ସପ୍ତମ ଥର ମଧ୍ୟ ବନ୍ୟାର ଆଶଙ୍କା ଦେଖାଦେଇଛି। ଝାଡଖଣ୍ଡର ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ପୁଣି ଭୋଗରାଇ ଏବଂ ବାଲିଆପାଳବାସୀଙ୍କୁ ଆଉ ଏକ ବନ୍ୟା ପାଣିରେ ଭାସିବାର ଆଶଙ୍କା ରହିଛି। ଅନ୍ୟପଟେ ଜଳକା ନଦୀ ଫୁଲି ବସ୍ତା ବ୍ଲକ ଓ ବାଲେସ୍ୱର ସଦର ବ୍ଲକ ବାସୀଙ୍କୁ କହଦହ କରିଥିବା ବେଳେ ବୁଢା ବଳଙ୍ଗ ମଧ୍ୟ ଉଛୁଳା ଅବସ୍ଥାରେ ବାଲେଶ୍ୱରବାସୀଙ୍କୁ ଭୟ ଦେଖାଉଛି। ଏବର୍ଷର ସର୍ବାଧିକ ବର୍ଷା ବାଲେଶ୍ୱର ଜିଲ୍ଲାରେ ହୋଇଛି ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାନୁଯାୟୀ, ଆଜି ବାଲେଶ୍ୱର ଜିଲ୍ଲାରେ ୨୭୪ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏଥିମଧ୍ୟରୁ ସବୁଠାରୁ ଅଧିକ ବାହାନଗା ବ୍ଲକ୍‌ରେ ୭୦ ମିମି ବର୍ଷା ହୋଇଛି। ଏହାବ୍ୟତୀତ ସୋର ବ୍ଲକରେ ୬୦ ମିମି ଏବଂ ନୀଳଗିରିରେ ୪୦ ମିମି ବର୍ଷା ହୋଇଛି। ବିଶେଷକରି ଆଜି ଦକ୍ଷିଣପଟରେ ଅଧିକ ବର୍ଷା ହୋଇଛି। ସେହିପରି ଗତ ୪ ତାରିଖ ଦିନ ଜିଲ୍ଲାରେ ୪୫୯ ମିମି ବର୍ଷା ରେକର୍ଡ ହୋଇଥିଲା। ବାଲେଶ୍ୱର ସହରରେ ସର୍ବାଧିକ ୯୨ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଥିଲା। ୩ ତାରିଖ ଦିନ ୩୬୬ ମିମି ବର୍ଷା ହୋଇଥିବା ବେଳେ ସର୍ବାଧିକ ସୋରରେ ୪୫ ମିମି ବର୍ଷା ହୋଇଥିଲା। ବାଲେଶ୍ୱର ସହରର ୩୫ ମିମି ବର୍ଷା ହୋଇଥିଲା। ସେହିପରି ୨ ତାରିଖ ଦିନ ୬୦୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସର୍ବାଧିକ ସଦରରେ ୧୨୮ ମିମି ବର୍ଷା ହୋଇଥିଲା। ତେବେ ଏହା ସବୁଠୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏବର୍ଷ ଏମିତି ବର୍ଷା ଆଉ ହୋଇନାହିଁ ବୋଲି ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ସୂଚନା ଦେଇଛନ୍ତି। ସେପଟେ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ବସ୍ତାରେ ପୁଣି ଥରେ ବନ୍ୟା ଆସିଛି। ଗୁରୁବାର ସନ୍ଧ୍ୟାରୁ ନଦୀର ଜଳସ୍ତର ଅହେତୁକ ଭାବେ ବଢ଼ିବାକୁ ଲାଗିଥିଲା। ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୬,୫୦ ମିଟର ଥିବା ବେଳେ ଗତକାଲି ଠାରୁ ଏହାର ଜଳସ୍ତର କ୍ରମାଗତ ଭାବେ ବଢ଼ି ଆଜି ଦିନ ୧୧ଟା ସୁଦ୍ଧା ଏହା ୬.୭୯ରେ ପହଞ୍ଚିବା ସହିତ ବିପଦ ସଂକେତ ବହୁ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିଲା। ଫଳରେ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା, ମୋରଡା, ତିତ୍ରଡା, ରାସଗୋବିନ୍ଦପୁର ଅଞ୍ଚଳରେ ବର୍ଷା କାରଣରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଜଳକା ନଦୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ବୁଢ଼ାବଳଙ୍ଗରେ ଏହି ପାଣି ମାଡିଯିବା ଫଳରେ ସଦର ବ୍ଲକର ଶାସଙ୍ଗ ପଞ୍ଚାୟତର ୨୦୦ରୁ ଅଧିକ ଲୋକେ ପାଣିଘେରରେ ରହିଥିବା ଜଣାଯାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ଭାବେ ସଜାଗ ରହିଥିବା ବେଳେ ଆବଶ୍ୟକ ପଡିଲେ ଲୋକମାନଙ୍କୁ ସ୍ଥାନାନ୍ତରିତ ମଧ୍ୟ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।


**AFFIDAVIT**

By virtue of an affidavit sworn before Excutive Magistrate, Soro on 02.09.2025 I, Manga Prasad Behera, S/o Hadibandhu Behera, At/ Po- Gud, Ps-Soro, Balasore, declare that I have changed my name from Mangala Prasad Behera to Manga Prasada Behera. Henceforth, I shall be known as **Manga Prasad Behera** for all purposes.

**AFFIDAVIT**

I, Prince Shah, aged about 25 years, S/o- Gudra Prasad Saha, resident of At- Ward No-21, Near Kala Talav, Ps- Jharsuguda, Dist- Jharsuguda, Odisha, Pin- 768201 declare by this affidavit No.1807, dtd. 05.09.2025, that now onwards I shall be known as **PRINCE KUMAR SAHA** for all future purposes.

**AFFIDAVIT**

I, Bhagaban Natha, aged about 43 years, S/o- Late Bhabagrahi Nath, resident of At- Bhagabanpur, Kankadapal, Ps- Town, Dist- Dhenkanal, Odisha, Pin- 759013 declare by this affidavit No. 4996, dtd- 03/08/2023, that now onwards I shall be known as **BHAGABAN NATH** for all future purposes.

**DOCUMENT LOST**

I, **Prasnta Kumar Patra,** aged about 48 years, S/o Late Balabhadra Patra, resident of Somanath Nagar, 2nd lane, PS- B.Bazar, Dist- Ganjam, Odisha do hereby declare that, Original link document of Berhampur 1 registration office, (Mayuree Majestic Apartment) vide No. 1009/2010 which is purchased from J Venketeswar have been lost on 02.09.2025 while I was returning from Nimakhandi village to my home near Nimakhandi School in somewhere. If anyone finds it kindly contact to my address or my number: 9861222111.

**Prasnta Kumar Patra**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCVSKP-RGDA NewDiv-OT115, ତା.30.08.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ନିୟନ୍ତ୍ରଣ (Control) କାର୍ଯ୍ୟାଳୟ, ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସହିତ ନୂତନ ରାୟଗଡ଼ା ମଣ୍ଡଳ ମୁଖ୍ୟାଳୟର ସଂସ୍ଥାପନ ସମ୍ବନ୍ଧୀୟ ଦୂରସଂଚାର କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,26,77,199.88, EMD : ₹ 6,13,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଭଲ୍ୟୁମ୍ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, (ନିର୍ମାଣ)/କୋରାପୁଟ

PR-98/CI/25-26

Infosys Navigate your next | SGI FOUNDATION | INFINITE SOLUTIONS | Gold Standard Climate Security & Sustainable Development

**ଖବରକାଗଜ ବିଜ୍ଞାପନ**

ଇନଫୋସିସ୍ ଲିମିଟେଡ୍, ସଷ୍ଟେନେବଲ୍ ଗ୍ରିନ୍ ଇନିସିଆଟିଭ୍ (SGI) ଫାଉଣ୍ଡେସନ୍ ସହିତ ସହଯୋଗରେ ଏବଂ କାର୍ବନ୍ ପରାମର୍ଶଦାତା *ଇନଫିନିଟ୍ ଇନଭାଇରନମେଣ୍ଟାଲ୍ ସୋଲୁସନ୍ସ ଲିମିଟେଡ୍‌ଙ୍କ* ପ୍ରାୟୋଗିକ ସହାୟତାରେ, "ଭାରତରେ ଜୀବିକା ଏବଂ ଜଳବାୟୁ ସହନଶୀଳତା ପାଇଁ କୃଷିବନୀକରଣ: ଇନଫୋସିସ୍ ଏବଂ SGI ଫାଉଣ୍ଡେସନ୍‌ର ସଂଯୁକ୍ତ ପ୍ରୟାସ" (GS23373) ଶୀର୍ଷକରେ ଗୋଟିଏ କାର୍ଯ୍ୟକ୍ରମ (PoA) ଗଠନର ପ୍ରସ୍ତାବ ରଖିଛି।

ଏହି PoA ଅଧୀନରେ, "ଓଡ଼ିଶାରେ ଜୀବିକା ଏବଂ ଜଳବାୟୁ ସହନଶୀଳତା ପାଇଁ କୃଷିବନୀକରଣ: ଇନଫୋସିସ୍ ଏବଂ SGI ଫାଉଣ୍ଡେସନ୍‌ର ସଂଯୁକ୍ତ ପ୍ରୟାସ" (GS23374) ନାମରେ ଗୋଟିଏ ସ୍ୱଇଚ୍ଛିକ ପ୍ରକଳ୍ପ କାର୍ଯ୍ୟକଳାପ (VPA), ଲକ୍ଷ୍ୟଭିତ୍ତିକ କୃଷିବନୀକରଣ ଚାଷିବାଡ଼ି ପ୍ରତିଷ୍ଠାପନା କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟାନ୍ୱିତ କରାଯିବ। ଏହି ପ୍ରକଳ୍ପଟି ଗୋଲ୍ଡ୍ ଷ୍ଟାଣ୍ଡାର୍ଡ୍ ପ୍ରାଟିକାଳାରେ ସ୍ୱଇଚ୍ଛିକ କାର୍ବନ୍ ପ୍ରକଳ୍ପ ଭାବେ ନିବନ୍ଧିତ କରାଯିବାକୁ ଉଦ୍ଦିଷ୍ଟ।

ଏହି ପ୍ରୟାସଟି ବହୁ ସଷ୍ଟେନେବଲ୍ ଡେଭଲପମେଣ୍ଟ୍ ଗୋଲ୍ସ (SDGs) ପ୍ରାପ୍ତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଆଶା କରାଯାଉଛି। ଗୋଲ୍ଡ୍ ଷ୍ଟାଣ୍ଡାର୍ଡ୍ ନୀତିମାଳା ଅନୁସାରେ ଏବଂ ପ୍ରକଳ୍ପର ଦୀର୍ଘମିଆଦୀ ସଫଳତା ସୁନିଶ୍ଚିତ କରିବାରେ ସ୍ଥାନୀୟ କୃଷକ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି, ତାଙ୍କର ମତାମତ ସଂଗ୍ରହ କରିବା ଏବଂ ବର୍ତ୍ତମାନର ସ୍ୱଇଚ୍ଛିକ ପ୍ରକଳ୍ପ କାର୍ଯ୍ୟକଳାପ ସହିତ ସମ୍ପର୍କିତ କୌଣସି ଚିନ୍ତା ବିଷୟରେ ସ୍ପଷ୍ଟତା ପ୍ରଦାନ କରିବା ଅତ୍ୟନ୍ତ ଆବଶ୍ୟକ।

ସେହିପାଇଁ, ସାର୍ବଜନୀନ ପରାମର୍ଶ (ସାର୍ବଜନୀନ ସଭା) ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରାଯାଉଛି —

ସଭାର ବିବରଣୀ:

1. ସ୍ଥାନ: କ୍ଷତ୍ରିୟ ସମାଜ ଭବନ, ୱାର୍ଡ୍ ନଂ-1, ଖରିଆର ସ୍ୱାୟତ୍ତଶାସିତ କଲେଜ୍ ସାମ୍ନାରେ, ରାଜଖରିଆର, ନୂଆପଡ଼ା, ଓଡ଼ିଶା, ଭାରତ
2. ତାରିଖ: ୦୬/୧୦/୨୦୨୫
3. ସମୟ: ପୂର୍ବାହ୍ନ ୧୧:୦୦


ସମସ୍ତ ସମ୍ପର୍କିତ କୃଷକମାନେ ଏବଂ ସ୍ଥାନୀୟ ଲୋକମାନଙ୍କୁ ସଭାରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଉଛି।

ପ୍ରକଳ୍ପ କାର୍ଯ୍ୟକଳାପ ବିଷୟରେ ଅଧିକ ସୂଚନା କିମ୍ବା ସ୍ପଷ୍ଟତା ପାଇଁ, ନିମ୍ନୋଲ୍ଲେଖିତ ଆମର ପ୍ରତିନିଧିଙ୍କ ସହିତ ସଂଯୋଗ ସ୍ଥାପନ କରନ୍ତୁ। ଯେଉଁମାନେ ବ୍ୟକ୍ତିଗତଭାବେ ସଭାରେ ଯୋଗଦେଇପାରିବେ ନାହିଁ, ସେମାନେ ତାଙ୍କର ସୂଚନା, ପ୍ରସ୍ତାବ କିମ୍ବା ଚିନ୍ତାବୋଧଗୁଡ଼ିକୁ ନିମ୍ନୋଲ୍ଲେଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।

ଯୋଗାଯୋଗ ବିବରଣୀ:
ନାମ: ଶ୍ରୀଦୁର୍ଗେଶ୍ ରତୁରୀ
ସଂସ୍ଥା:SGIFoundation
ଇ-ମେଲ୍:info@sgi.foundation
ଫୋନ୍: +91 917848969985

## ମୂକ ବଧିରଙ୍କୁ ମିଳିଲାନି ଭିନ୍ନକ୍ଷମ ପ୍ରମାଣପତ୍ର

# ଅଫ୍‌ଲାଇନ୍‌ରେ ୯୦, ଅନ୍‌ଲାଇନ୍‌ରେ ୧୮ ପ୍ରତିଶତ







ମୁନିଗୁଡ଼ା,୫।୯(ସମିସ): ରାଜ୍ୟରେ ନୂଆ ସରକାର ୮୦ ପ୍ରତିଶତ ଦିବ୍ୟାଙ୍ଗମାନଙ୍କ ପାଇଁ ଭତ୍ତା ଟଙ୍କା ବୃଦ୍ଧି କରିବା ପରେ ଦିବ୍ୟାଙ୍ଗ ମହଲରେ ଖୁସିର ଲହରୀ ଖେଳି ଯାଇଥିଲା। ହେଲେ ବର୍ତ୍ତମାନ ପ୍ରଶାସନର ଅଜବ ନୀତିରେ ପେଶି ହୋଇଯାଉଛନ୍ତି ଶତପ୍ରତିଶତ ଦିବ୍ୟାଙ୍ଗ। ବ୍ଲକ ସ୍ତରରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଗୁହାରି କରି ଆସୁଥିଲେ ସୁଦ୍ଧା ପଦକ୍ଷେପ ଶୂନ୍। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅଞ୍ଚଳରୁ ଏଭଳି ଅଭିଯୋଗ ଆସିଛି।

ମୁନିଗୁଡ଼ା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଡେଙ୍ଗେନ ଗ୍ରାମର ସସ୍ଥମ କୁଶୁଲିଆ, ଅମ୍ବାଦଳା ପଞ୍ଚାୟତ ଇନ୍ଦିରପଡ଼ା ଗ୍ରାମର ସୁଲତାନ ସୁନା, ସରଧାପୁର ପଞ୍ଚାୟତ ସର୍ଗୀ ଗୁଡ଼ା ଗ୍ରାମର ଟୁନା କୁସୁଲିଆ, ରଘୁବାରି ପଞ୍ଚାୟତ ରାଘୁବାରୀ ଗ୍ରାମର ରିହାନ ସୁନା, ଅମ୍ବାଦଳା ପଞ୍ଚାୟତ ବଡ଼ ସାହିର ଭବାନି ଖୋସଲା,ଗୋଡ଼ ହାତ ଅଚଳ ହୋଇ ମାଟିରେ ଘୁଷୁରି ଘୁଷୁରି ଚାଲୁଛନ୍ତି। ଜନ୍ମରୁ ଶତ ପ୍ରତିଶତ ଦିବ୍ୟାଙ୍ଗ ମାନଙ୍କୁ ଡାକ୍ତରଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ମିଳୁ ନଥିବାରୁ ଭିନ୍ନକ୍ଷମ ମାନେ ସରକାରଙ୍କ ବର୍ଦ୍ଧିତ ଯୋଜନାରେ ଲାଭ ପାଇ ପାରୁନଥିବା ଅଭିଯୋଗ ହେଉଛି। ଅମ୍ବାଦଳା ପଞ୍ଚାୟତ ଇନ୍ଦିରାପଡ଼ା ଗ୍ରାମର ଗୁପ୍ତେଶ୍ୱରୀ ବାଥ୍ରା ଜନ୍ମରୁ ମୂକ ବଧିର ହୋଇଥିବା ବେଳେ ସମ୍ପ୍ରତି ତାଙ୍କ ବୟସ ୩୫ ଛୁଇଁଲାଣି। ଭିନ୍ନକ୍ଷମ ଯୋଗୁ ସେ ଅବିବାହିତ ରହିଛନ୍ତି। ପୂର୍ବରୁ ଅନ୍‌ଆଇନ୍‌ରେ ଗୁପ୍ତେଶ୍ୱରଙ୍କୁ ୯୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ମିଳିଥିଲା। ହେଲେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଆସିବା ପରେ ଗୁପ୍ତେଶ୍ୱରୀଙ୍କୁ ୧୮ ପ୍ରତିଶତ ଦିଆଯାଇଥିଲା। ଉକ୍ତ ବିଷୟକୁ ନେଇ ତାଙ୍କ ପରିବାର ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପିଣ୍ଡା ଚକ୍କର କାଟିଥିଲେ ସୁଦ୍ଧା କୌଣସି ଫଳ ମିଳିନଥିବା ବେଳେ ଚଳିତ ବର୍ଷ ମୁନିଗୁଡ଼ା ଠାରେ ଅନୁଷ୍ଠିତ ଭିନ୍ନକ୍ଷମ ଶିବିରକୁ ଯାଇଥିଲେ। ହେଲେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦୂରର କଥା ଏଭଳି ରୋଗୀଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିବ ନାହିଁ ବୋଲି ଶିବିରକୁ ଆସିଥିବା ଦୁଇ ଜଣ ମହିଳା ଡାକ୍ତର କହିଥିବା ତାଙ୍କ ମା' ଗୁରସ ବାଥ୍ରା ଅଭିଯୋଗ କରିଛନ୍ତି। ବିଡ଼ମ୍ବନାର ବିଷୟ ଦିବ୍ୟାଙ୍ଗ ଗୁପ୍ତେଶ୍ୱରୀ ପୂର୍ବରୁ ଭତ୍ତା ପାଉଥିବା ବେଳେ ଏବେ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଦୀର୍ଘ ଦିନ ଜିଲ୍ଲା ପ୍ରଶାସନର ଭରସାରେ ଥିବା ବେଳେ ସମ୍ପ୍ରତି କୌଣସି ରାସ୍ତା ନପାଇ ପରିବାର ଆର୍ଥିକ ସ୍ୱଚ୍ଛଳ ଭଲ ନଥିବାରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ପରିବାର ଲୋକେ କହିଛନ୍ତି। ଘଟଣା ବିଷୟରେ ସ୍ଥାନୀୟ ସାମାଜିକକର୍ମୀ ରଞ୍ଜନ ସ୍ୱାଇଁ ମାନବ ଅଧିକାର କମିଶଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି କରାଯାଇଅଛି। ହେଲେ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ଜିଲ୍ଲା ଭିନ୍ନକ୍ଷମ ମହାସଂଘ ପକ୍ଷରୁ କଡ଼ା ନିନ୍ଦା କରାଯାଇଅଛି। ସରକାରଙ୍କ ନିକଟରେ ଟାର୍ଗେଟ ନଥିବାରୁ ରାଜ୍ୟ ସରକାର ଜାଣି ଶୁଣି ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି ବୋଲି ବିରୋଧୀ କଂଗ୍ରେସ ଓ ବିଜେଡି ଦଳ ନେତା କହୁଛନ୍ତି। ତେବେ ଦିବ୍ୟାଙ୍ଗ ମାନଙ୍କ ସମସ୍ୟାର ସମାଧାନ କେବେ ହେଉଛି ତାହା ଦେଖିବାକୁ ବାକି ରହିଛି।

● ବିକ୍ରମଦେବ ବିଶ୍ୱବିଦ୍ୟାଳୟ

## ଏନ୍‌ସିସି କ୍ୟାଡେଟ୍‌ଙ୍କ ସଂଖ୍ୟା ୧୬୦କୁ ବୃଦ୍ଧି

ଜୟପୁର,୫।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିଶ୍ୱବିଦ୍ୟାଳୟ ସମରଶିକ୍ଷାର୍ଥୀ ବାହିନୀ (ଏନସିସି) ଛାତ୍ରଛାତ୍ରୀ (କ୍ୟାଡେଟ)ଙ୍କ ସଂଖ୍ୟା ପୂର୍ବରୁ ୭୫ରୁ ବୃଦ୍ଧି କରାଯାଇ ୧୬୦ରେ କରାଯାଇଛି। ଏହିପରି ଛାତ୍ରୀ ମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇ ୫୩ କ୍ୟାଡ଼େଟ ରହିଥିବା ବେଳେ ଛାତ୍ରଙ୍କ ସଂଖ୍ୟା ୧୦୭କୁ ବୃଦ୍ଧି କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଏନସିସି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସ୍ୱାଗତସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତଥି ଭାବେ ଜୟପୁର ଏନସିସି କାର୍ଯ୍ୟାଳୟର କମାଣ୍ଡିଂ ଅଧିକାରୀ କର୍ଣ୍ଣଲ ପ୍ରୀତିରଞ୍ଜନ ଦାଶ ଯୋଗଦେଇ ପୂର୍ବରୁ ବିକ୍ରମ ବିଶ୍ୱବିଦ୍ୟାଳୟର ଏହି ଏନସିସି ୟୁନିଟକୁ ୧ (ଓ) ନାମ ରହିଥିବା ବେଳେ ବର୍ତ୍ତମାନ କ୍ୟାଡେଟ ସଂଖ୍ୟା ବୃଦ୍ଧି ପାଇଥିବା ଯୋଗୁଁ ବର୍ତ୍ତମାନ ୧୫(ଓ) ୟୁନିଟ ଭାବେ ନାମକରଣ ହୋଇଛି ବୋଲି କହିଥିଲେ। ଅନ୍ୟତମ ଅତିଥି ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଯୋଗ ଦେଇ ଏହିପରି ଏନସିସି କ୍ୟାଡେଟ ସଂଖ୍ୟ ବୃଦ୍ଧି ପାଇଥିବା ଯୋଗୁଁ ଖୁସି ପ୍ରକଟ କରିବା ସହ ସମସ୍ତଙ୍କୁ ଶୁଭକାମନା ଦେଇଥିଲେ। ଏହି ଅବସରରେ କମାଣ୍ଡିଂ ଅଧିକାରୀ କର୍ଣ୍ଣଲ ଶ୍ରୀ ଦାଶଙ୍କୁ ଉତ୍ତରୀୟ ଏବଂ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏନସିସି ଅଧିକାରୀ ଡ. ଲକ୍ଷ୍ମଣ ପାତ୍ର, ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଏନସିସି ୟୁନିଟ ସୁବେଦାର, କର୍ମଚାରୀ, ପୂର୍ବତନ ଏନସିସି ଛାତ୍ର ଏବଂ ଅନ୍ୟାନ୍ୟ ଏନସିସି ଛାତ୍ରମାନେ ସହଯୋଗ କରିଥିଲେ।

## ନବରଙ୍ଗପୁର ଜିଲ୍ଲାରେ କଂଗ୍ରେସର ସୃଜନ ସଂଗଠନ ଅଭିଯାନ

ଉମରକୋଟ,୫।୯(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଚୟନ ସକାଶେ ଏଆଇସିସି ପ୍ରଭାରୀ ତଥା ତେଲେଙ୍ଗାନା ରାଜ୍ୟର ବିଧାୟକ ଯେଟି କୁମାର ଆଜି ଉମରକୋଟଠାରେ ପହଞ୍ଚି କର୍ମୀଙ୍କ ଠାରୁ ମତାମତ ସଂଗ୍ରହ କରିଛନ୍ତି। ଆଜି ସକାଳେ ଜେଟି କୁମାର ଉମରକୋଟରେ ପହଞ୍ଚି କଂଗ୍ରେସ ଭବନ ଠାରେ ଉମରକୋଟ ପୌରାଞ୍ଚଳ ଓ ବ୍ଲକର କଂଗ୍ରେସ କର୍ମୀଙ୍କ ସହ ସାକ୍ଷାତ କରି ଜିଲ୍ଲା ସଭାପତି ପଦ ପାଇଁ ମତାମତ ନେଇଥିଲେ। ପରେ ଜେଟି କୁମାର କହିଥିଲେ, ପୂର୍ବେ ଜିଲ୍ଲା ସଭାପତି ପଦ ପାଇଁ ଜିଲ୍ଲା ସ୍ତରରେ ନିଷ୍ପତି ନିଆ ଯାଉଥିଲା । କିନ୍ତୁ ଏବେ ବ୍ଲକ ଓ ଗାଁସ୍ତରକୁ ଯାଇ କର୍ମୀଙ୍କ ମତାମତ ନେବା ପାଇଁ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସର୍ବ ସମ୍ମତି କ୍ରମେ ବ୍ଲକ ସଭାପତି ଭାବେ କୃଷ୍ଣମାଝି ଓ କାର୍ଯ୍ୟକାରୀ ସଭାପତି ଭାବେ ଅଜୟ ଚୌହାନଙ୍କ ନାମକୁ ପ୍ରସ୍ତାବ ଦିଆ ଯାଇଥିବା ବେଳେ ଉମରକୋଟ ନଗର ସଭାପତି ଭାବେ ଅମୂଲ୍ୟ ପଟ୍ଟନାୟକଙ୍କ ନାମକୁ ମଧ୍ୟ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଦିଆଯାଇଥିଲା। ଆଜିର ଏହି ବୈଠକରେ ବରିଷ୍ଠ ଆଇନଜୀବୀ ଶଙ୍କର ଦେ, ମାର୍କଣ୍ଡ ସାହୁ, ଉଳଧର ମାଝି, କପୁର ନାୟକ, ଭୂବନ ମାଝି, କୃଷ୍ଣ ମାଝି, ଅଜୟ ଚୌହାନ, ସୁରେନ୍ଦ୍ର ନାୟକ, ଏସ ବିଜୟ, ଉଷ୍ମାନ ଲାଠିଆ, ଗୌତମ ପଟ୍ଟନାୟକ, ନୀଳମାଧବ ନାୟକ, ପର୍ଶୁରାମ ନାୟକ ଓ ଅମୁଲ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ

ମାଲକାନଗିରି,୫।୯(ସମିସ): ମାଲକାନଗିରି ଜିଲ୍ଲା ସମବାୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମବାୟ ଉପ ନିବନ୍ଧକ ଥିଓଫିଲ୍ ଶବର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କ ଏଜିଏମ୍ ହରିଶ୍ ଚନ୍ଦ୍ର ବାନାଗାଦୀ, ଉପ ସହକାରୀ ନିବନ୍ଧକ ଚନ୍ଦ୍ର ସେଠୀଆ, କେସିସି ନିର୍ଦ୍ଦେଶକ ନୃସିଂହ ଚରଣ ମହାନ୍ତି, ଗୋପୀ ପାଙ୍ଗୀ,ଏଆରସିଏସ୍ ସଞ୍ଜୟ କୁମାର ଦାସ,ଡି. ଭେଙ୍କଟ ରାଓ, କାହ୍ନୁଚରଣ ଗୌଡ ଓ ଟଙ୍କଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ, ଚାଷୀ ମାନଙ୍କୁ ଧାନ ଚାଷ ସହିତ ବିକଳ୍ପ ଫସଲ ଚାଷ ନିମନ୍ତେ ପ୍ରବର୍ତ୍ତାଇ ଥିଲେ ତତ୍ ସହିତ ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ଚାଷ ଓ ସମବାୟ ସମିତି ର କାର୍ଯ୍ୟଧାରା ବିଷୟରେ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ କରାଇଥିଲେ। ଅନ୍ୟାନ୍ୟ ବିଷୟରେ ଆଲେଚନା ସହ ସମବାୟ ସମିତି ସଭ୍ୟମାନେ ବର୍ତ୍ତମାନ ଜିଲ୍ଲାରେ ୟୁରିଆ ସାରର କୃତ୍ରିମ ଅଭାବି ବିକ୍ରୀ ବିଷୟରେ ଉଦବେଗ ପ୍ରକାଶ କରିଥିଲେ ଓ ଏହାପରେ ଡିଆରସିଏସ୍ ଶ୍ରୀ ଶବର ସମସ୍ତଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ବିଭାଗ ଏହାକୁ ଗୁରୁତର ସହିତ ବିଚାରକୁ ନେଇଛି ଓ ଆଗାମୀ ଦିନରେ ସାର ବିକ୍ରିର ସୁବ୍ୟବସ୍ଥିତ ଯୋଗାଣ ପାଇଁ ପ୍ରୟାସ ଚାଲିଛି ବୋଲି କହିଥିଲେ। ଆଜିର ଏହି ଅବସରରେ ଜିଲ୍ଲାର ସମସ୍ତ କେସିସି ବ୍ୟାଙ୍କ ଗୁଡିକର ଶାଖା ପରିଚାଳକ, ସମସ୍ତ ଲ୍ୟାମ୍ପ ସଭାପତି , ସମସ୍ତ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଓ ପରିଚାଳନା ପରିଷଦର ସଭ୍ୟ ମାନେ ଉପସ୍ଥିତ ରହି ସମବାୟ ସମୂହର ଉନ୍ନତି ଦିଗରେ ନିଜ ନିଜର ଅଭିମତ ରଖିଥିଲେ। ବୈଠକ ଶେଷରେ ସହକାରୀ ଉପ ନିବନ୍ଧକ ଶ୍ରୀ ସେଠୀଆ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବର୍ଦ୍ଧିତ ଭତ୍ତା ଭେଳିକି; ବର୍ଦ୍ଧିତ ଭତ୍ତା ନପାଇ ଆରପାରିରେ ବେଲମତୀ

ମୁନିଗୁଡ଼ା,୫।୯(ସମିସ): ଭତ୍ତା ଟଙ୍କା ବୃଦ୍ଧି କୁ ନେଇ ସମାଜିକ ସୁରକ୍ଷା ଅନ୍ତର୍ଗତ ୮୦ ବର୍ଷରୁ ଅଧିକ ବୟସ୍କ ନାଗରିକ ଓ ଅକ୍ଷମ ଥିବା ସମସ୍ତ ବୟସ୍କ ନାଗରିକ, ସମସ୍ତ ପ୍ରକାରର ଭିନ୍ନକ୍ଷମ ହିତାଧିକାରୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଥିଲା। ହେଲେ ବର୍ଦ୍ଧିତ ଭତ୍ତାର ପ୍ରଥମ ପର୍ଯ୍ୟାୟ ବଣ୍ଟନ ପରେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଟାର୍ଗେଟ ଅପେକ୍ଷାରେ ଅନେକ ଯୋଗ୍ୟ ହିତାଧିକାରୀ। ଭତ୍ତା ପାଇଁ ଅନେକ ହିତାଧିକାରୀ ଅପେକ୍ଷା କରି ବସିଥିବା ବେଳେ ଯୋଗ୍ୟ ହିତାଧିକାରୀ ସତ୍ତ୍ୱେ ବର୍ଦ୍ଧିତ ଭତ୍ତା ନପାଇ ଆରପାରୀରେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଡିମିରିଗୁଡା ପଞ୍ଚାୟତ ଡିମିରିଗୁଡା ଗ୍ରାମର ବେଲମତୀ କକରିଆ। ବେଲମତୀଙ୍କ ଆଧାର କାର୍ଡରେ ୮୦ ବର୍ଷ ବୟସ ହୋଇଥିବା ବେଳେ ଭୋଟର ପରିଚୟ ପତ୍ର ନାହିଁ। ସେ କୌଣସି ରୋଗରେ ପୀଡିତ ହୋଇ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଥିବା ବେଳେ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ। ବାରମ୍ବାର ପଞ୍ଚାୟତ ଠାରୁ ଆରମ୍ଭ କରି ମୁନିଗୁଡ଼ା ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଆସୁଥିଲେ ସୁଦ୍ଧା ପ୍ରଶାସନର ନିଦାବିଷ୍ଟୁ ସାଜିଥିଲା। ଅଗଷ୍ଟ ୮ ତାରିଖ ଶୁକ୍ରବାର ଦିନ ବେଲମତି ମେଡିକାଲ ଯିବା ବାଟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବେଲମତିଙ୍କ ଭତ୍ତା ପାଇବା ଆଶା ଆଶାରେ ରହିଗଲା। ଖାଲି ବେଲମତି ନୁହଁନ୍ତି ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ଏଭଳି ପରିସ୍ଥିତି ଅଧିକାଂଶ ହିତାଧିକାରୀଙ୍କ ମଧ୍ୟରେ ଦେଖାଦେଇଛି। ରାଜ୍ୟରେ ବିଜେପି ସରକାର ଆସିଲେ ରାଜ୍ୟର ସମସ୍ତ ବୟସ୍କ ନାଗରିକ, ବିଧବା, ଭିନ୍ନକ୍ଷମ ଆଦିଙ୍କ ହିତାଧିକାରୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଥିଲା। ରାଜ୍ୟ ସରକାର ପରେ ଏଥିନେଇ ନୂତନ ନିୟମ ଲାଗୁ କରିବାରୁ ଏହା ହିତାଧିକାରୀଙ୍କ ସକାଶେ କେବଳ ନିର୍ବାଚନୀ ଲଲିପପ୍ ବୋଲି ଅଭିଯୋଗ ହୋଇଆସୁଛି। ବିଜେପି ଦଳ କ୍ଷମତାକୁ ଆସିବା ସମୟରେ ୮୦ ପ୍ରତିଶତ ଭିନ୍ନକ୍ଷମ ମାନଦଣ୍ଡ ନିର୍ଦ୍ଧାରିତ ନେଇ କୌଣସି ଘୋଷଣା କରିନଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ନିୟମ ଲାଗୁ କରିବାରୁ ହିତାଧିକାରୀଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ସମ୍ପ୍ରତି ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷରୁ ଉର୍ଦ୍ଧର ବୟସ୍କ ନାଗରିକ ଓ ୮୦ ପ୍ରତିଶତ ଅକ୍ଷମ ଥିବା ବ୍ୟକ୍ତିଙ୍କୁ ୩୫୦୦ ପେନ୍‌ସନ ବଣ୍ଟନ କରାଯାଇଥିବା ବେଳେ ବର୍ତ୍ତମାନ ଉକ୍ତ ୮୦ ପ୍ରତିଶତ ଯୋଗ୍ୟ ହିତାଧୀକାରୀଙ୍କ ପାଇଁ ଅଡୁଆ ହୋଇଥିବା ଅଭିଯୋଗ ହେଉଛି।

● ମେଗା ପ୍ରକଳ୍ପ ପାଇପ୍ ଫାଟିଲା

## ରାସ୍ତାରେ କୃତ୍ରିମ ବନ୍ୟା, ଗାଡି ଚଳାଚଳ ବନ୍ଦ

ବିଷମ କଟକ,୫।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ କୋର୍ଟ ନିକଟରେ ମେଗା ପ୍ରକଳ୍ପର ପାଣି ପାଇପ ଫାଟି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ପାଇକ୍ ଡାକୁଲୁଗୁଡା ବିଷମ କଟକ ରାସ୍ତା କଡ଼ରେ ମେଗା ପ୍ରକଳ୍ପ ଦ୍ୱାରା ବିଛା ଯାଇଥିବା ପାଣି ପାଇପ ଫାଟି ଯିବା ଫଳରେ ଭୀଷଣ ଗତିରେ ରାସ୍ତା ଏବଂ କୋର୍ଟ ପରିସରକୁ ପାଣି



ପଶିଯାଇଥିଲା। ସେହି ରାସ୍ତା ଦେଇ ବିଦ୍ୟୁତ୍ ତାର ଯାଇଥିବାରୁ ତୁରନ୍ତ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଥିଲା। ଏଥି ସହିତ ପାଣିର ବେଗ ଏତେ ପ୍ରବଳ ବେଗ ଥିଲା ଯେ ଏହି ରାସ୍ତା ଦେଇ କୌଣସି ଗାଡି ଚଳାଚଳ କରିବା ମଧ୍ୟ ସମ୍ଭବ ହୋଇନଥିଲା। ପ୍ରାୟ ଏକ ଘଣ୍ଟା କାଳ ରାସ୍ତାର ଉଭୟ ପଟରେ ଶହ ଶହ ଗାଡି ଅଟକି ରହି ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ମେଗା ପ୍ରକଳ୍ପ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିବା ସହ ଏହି ପାଇପ୍‌ର ଜଳଯୋଗାଣକୁ ବନ୍ଦ କରିଥିଲେ। ପ୍ରାୟ ଏକ ଘଣ୍ଟଶ ପରେ ଏହି ପାଇପ୍‌ରୁ ପାଣି ବାହାରିବା ବନ୍ଦ ହୋଇଥିଲା। ପରେ ରାସ୍ତାରେ ଗାଡି ଚଳାଚଳ ,ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

## କାମଳ ରୋଗରେ ଯୁବକଙ୍କ ମୃତ୍ୟୁ

ଟିକିରି,୫।୯(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଲାଞ୍ଜିଗଡ ସାହିରେ ରହୁଥିବା ଡୁଡୁକାବାହାଲ ଶିବ ମନ୍ଦିର ପୁରୋହିତ ବିରଞ୍ଚି ନାରାୟଣ ହୋତାଙ୍କ ପୁଅ ଶ୍ରୀଧର ହୋତାଙ୍କର କାମଳ ରୋଗରେ ପୀଡିତ ହୋଇ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ସେ ଏକ ମାସ ହେବ କାମଳ ରୋଗରେ ପୀଡିତ ହୋଇ ଚିକିତ୍ସିତ ହୋଉଥିଲେ। ସେ ଭୁବନେଶ୍ୱର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହୋଉଥିଲେ। ତାଙ୍କର ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବିଜେପି ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ଟିକିରି ଆଇଆଇସି ବିଶ୍ୱବନ୍ଦିନି ବାଗ, ବଣିକ ସଂଘର ସଭାପତି ମନୋଜ ବେହେରା, ସ୍ୱେଚ୍ଛାସେବୀ ହରପ୍ରସାଦ ନାୟକ ଶୋକ ପ୍ରକାଶ କରିଛନ୍ତି।

## ବ୍ଲକ୍ କଂଗ୍ରେସର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ




ବିଷମ କଟକ,୫।୯(ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ସଂଗଠପନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ ଥିଲା ଜିଲ୍ଲା କଂଗ୍ରେସ ସଭାପତି ଚୟନ ନିମନ୍ତେ ମତ ସଂଗ୍ରହ ଏବଂ ଦଳୀୟ କର୍ମୀଙ୍କୁ ସଂଗଠିତ କରିବା। ଦଳ ଏହି ଦାୟୀତ୍ୱ କର୍ଣ୍ଣାଟକ ରାଜ୍ୟର ବିଧାୟକ ତଥା ଏଆଇସିସି ପର୍ଯ୍ୟବେକ୍ଷକ ରିଜୱାନ୍ ଅର୍ସଦଙ୍କ ହାତରେ ଦାୟିତ୍ୱ ଦେଇଛନ୍ତି। ତେଣୁ ଶ୍ରୀ ଅର୍ସଦ ରାୟଗଡା ଜିଲ୍ଲାର ସମସ୍ତ ୧୧ଗୋଟି ବ୍ଲକକୁ ଯାଇ ସଂଗଠନ ସୃଜନ କାର୍ଯ୍ୟକ୍ରମ ଆୟୋଜନ କରିବା ସହ କର୍ମୀଙ୍କ ଠାରୁ ମତ ସଂଗ୍ରହ କରୁଛନ୍ତି। ଏହି ଅବସରରେ ଓଡିଶା ପ୍ରଭାରୀ ଅଜୟ କୁମାର ଲଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବଳଭଦ୍ର ମାଝି, ଅଖିଳ ଭାତ୍ରା, ଚିନ୍ମୟ ସୁନ୍ଦର ଦାଶ ,କୋରାପୁଟ ସଂସଦ ସପ୍ତଗିରି ଉଲ୍ଲାକା, ଜିଲ୍ଲା ସଭାପତି ଦୁର୍ଗା ପ୍ରସାଦ ପଣ୍ଡା,ରାୟଗଡା ବିଧାୟକ ଆପଲସ୍ୱାମି କାଡ୍ରାକା,ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମ କଟକ ବିଧାୟକ ନିଳମାଧବ ହିକକା, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ଲକ ସଭାପତି କୃଷ୍ଣ ନାଣକା ମୂଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନଙ୍କୁ ପୁଷ୍ପମାଲ୍ୟ ଏବଂ ଉପଡୌକନ ଦେଇ ସମ୍ମାନିତ କରିଥିଲେ। ବିଷମ କଟକ ସଂସଦ ପ୍ରତିନିଧି ଦିଲୀପ କୁମାର ପଟ୍ଟନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଆସନ୍ତା ୭ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ବ୍ଲକ ଗ୍ରସ୍ତ ସାରି ଏଆଇସିସିଙ୍କୁ ରିପୋର୍ଟ ଦାଖଲ କରିବେ ବୋଲି ସୂଚନା ମିଳିଛି। ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ବିଷମ କଟକ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ଆଗଧାଡିର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ପଦ୍ମପୁର,୫।୯(ସମିସ): ରାୟଗଡ଼ା ଜିଲ୍ଲାର ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ପାଦିଲବନ୍ଧ ରାସ୍ତାରେ ଲକ୍ଷ୍ମୀବସ୍‌କୁ ଓଭରଟେକ୍ କରି ଦୁଇ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ପଦ୍ମପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରାୟଗଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ପଦ୍ମପୁର ବ୍ଲକ ଅନ୍ତର୍ଗତ ନୂଆଗଡ ପଂଚାୟତର ପାଦିଲିବନ୍ଧ ଗ୍ରାମ ପାଖରେ ନିଜ ଗ୍ରାମ ପାଦିଲିବନ୍ଧରୁ ପଦ୍ମପୁରକୁ ଆସୁଥିବା ସମୟରେ ସମ୍ମୁଖ ଦେଇ ଯାଉଥିବା ଲକ୍ଷ୍ମୀ ବସ୍‌କୁ ଓଭରଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ରାସ୍ତାରୁ ତଳକୁ ଖସିପଡିବାରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗୁଲୁଗୁଡା ଗ୍ରାମର ଚିନୁ ବିନିଆ(୫୦) ଓ ସମିଙ୍ଗା ମାଝୀ (୫୦ର)। ସେମାନଙ୍କୁ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ଅମ୍ବୁଜ ରତ୍ନ ମୁଦୁଲି ପ୍ରାଥମିକ ଚିକିତ୍ସା କରିଥିଲେ ମଧ୍ୟ ଉଭୟଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ସେମାନଙ୍କୁ ରାୟଗଡ଼ା ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।

## ବିଷମ କଟକ-ରାୟଗଡା ରାସ୍ତା ଅବସ୍ଥା ଶୋଚନୀୟ

➤ ୬ ମାସ ଗଲାନି ମରାମତି କାମ
➤ ବଢୁଛି ଦୁର୍ଘଟଣା, ବାଧାପ୍ରାପ୍ତ ହେଉଛି ଯାତାୟାତ

ବିଷମ କଟକ,୫।୯(ସମିସ): ବିଷମ କଟକ ଠାରୁ ରାୟଗଡ଼ାକୁ ଯୋଗାଯୋଗ କରୁଥିବା ୩୨୬ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ନିୟମିତ ବ୍ୟବଧାରେ ମରାମତି ହେଉଛି ସତ । ହେଲେ ମରାମତି କାର୍ଯ୍ୟ ଏତେ ନିମ୍ନମାନର ହେଉଛି ଯେ ମରାମତିର କିଛି ମାସ ମଧ୍ୟରେ ଏହି ରାସ୍ତା ପୂର୍ବ ଅବସ୍ଥାକୁ ଫେରିଆସୁଛି। ଗତ ମାର୍ଚ୍ଚ ମାସରେ ପୂର୍ତ୍ତ ବିଭାଗ ଦ୍ୱାରା ଏହି ରାସ୍ତା ଚାଟିକୋଣାଠାରୁ ରାୟଗଡା ପର୍ଯ୍ୟନ୍ତ ଲକ୍ଷ୍ୟାଧିକ ଟଙ୍କା ବ୍ୟୟରେ ମରାମତି କାର୍ଯ୍ୟ ହୋଇଥିଲା। ହେଲେ ଅସରାଏ ବର୍ଷା ହେବାରୁ ରାସ୍ତାରୁ ପିଚୁ ଉଠି ରାସ୍ତା ସ୍ଥାନ ସ୍ଥାନରେ ବଡ଼ ବଡ଼ ଗର୍ତ ହୋଇଛି। ବର୍ତ୍ତମାନ ରାସ୍ତାର ମଧ୍ୟଭାଗରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ବର୍ଷା ହେଲେ ଏହି ବଡ଼ ବଡ଼ ଗର୍ତ୍ତରେ ପାଣି ଜମି ରହୁଛି। ଫଳରେ ବାଇକ ଚାଳକ ଏବଂ ଛୋଟ ଛୋଟ ଚାରିଚକିଆ ଗାଡି ଅନେକ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଛି। ଏହି ରାସ୍ତା ଦେଇ ଯିବା ଆସିବା ଲୋକଙ୍କ ପାଇଁ ବିପଦସଂଙ୍କୁଳ ହୋଇପଡିଲାଣି। ଦୈନିକ ଏହି ରସ୍ତାରେ ହଜାର ହଜାର ସଂଖ୍ୟାରେ ଯାନବାହନ ଯାତାୟାତ କରୁଥିଲେ ମଧ୍ୟ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଗାତକୁ ସମତଳ କରିବା ଦିଗରେ ବିଭାଗ ଦୃଷ୍ଟି ଦେଉନାହିଁ। ଫଳରେ ଗାଡ଼ି ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା କାରଣରୁ ରାସ୍ତା ମରାମତି କାର୍ଯ୍ୟ ଅତି ନିମ୍ନମାନର ହେଉଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଭାରିଯାନ ଚଳାଚଳ କରୁଥିବାର ରାସ୍ତାର ତୁରନ୍ତ ମରାମତି କରିବା ପାଇଁ ଦାବି ହେଉଛି।

● 'ସକାଳ'ର ପ୍ରଭାବ

## କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତାଲା ଖୋଲିଲା

ବିଷମ କଟକ,୫।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକ ଠାରେ ଅବସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟାଳୟରେ ଦୀର୍ଘ ଦିନ ହେବ ତାଲା ଝୁଲୁଥିବା ନେଇ ଗତ ବୁଧବାର ଦିନ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହି ଖବର ପ୍ରକାଶନ ପରେ ବିଭାଗୀୟ ବାବୁଙ୍କ ନିଦ ଭାଙ୍ଗିଛି। ଦାୟୀତ୍ୱରେରେ ଥିବା ଯନ୍ତ୍ରୀ ରଶ୍ମିତା ବେହେରା ଗୁରୁବାର ଦିନ ବିଷମ କଟକ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟ ବାରଣ୍ଡା ସଫାସୁତରା କରାଇବା ସହ କାର୍ଯ୍ୟାଳୟ ଖୋଲିଥିଲେ ଏବଂ ନିୟମିତ ବ୍ୟବଧାନରେ କାର୍ଯ୍ୟାଳୟ ଖୋଲିବା ନେଇ ସୂଚନା ଦେଇଥିଲେ। କାର୍ଯ୍ୟାଳୟରେ ଯନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କୌଣସି କର୍ମଚାରୀ ନଥିବାରୁ କ୍ଷେତ୍ର ପରିଦର୍ଶନରେ ଯିବା ସମୟରେ କାର୍ଯ୍ୟାଳୟ ବନ୍ଦ ରହୁଥିବା ନେଇ ସଫେଇ ଦେଇଛନ୍ତି। ସୂଚନା ଥାଉକି କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ମାସାଧିକ କାଳ ତାଲା ଝୁଲିଥିବାରୁ କାର୍ଯ୍ୟାଳୟର ପ୍ରବେଶ ଦ୍ୱାରରେ ସିଉଳି ସାଙ୍ଗକୁ ଅଳିଆ ଭରି ହୋଇଥିବା ବେଳେ ବାରଣ୍ଡାରେ ଧୂଳି ଜମିକି ରହିଥିଲା। ଚାଷୀ ମାନେ ନିଜର ଅଭିଯୋଗ ନେଇ ଆସୁଥିବା ସମୟରେ କାର୍ଯ୍ୟଳୟରେ ତାଲା ଝୁଲୁଥିବା ଦେଖି ନିରାଶ ହୋଇ ଫେରୁଥିଲେ। ତେବେ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୋଲିଥିବା ବେଳେ ଚାଷୀଙ୍କ ସମସ୍ୟା ସମାଧାନ ହୋଇପାରିବା ନେଇ ଆଶା ସଞ୍ଚାର ହୋଇଛି।

## ଦୁର୍ଗମ ଅଞ୍ଚଳରେ ନାହିଁ ବସ୍‌ସେବା

# ଶୋଚନୀୟ ଘାଟି ରାସ୍ତା; ହନ୍ତସନ୍ତ ପଞ୍ଚାୟତବାସୀ

କୁନ୍ଦୁରା, ୫।୯(ସମିସ): ଘାଟି ରାସ୍ତା ଯୋଗୁଁ ଫୁଲଭଟ୍ଟା ପଞ୍ଚାୟତବାସୀ ଲକ୍ଷ୍ମୀ ବସ୍‌ସେବାରୁ ବଞ୍ଚିତ ରହିଛନ୍ତି । ପଞ୍ଚାୟତ ସଦର ଗାଁ ଫୁଲଭଟ୍ଟା ଆରମ୍ଭରୁ ରହିଛି ଏହି ଜଙ୍ଗଲିଆ ଘାଟି ରାସ୍ତା। ଘାଟିର ଉଭୟ ପାଶ୍ୱର୍ ପ୍ରାୟ ପାଞ୍ଚଶହ ମିଟର ହେବ । ଅଙ୍କାବଙ୍କା ଘାଟି ସାଙ୍ଗକୁ ଶୋଚନୀୟ ରାସ୍ତା ଓ ପଞ୍ଚାୟତ ସଦର ଆରମ୍ଭରୁ ରହିଛି ଘାଟି ଓ ପଞ୍ଚାୟତର ସବୁ ଗାଁ ଘାଟି ଆର ପଟେ ରହିଛି। ବ୍ଲକର ଅନୁନ୍ନତ, ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଏହି ପଞ୍ଚାୟତବାସୀ ଲକ୍ଷ୍ମୀବସ ସେବାରୁ ବଞ୍ଚିତ ରହିଛନ୍ତ। ବସ ଯାତାୟତ ପାଇଁ ସାରଣୀ ରହିଛି। ବସ ଷ୍ଟପ୍ ଅଛି, କେବଳ ପାଞ୍ଚ ଶହ ମିଟର ଘାଟିରାସ୍ତା ଛାଡ଼ି ଦେଲେ ବସ୍ ଯାତାୟତ ଉପଯୋଗୀ ରାସ୍ତା ବି ଅଛି। ଆଜିକୁ ସାତ ବର୍ଷ ତଳେ ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୩ କୋଟି ୬୫ ଲକ୍ଷ ବ୍ୟୟରେ ୬.୪୦୦ ମିଟର ରାସ୍ତା ନିର୍ମାଣ ହୋଇଥିଲା। ସେ ସମୟରେ କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କୁ ଘାଟି କାଟିବାକୁ ବହୁ ଅନୁରୋଧ କରିଥିଲେ। ରାସ୍ତା ହେଲେ ବି ଘାଟି ନ କାଟିଲେ ଲୋକଙ୍କ କିଛି କାମରେ ଆସିବ ନାହିଁ ବୋଲି କହିଥିଲେ। କିନ୍ତୁ ଲୋକଙ୍କ କଥାକୁ କେହି ଗୁରୁତ୍ୱ ଦେଲେନାହିଁ । ଘାଟି ରାସ୍ତା କାମ ଅତି ନିମ୍ନମାନର କରି ଚାଲିଗଲେ। ଅନ୍ୟ ସବୁ ଆଡ଼େ ରାସ୍ତା ଚଳନୀୟ ରହିଛି । ଘାଟିରେ ପିଚୁର ଚିହ୍ନବର୍ଣ୍ଣ ନାହିଁ। ଉଭୟ ପାଶ୍ୱର୍ରେ ପିଚୁ ଉଠି ଯାଇ ଅନେକ ସ୍ଥାନରେ ଗାତ ହୋଇଛି। ଚଳିତ ବର୍ଷାରେ ରାସ୍ତା ମଝିରେ ପାଣି ବୋହି ଯାଇ ଉଭୟ ପାଶ୍ୱର୍ରେ ଉପରୁ ତଳ ପର୍ଯ୍ୟନ୍ତ ନାଳ ହୋଇଛି। ଜଙ୍ଗଲ ଘେରା ଘାଟି ସାଙ୍ଗକୁ ମେଟାଲ୍ ସବୁ ବାହାରି ପଡ଼ିଛି। ଯାହାଦ୍ୱାରା ସମଗ୍ର ପଞ୍ଚାୟତ ବାସୀ ପ୍ରତି ଦିନ ଯାତାୟତ



ପାଇ ବହୁ ଯନ୍ତ୍ରଣା ଭୋଗୁଛନ୍ତି। ଦୁର୍ଗମ ଅଞ୍ଚଳରେ ବସ ସେବା ପାଇବା ନେଇ ଲୋକେ ଖୁସି ହୋଇଥିଲେ। ହେଲେ ଏହି ଘାଟି ସକାଶେ ବସ ଯାଇ ପାରିବ ନାହିଁ ବୋଲି ଜାଣିବା ପରେ ବହୁ ଦୁଃଖ ପ୍ରକାଶ କରିଛନ୍ତି । ସେବେଠାରୁ ଘାଟି କାଟିବାକୁ ଗ୍ରାମସଭା, ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ବହୁବାର ଲିଖିତ ଅଭିଯୋଗ କରିଛନ୍ତି । ତଥାପି ଫଳ ଶୂନ୍ । ଏହି ଘାଟି ହେଉଛି ପଞ୍ଚାୟତବାସୀଙ୍କ ବଡ଼ ଦୁଃଖ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଘାଟି କାଟିବା ସହ ପକ୍କା ରାସ୍ତା ନିର୍ମାଣ କରିବାକୁ ନିବେଦନ କରିଛନ୍ତି ପଞ୍ଚାୟତର ଘାସିରାମ ଜାନି, ଶୁକ୍ରୁ କ୍ରାଇସ୍କା, ଗୁପ୍ତ ସାନ୍ତା, କୁମୁଟି ସାନ୍ତା, ଗୁରୁନାଥ ସାନ୍ତା, ସାହେବ ସାନ୍ତା, ଗୁରୁବନ୍ଧୁ ଜାନି, ଚୈତନ ସାନ୍ତା, ସୁବା ସାନ୍ତା ପ୍ରମୁଖ। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଇନ୍ଦ୍ର ବାସ୍କେଙ୍କୁ ପଚାରିବାରୁ ସେହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ପ୍ରକ୍ରିୟା ଚାଲୁ ରହିଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ବହୁ ରାସ୍ତା ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହା ଭିତରେ ଏହି ରାସ୍ତା ମଧ୍ୟ ରହିଛି । ଏହା ରାଜ୍ୟ ସ୍ତରରେ ଅନୁମୋଦନ ହୋଇଥାଏ । ପୂର୍ତ୍ତ ବିଭାଗକୁ ଏହି ରାସ୍ତା ହସ୍ତାନ୍ତର ହେଲେ ଘାଟି କାଟିବା ସହ ଉନ୍ନତମାନର ରାସ୍ତା ହୋଇ ପାରିବ ବୋଲି କହିଛନ୍ତି।

# ଜିଲ୍ଲାସ୍ତରୀୟ ଗୁରୁଦିବସ ସମାରୋହ

## କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ମାଲକାନଗିରି,୫।୯(ସମିସ) : ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ପାଳନ ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଜିଲ୍ଲା ବର୍ଗରେ ଚୟନ ହୋଇ ଥିବା ଶ୍ରେଷ୍ଠ ଶିକ୍ଷକ ଏବଂ ଜିଲ୍ଲା ଶିକ୍ଷା ପ୍ରଶାସନ ତରଫରୁ ଅବସରପ୍ରାପ୍ତ ପାଞ୍ଚ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାରୋହରେ ସଭାପତି ରୂପେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ , ଅତିଥି ରୂପେ ବିଧାୟକ ମାଲକାନଗିରି ନରସିଂହ ମାଡକାମୀ , ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ , ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ , ନବରଙ୍ଗପୁର ସାଂସଦ ଙ୍କ ପ୍ରତିନିଧି ସଞ୍ଜୟ ସରକାର , ବିଧାୟକ ଚିତ୍ରକୋଣ୍ଡା ଙ୍କ ପ୍ରତିନିଧି ରୂପେ ଗୋବିନ୍ଦଚନ୍ଦ୍ର ପାତ୍ର , ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷ୍ୟା ମମତା ଝୋଡିଆ ପ୍ରମୁଖ ମାଞ୍ଚାସୀନ ରହି ଥିଲେ। ଉତ୍ତରୀୟ ଓ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରି ଅତିଥି ମାନେ କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ଦ୍ୱାରା ଚୟନ ହୋଇଥିବା ପ୍ରାଥମିକ ଶିକ୍ଷା ବର୍ଗରୁ ସାତ ଜଣ, ମାଧ୍ୟମିକ ଶିକ୍ଷା ବର୍ଗରୁ ପାଞ୍ଚ ଜଣ, ଜଣେ ଆଞ୍ଚଳିକ ସାଧନ କର୍ମୀ ସଂଯୋଜକ ପୁରସ୍କୃତ ହୋଇ ଥିବା ବେଳେ ଜିଲ୍ଲା ଶିକ୍ଷା ପ୍ରଶାସନ ମାଲକାନଗିରି ତରଫରୁ ପାଞ୍ଚ ଜଣ ଅବସରପ୍ରାପ୍ତ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମଟିକୁ ବରିଷ୍ଠ ଶିକ୍ଷକ ଦେବରାଜ ସେଠୀ ସଂଯୋଜନା କରିଥିବା ବେଳେ ଜଗଦୀଶ ସେଠୀ ଉପସ୍ଥିତ ଥିଲେ।

# ୨୫ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ରାୟଗଡ଼,୫।୯(ସମିସ): ରାୟଡ଼ା ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଯୋଗ ଦେଇଥିଲେ। ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବିଷମକଟକର ଅଧକ୍ଷ ଜଗନ୍ନାଥ ମେହେର ଓ ଏଡିଇଓ ଭଜନଲାଲ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାହାକ ମୁଖ୍ୟମନ୍ତ୍ରୀ ଶିକ୍ଷା ଯୋଜନାର ଆଭିମୁଖ୍ୟ ଓ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ୧୪ ଜଣ ଉଚ୍ଚ ବିଦ୍ୟାଳୟ, ୧୦ଜଣ ପ୍ରାଥମିକ ଓ ଜଣେ ସିଆରସିସିଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘ ତରଫରୁ ରାୟଗଡ ଜିଲ୍ଲାରୁ ଆସିଥିବା ୨୮ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ , ଉପଢୌକନ ଓ ମାନପତ୍ର ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ଜଆୟୋଜନରେ ଜିଲ୍ଲା ଶିକ୍ଷାଧୀଶଙ୍କ କାର୍ଯ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟର କର୍ମକର୍ତ୍ତା, ଜିଲ୍ଲା ଶିକ୍ଷକ ସଂଘର ସଂଗଠକ ସାନନ୍ଦ ବେନିଆ, କୋଷାଧ୍ୟକ୍ଷ ନୀଳାଚଳ ପଣ୍ଡା, ସଂଗଠନ ସମ୍ପାଦକ ମହେନ୍ଦ୍ର ବାଗ, ରାଜ୍ୟ ଉପସଭାପତି ନରେଶ ସିଂ, ରାଜ୍ୟ ଆଞ୍ଚଳିକ ସମ୍ପାଦକ ଦୀପକ ରାଉତ, ରାୟଗଡା ବ୍ଲକ ସଭାପତି ସଦାନନ୍ଦ ନାୟକ, ସୁରେଶ ପଟ୍ଟନାୟକ, ପୁରନ୍ଦର ପାଣି, ସରୋଜ କୁମାର ପତ୍ରି, ବିଜୟ କୁମାର ପଣ୍ଡା, ପ୍ରଦୀପ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ସଂପାଦକ ନୀଳାଞ୍ଚଳ ମିଶ୍ର ବକ୍ତବ୍ୟ ରଖିଥିଲେ।

## ରାୟଗଡ଼ା ସଂସ୍କୃତି ଅନୁଷ୍ଠାନରେ ଗୁରୁଦିବସ

ରାୟଗଡ, ୫।୯(ସମିସ ): ରାୟଗଡ଼ା ସଂସ୍କୃତି ଅନୁଷ୍ଠାନ ତରଫରୁ ଆଜି ଏକ ସମ୍ବର୍ଦ୍ଧନା ସଭା ଓ ଗୁରୁ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ରାୟଗଡାର ୪ ଜଣ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଯୋଗ ଗୁରୁ ଟି. ଜୟରାମ, କାରପେଣ୍ଟର ଗୁରୁ ଏ. ଜଗନମୋହନ, ସିଲେଇ ପ୍ରଶିକ୍ଷଣ ଗୁରୁ ମନୋରମା ନନ୍ଦ ଏବଂ ଶିକ୍ଷକ ଏମ. ମୁରଲୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ନୂତନ ଭାବେ ମହିଳା ସଂସ୍କୃତି ଅନୁଷ୍ଠାନର କାର୍ଯ୍ୟକାରିଣୀ ପଦ ପଦବୀ ପାଇଥିବା ସଭାପତି ପ୍ରତିମା ପାଣିଗ୍ରାହୀ, ସମ୍ପାଦକ ସେନାପତି ସନ୍ତୋଷି, କୋଷାଧ୍ୟକ୍ଷ ଲକ୍ଷ୍ମୀ ଦେଓ, ଉପ ସଭାପତି ଅମୂଲ୍ୟ ମିଶ୍ର, ଅଞ୍ଜଳି ଶତପଥୀକୁ ମଧ୍ୟ ଅନୁଷ୍ଠାନର ସମସ୍ତ ସଦସ୍ୟାମାନେ ସମ୍ମାନିତ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ



ରାୟଗଡା୫।୯(ସମିସ): ସରସ୍ୱତୀ ଶିଶୁ ବୀଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡ ଠାରେ ଗୁରୁଦିବସ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶୀ ଭୂଷଣ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, କୋଷାଧ୍ୟକ୍ଷ ମନୋଜ କୁମାର ଚୌଧୁରୀ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସିନ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକଙ୍କ ଦ୍ୱାରା ଧନ୍ୟବାଦ ପ୍ରଦାନ ପରେ କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା।

## ଅମ୍ବାଦଳା ସାମନ୍ତ ମହା ବିଦ୍ୟାଳୟରେ ଗୁରୁ ଦିବସ

ମୁନିଗୁଡ଼ା,୫।୯(ସମିସ) ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଉକ୍ତ ଗୁରୁ ଦିବସରେ ମହା ବିଦ୍ୟାଳୟର ଅଧ୍ୟକ୍ଷ କବିରାଜ ପ୍ରଧାନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବରିଷ୍ଠ ଅଧ୍ୟାପକ ମନୋଜ କୁମାର ଦାସ ଓ ଓଡିଆ ବିଭଗର ବରିଷ୍ଠ ଅଧ୍ୟାପକ ଗୋଲକ ବିହାରି ଘଡେଇ ଓ ଶିକ୍ଷା ବିଭାଗର ଅଧ୍ୟାପକ ସୁଜିତ କୁମାର ସେଠୀ, ଗ୍ରନ୍ଥ ରକ୍ଷକ ଉମେଶ ସାମନ୍ତ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଭକ୍ତିପୂତ ପ୍ରଣାମ କାର୍ଯ୍ୟକ୍ରମ



ରାୟଗଡ଼ା, ୫।୯(ସମିସ): ପବିତ୍ର ଗୁରୁ ଦିବସ ଅବସରରେ ନାଗାବଳୀ ଲାଏନ୍ସ କ୍ଲବ ତରଫରୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ "ଭକ୍ତିପୂତ ପ୍ରଣାମ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପରୋପକାରୀ,ସଂସ୍କାରବାଦୀ, ନିର୍ଭୀକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗଦୀଶ ଚନ୍ଦ୍ର ଦୋରାଙ୍କୁ ସମାଜର ବହୁମୂଲ୍ୟ ସେବା କରୁଥିବାରୁ ସ୍ୱୀକୃତି ସ୍ୱରୁପ "ଶିକ୍ଷକ ଗୌରବ-୨୦୨୫" ସମ୍ମାନରେ ଭୂଷିତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ନାଗାବଳୀ ଲାଏନ୍ସ କ୍ଲବ ର ଚାର୍ଟର ସଭାପତି ଡଃ ଦୁଷ୍ମନ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶଶୀ ପଟନାୟଙ୍କ,ଅବସରପ୍ରାପ୍ତ ଅଧ୍ୟାପିକା ଶ୍ରୀମତୀ କୃଷ୍ଣପ୍ରିୟା ସାହାଣୀ,ମହିଳା ମହା ବିଦ୍ୟାଳୟ ର ଅଧ୍ୟକ୍ଷା ଡଃ ଅର୍ଚ୍ଚନା ରାଣୀ ପଟନାୟକ, ଅବସରପ୍ରାପ୍ତ ମଣ୍ଡଳ ନିରୀକ୍ଷକ ବିପିନ ବିହାରୀ ବିଶ୍ୱାଳ ,ସ୍ୱଳ୍ପ କାଳୀନ ପୂର୍ବତନ ଅଧ୍ୟାପକ ଅଜିତ ପାଣିଗ୍ରାହୀ ସିପ୍ରମୁଖ ବ୍ୟକ୍ତିତ୍ୱ ମାନ ଙ୍କୁ ସଭାପତି ଶୁଭ୍ରା ପଣ୍ଡା, ସମ୍ପାଦକ ଡଃ ବିପିନ ବିହାରୀ ବିଶ୍ୱାଳ,ଉପସଭାପତି ଅଜିତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁଦର୍ଶନ ପାଢ଼ୀ, ବରିଷ୍ଠ ସଭ୍ୟଶ୍ରୀ ବ୍ରଜ ସୁନ୍ଦର ନାୟକ, ଶଶୀ ପଟନାୟଙ୍କ, କୃଷ୍ଣପ୍ରିୟା ସାହାଣୀ, ଶ୍ରୀମତୀ ରୁବିରାଣୀ କୁଣ୍ଡୁ, ମମତାରାଣୀ ଦାସ, ଶୋଭା ରାଣୀ ପଟନାୟକ, ଅଞ୍ଜଳି ପଣ୍ଡା , ଦ୍ୱିତୀୟା ପଣ୍ଡା, ରବିନାରାୟଣ ଶତପଥି, ଲାବଣ୍ୟ ପଟନାୟକ , ପ୍ରଦୀପ୍ତ ପାତ୍ର, ଅରୁଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ କରିଥିଲେ।ଏକ ଅଭିନବ କାର୍ଯ୍ୟକ୍ରମ ସ୍ୱରୂପ ସମସ୍ତ ସଭ୍ୟା/ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ରବି ନାରାୟଣ ଶତପଥୀ ଓ ଶ୍ରୀମତି ମମତା ରାଣୀ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଡଃ ଦୁଷ୍ମନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟନାରାୟଣ ମହାବିଦ୍ୟାଳୟରେ ଗୁରୁଦିବସ



ମାଲକାନଗିରି,୫।୯(ସମିସ): ସ୍ଥାନୀୟ ମାଲକାନଗିରିସ୍ଥିତ ସତ୍ୟନାରାୟଣ ମହାବିଦ୍ୟାଳୟରେ ଗୁରୁଦିବସ ଦିବସ ପାଳିତ ହୋଇଛିଯାଇଛି। ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଅତି ଆଡମ୍ବର ସହକାରେ ଡଃ ସର୍ବପଲ୍ଲୀ ଡରାଧାକୃଷ୍ଣନଙ୍କ ପ୍ରତିମାକୁ ପୂଜାର୍ଚ୍ଚନା କରି ସଭାକୁ ପ୍ରାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ତଥା ଅଧକ୍ଷା ଶ୍ରୀମତୀ ମମତା ପାଣିଗ୍ରାହୀ ଓ ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଭାରତୀୟ ପ୍ରାଚ୍ୟ ଆର୍ଯ୍ୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା, ଗୁରୁ ଓ ଶିଷ୍ୟର ସମ୍ପର୍କ, ଗୁରୁଙ୍କ ଦାୟିତ୍ୱ ଉପରେ ଅଭିଭାଷଣ ପ୍ରଦାନ ସହ ଶିଷ୍ୟ ବା ଛାତ୍ରଛାତ୍ରୀମାନଙ୍କର ନୀତି, ଆଦର୍ଶ ଓ ଶୃଙ୍ଖଳା ସହ ଚରିତ୍ର ଗଠନ ଛାତ୍ରର କର୍ତ୍ତବ୍ୟ ଏବଂ ଆଦର୍ଶ ଛାତ୍ର ହିଁ ଦେଶର ଗୋଟିଏ ଉତ୍ତମ ନାଗରିକ ବୋଲି ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ। ଆନୁଷ୍ଠାନର ଅଧକ୍ଷା ମମତା ପାଣିଗ୍ରାହୀ ଉପସ୍ଥିତ ରହି ଶିଷ୍ୟର ନୈତିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। +୨ ଓ +୩ ବିଭାଗର ଅଧ୍ୟାପକ ରାମକୃପା ନାୟକ, ଏ ସ୍ୱାତି, ରଶ୍ମିତା ପଟ୍ଟନାୟକ, ଦୁଷ୍ମତୀ ମଡାଙ୍ଗି, ଦିପ୍ତିଳତା କଂସାରି, ବିଜୟ ସରକାର, ରାହୁଲ ବର୍ମନ, ଆକାଶ ମଣ୍ଡଲ, ରଞ୍ଜିତ ପାଣିଗ୍ରାହୀ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ସେହିପରି ନର୍ସିଙ୍ଗ ତଥା ପାରାମେଡିକାଲ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ସୁମରିନ ସୁମନ କାର୍ତ୍ତିକ, ସରିତା ପାଣିଗ୍ରାହୀ, ସୀମା ବାଛାର, ନିବେଦିତା ହୁଜଦକ, ରଙ୍କି ହରିଜନ, ଦେବକୀ ମୁଦୁଲି ପ୍ରମୁଖ ଯୋଗଦାନ କରିଥିଲେ। ଅଧ୍ୟାପକ ଅଧ୍ୟାପିକାମାନେ ନିଜ ନିଜ ମନ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀମାନେ ସଭାକୁ ସଂଯୋଜନା କରି ଗୁରୁ-ଦିବସକୁ ଆହୁରି ରଙ୍ଗାୟିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରମୁଖ ଛାତ୍ରଛାତ୍ରୀମାନେ ଶିଷ୍ୟର କର୍ତ୍ତବ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ଗୁରୁଜୀମାନଙ୍କୁ ଉପହାର ପ୍ରଦାନ କରି ଆଶୀର୍ବାଦ କାମନା କରିଥିଲେ।

## ୫୪୦୦୧ ଟଙ୍କାରେ ନିଲାମ ହେଲା ଲଡୁ

ମାଲକାନଗିରି,୫।୯(ସମିସ) ମାଲକାନଗିରି ଜିଲ୍ଲା ସଦରରେ ଥିବା ତେଲୁଗୁ ସାହିରେ ସ୍ଥାନୀୟ ଯୁଥ କ୍ଲବ୍ ତରଫରୁ ଗଣେଶ ପୂଜା ବେଶ୍ ଧୁମ୍‌ଧାମ୍‌ରେ ପାଳନ ହେବା ପରେ ଆଜି ଭସାଣିରେ ବିଶେଷ ଆକର୍ଷଣ ଥିଲା ଶ୍ରୀ ଗଣେଷଙ୍କ ନିକଟରେ ଭୋଗ ଲାଗିଥିବା ୧୧ କିଲୋର ଲଡୁ। ପ୍ରତି ବର୍ଷ ପରି ଏହି ବର୍ଷ ମଧ ଲଡୁର ନିଲାମ କରାଯାଇଥିଲା। ନିଲାମ ପ୍ରକ୍ରିୟାରେ ପ୍ରାୟ ୨୦ରୁ ଉର୍ଦ୍ଧ ଶ୍ରଦ୍ଧାଳୁମାନେ ଅଂଶଗ୍ରହଣ କରିଥିବା ବେଳେ ୫୦୦୧ ଟଙ୍କାରୁ ଆରମ୍ଭ ହୋଇଥିଲା। ସର୍ବ ଶେଷରେ ବିଶାଲ ମାଲାକାର୍ ନାମକ ଯୁବକ ଏହି ଲଡୁକୁ ୫୪୦୦୧ଟଙ୍କାରେ କ୍ରୟ କରିଥିଲେ। କମିଟି ସଦଶ୍ୟ ମାନେ ବିଶାଲ ମାଲାକାରଙ୍କୁ ସର୍ବ ସମ୍ମୁଖରେ ସମ୍ମାନିତ କରି ଲଡୁ ପ୍ରଦାନ କରିଥିଲେ ଏବଂ ଶ୍ରୀ ବିଶାଲଙ୍କୁ ଲଡୁ ସହ ଶୋଭାଯାତ୍ରା କରି ନଗର ଭ୍ରମଣ କରିଥିଲେ।

## ବସନ୍ତ ଓ ତରୁଣ ପାଇଲେ ଜାତୀୟ ଶିକ୍ଷକ ପୁରସ୍କାର



ମାଲକାନଗିରି,୫।୯(ସମିସ): ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ମାଲକାନାଗିରି ଜିଲ୍ଲାର ବସନ୍ତ କୁମାର ରଣା, କନ୍ଦେଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କୋରାପୁଟ ଜିଲ୍ଲାରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟ ରେ କାର୍ଯ୍ୟରତ ତରୁଣ କୁମାର ଦାସ ଙ୍କୁ ଆଜି ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଛି। ବିଜ୍ଞାନ ଭବନ, ନୂଆଦିଲ୍ଲୀରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଦେଶର ମହାମହିମ ରାଷ୍ଟ୍ରପତି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ସ୍ୱରୂପ ତାଙ୍କୁ ୫୦ହଜାର ଟଙ୍କା ନଗଦ ରାଶି ଓ ମାନପତ୍ର ସହିତ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତର ମହାମହିମ ରାଷ୍ଟ୍ରପତି, ଶିକ୍ଷାମନ୍ତ୍ରୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ପୁରସ୍କାର ପୂର୍ବ ସନ୍ଧ୍ୟା ରେ ପ୍ରଧାନମନ୍ତ୍ରୀ ସମସ୍ତ ଶିକ୍ଷକ ମାନଙ୍କ ସହିତ ଭାବ ବିନିମୟ କରି ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହି ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ନୂଆଦିଲ୍ଲୀ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷକଦ୍ୱୟଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

## ମିଳିତ ଶିକ୍ଷକ ସଂଘର ରକ୍ତଦାନ ଶିବିର



କଲ୍ୟାଣସିଂହପୁର,୫।୯(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର କଲ୍ୟାଣ ମଣ୍ଡପ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଆୟୋଜନ କରାଯାଥିଲା। ଶିକ୍ଷକ ଶିବରାମ କାଡ୍ରାକା, ସଂଜୟ କୁମାର ଝାଲିଆ ଓ ଏଙ୍କେଟେଶ୍ୱର ପାଢୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ ସହଯୋଗ କରି ଥିବାବେଳେ ଜିଲ୍ଲାର ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ପ୍ରଥମେ ଆନୁଷ୍ଠାନିକ ଭାବେ କଲ୍ୟାଣସିଂହପୁର 'କ' ଯୋନର ଜିଲ୍ଲା ପରିଷଦ ସଭ୍ୟ ବି.ଭି ପ୍ରସାଦ ରାଓ ଓ ଏବିଓ ବିଜୟ କୁମାର ସେଠୀଙ୍କ ଉପସ୍ଥିତରେ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସାର ଓ କୀଟନାଶକ ଦୋକାନରେ ମିଳିତ ଚଢ଼ଉ

ଟିକିରି,୫।୯(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ କାଶୀପୁର କୃଷି ବିଭାଗ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ବ୍ଲକ୍‌ରେ ଥିବା ବିଭିନ୍ନ ସାର ଓ କୀଟନାଶକ ବ୍ୟବସାୟୀଙ୍କ ଦୋକାନ ଉପରେ ଚଢ଼ଉ କରାଯାଇଥିଲା। ବ୍ଲକରେ ଥିବା ଦୁଇଟି ବହୁମୁଖୀ ସମବାୟ ସମିତି ସମେତ ସରକାରୀ ଲାଇସେନ୍ସ ଓ ବିନା ଲାଇସେନ୍ସରେ ସାର ଓ କୀଟନାଶକ ବିକ୍ରି କରୁଥିବା ବ୍ୟବସାୟୀମାନଙ୍କ ଉପରେ ବିଭାଗ ପ କ୍ଷରୁ ଚଢ଼ଉ କରାଯାଇଥିଲା। ବ୍ଲକରେ କିଛି ବ୍ୟବସାୟୀ ବିନା ଲାଇସେନ୍ସରେ ସାର ଓ କୀଟନାଶକ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଦଲାଲଙ୍କ ମାଧ୍ୟମରେ ଚଢ଼ାଦରରେ ବିଭିନ୍ନ ଅଞ୍ଚଳରେ ସାର ଓ କୀଟନାଶକ ବିକ୍ରି କରୁଥିବା ଅଧିକାରୀ ମାନେ ଖବର ପାଇଥିଲେ। ବିଭିନ୍ନ ସାର ଓ କୀଟନାଶକ ବ୍ୟବସାୟୀ ମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସାର ଓ କୀଟନାଶକ କଳାବଜାରୀ ରୋକିବା ପାଇଁ ଆଗାମୀ ଦିନରେ ବ୍ୟବସାୟୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି। ମିଳିତ ଚଢ଼ଉ ବେଳେ କାଶୀପୁର ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ପାଢ଼ୀ, ଅତିରିକ୍ତ ତହସିଲଦାର ବିଘ୍ନରାଜ କହଁର, ଅଫିସ ଇନ୍‌ଚାର୍ଜ ନିରଞ୍ଜନ ନାୟକ, କୃଷି ଅଧିଦର୍ଶକ ଜଗଦୀଶ ପାଳ ଓ ଲୋକନାଥ ମାଣ୍ଡାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

## ଟିକିରିରେ ଗୁରୁଦିବସ



ଟିକିରି,୫।୯ (ସମିସ) ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁମନ୍ଦିର ଠାରେ ଗୁରୁଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ବେହେରା ଉପସ୍ଥିତ ଥିଲେ। ପରିଚାଳନା କମିଟିର ସଭାପତି ସରୋଜିନୀ ନନ୍ଦ ସମ୍ପାଦକ ପଦ୍ମନାଭ ମହାନ୍ତି, ସଦସ୍ୟ ମହେନ୍ଦ୍ର ସ୍ୱାଇଁ,କୁମାରୀ ପିଡିକା, ସୁଜିତ ନାୟକ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମକୁ ସୂଚାରୁ ରୁପେ ପରିଚାଳନା କରିଥିଲେ।

### ଆଦିତ୍ୟ ଆଲୁମିନା ଓ ସେଞ୍ଚୁରିଆନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

# କଂସାରିଗୁଡାରେ ହେବ ଅତ୍ୟାଧୁନିକ ପ୍ରାଣୀ ଚିକିତ୍ସାଳୟ



ରାୟଗଡା,୫।୯ (ସମିସ): ଗ୍ରାମାଞ୍ଚଳରେ ପଶୁପାଳନକୁ ନେଇ ଉତ୍ସାହ ବୃଦ୍ଧି ଓ ସ୍ଥାୟୀ ଜୀବିକା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ରାୟଗଡା ଜିଲ୍ଲା କଂସାରିଗୁଡା ଠାରେ ପ୍ରତିଷ୍ଠିତ ଆଦିତ୍ୟ ଆଲୁମିନା ରିଫାଇନେରୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ଏହି ୟୁନିଟ୍। ଆଜି ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ) ମଧ୍ୟରେ ଆନୁଷ୍ଠାନିକ ଭାବେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ସ୍ଥାନୀୟ କଂସାରିଗୁଡ଼ା ଠାରେ ଏହି ଆଧୁନିକ ପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବ। ଆଦିତ୍ୟ ଆଲୁମିନା ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଏହି ଅଭିନବ ପଦକ୍ଷେପ ଗ୍ରହଣ ହୋଇଥିବା ବେଳେ ସ୍ଥାନୀୟ ଗ୍ରାମାଞ୍ଚଳରେ ଉନ୍ନତ ପ୍ରାଣୀ ସ୍ୱାସ୍ଥ୍ୟସେବା ପାଇଁ ଥିବା ଆବଶ୍ୟକତାକୁ ପୂରଣ ନେଇ ଏହାର ଲକ୍ଷ୍ୟ ରଖିଛି। ଏହି ଅଭିଯାନ ଅଧୀନରେ ଗୃହପାଳିତ ଗାଈ, ଛେଳି, କୁକୁଡ଼ା ଓ ବୁଲା ଜୀବଜନ୍ତୁଙ୍କୁ ଉଚ୍ଚମାନର ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏଥିସହିତ ଏହି ସେବାକୁ ଆହୁରି ବ୍ୟାପକ କରିବା ପାଇଁ ଏକ ସ୍ୱତନ୍ତ୍ର ଆନିମଲ ହେଲଥ୍ ଭ୍ରାମ୍ୟମାଣ ଭ୍ୟାନ୍ ବ୍ୟବସ୍ଥା କରାଯାଇଛି। ଯାହା ମୋବାଇଲ୍ ସେବା ସହିତ କଂସାରିଗୁଡ଼ା ଏବଂ ଲକ୍ଷ୍ମୀପୁର ଅଞ୍ଚଳର ପ୍ରାୟ ୫୦ଟି ଗ୍ରାମରେ ପ୍ରାଣୀ ସ୍ୱାସ୍ଥ୍ୟ ସେବା ଯୋଗାଇବ। ଏ ନେଇ ଆଦିତ୍ୟ ଆଲୁମିନା ରିଫାଇନେରୀ ୟୁନିଟ୍ ହେଡ୍ ଏବଂ ସଭାପତି ମଜହର ବେଗ୍ କହିଛନ୍ତି ଯେ, ଏହି ପଦକ୍ଷେପ ସମସ୍ତଙ୍କ ପାଇଁ ଅଭିବୃଦ୍ଧି, ସ୍ଥାୟୀ ଜୀବିକା ଓ ପ୍ରାଣୀ ଚିକିତ୍ସା ମାଧ୍ୟମରେ ତୃଣମୂଳ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପ୍ରାଣୀ ଚିକିତ୍ସା ସେବା ବ୍ୟତୀତ, ଆଦିତ୍ୟ ବିର୍ଲା ରିଫେନେରି ସିଏସଆର ଦ୍ୱାରା ଏହି ଅଭିଯାନ ମାଧ୍ୟମରେ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା, ଆୟ ବୃଦ୍ଧି ଏବଂ ଉନ୍ନତ ପଶୁପାଳନ ଅଭ୍ୟାସ ମାଧ୍ୟମରେ ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବା ଉପରେ ଏକ ସାମଗ୍ରିକ ପଦକ୍ଷେପ। ସମ୍ପ୍ରତି ପ୍ରୟାସ ପାଇଁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏହାର ଦୀର୍ଘକାଳୀନ ସଫଳତା ପାଇଁ ବୈଷୟିକ ଜ୍ଞାନକୌଶଳ ଏବଂ କାର୍ଯ୍ୟକ୍ଷେତ୍ରରେ ପରିଚାଳନାଗତ ସହାୟତା ପ୍ରଦାନ କରିବ। ଏହି ବୁଝାମଣା ପତ୍ର ଆଦିତ୍ୟ ଆଲୁମିନା ରିଫାଇନାରୀର ୟୁନିଟ୍ ହେଡ୍ ଏବଂ ସଭାପତି ଶ୍ରୀ ବେଗ୍ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡଃ ଅନିତା ପାତ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ପ୍ରଫେସର ଡଃ ମୁକ୍ତି କାନ୍ତ ମିଶ୍ର, ସଭାପତି, ସିୟୁଟିଏମ୍, ଶ୍ରୀମତୀ ଅରୁନ୍ଧତୀ ବିଶ୍ୱାଳ, ନିର୍ଦ୍ଦେଶକ ପାର୍ଟନରସିପ୍ସ, ସିୟୁଟିଏମ୍, ଦୀପକ ମହାନ୍ତି, ମୁଖ୍ୟ ଏଚ୍‌ଆର, ଆଦିତ୍ୟ ଆଲୁମିନା ରିଫାଇନାରୀ, ମୃତ୍ୟୁଞ୍ଜୟ ଲେଙ୍କା, ଉପ-ସଭାପତି ମାଇନ୍ସ, ତନ୍ମୟ ମାହାନ୍ତି, ମୁଖ୍ୟ ସିଏସଆର ଏବଂ ଆର୍‌ଓଆର୍‌ଙ୍କ ସମେତ ଆଦିତ୍ୟ ଆଲୁମିନା ଓ ସିୟୁଟିଏମ୍ ଅନୁଷ୍ଠାନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସହାୟତାର ହାତ ବଢ଼ାଇଲା ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ

କୋରୁକୋଣ୍ଡା,୫।୯(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ସ୍ଥିତ ଦୋରାଗୁଡାରେ ଗତ ୧ ତାରିଖ ମଧ୍ୟାହ୍ନ ସମୟରେ ସୁବାଷ ଗୌଡ଼ଙ୍କ ଘରେ ସର୍ଟସର୍କିଟ ଯୋଗୁଁ ଆସବାବପତ୍ର, ଲୁଗାପଟା, ଚାଉଳ ଏବଂ ରାସନ ସାମଗ୍ରୀ ସମେତ ସମ୍ପୂର୍ଣ୍ଣ ଘରୋଇ ଉପକରଣ ପୋଡି ନଷ୍ଟ ହୋଇଯାଇଥିଲା। ଘରେ ବୃଦ୍ଧ ବୃଦ୍ଧା ଦୁହେଁ ରହୁଥିବା ବେଳେ ସୌଭାଗ୍ୟବଶତଃ ଉଭୟ ଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ସେମାନଙ୍କର ଏହି ଅସୁବିଧା ସମୟରେ ବିପଦର ବନ୍ଧୁ ଭଳି ସାହାର୍ଯ୍ୟ ର ହାତ ବଢାଇଛି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ। କୋରୁକୋଣ୍ଡା ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ସଭାପତି ପ୍ରଦୀପ କୁମାର ମହାରଣା ପାଇବା ପରେ ତୁରନ୍ତ ଉଭୟ ବୃଦ୍ଧ ବୃଦ୍ଧାଙ୍କ ନିକଟରେ ପହଞ୍ଚି ସାହାର୍ଯ୍ୟର ହାତ ବଢ଼ାଇଥିଲେ। ସେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ରଙ୍କୁ ଜଣାଇବା ପରେ ଆଜି ଅସହାୟ ପରିବାରଙ୍କୁ ଭେଟି ସହାୟତା ପ୍ରଦାନ



କରିଛି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ। ଆଜି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି, ନିରଞ୍ଜନ ମଲ, ସହ ସମ୍ପାଦକ ଶିବଦତ୍ତ ସାହୁ, ବ୍ଲକ ସମ୍ପାଦକ ଏ ଦେବାଶିଷ ପାତ୍ର, କୋଷାଧ୍ୟକ୍ଷ ଅବିନାସ ବେହେରା, ସୁଧାଂଶୁ ଶେଖର ମହାନ୍ତି, ଦିପଙ୍କର କୀର୍ତ୍ତନିଆ, ସୁରେନ୍ଦ୍ର ହାଲବା ଅସହାୟ ପରିବାରକୁ ଭେଟି ଆବଶ୍ୟକୀୟ ସାମଗ୍ରୀ ଭାବେ ଚାଉଳ ଏବଂ ରାସନ ସାମଗ୍ରୀ ସମେତ ବସ୍ତ୍ର ଆଦି ପ୍ରଦାନ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୨୫
- ୟୁରୋ ୧୦୩.୬୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୮,୬୫୦ (ନୂଆଦିଲ୍ଲୀ)
- ରୁପା : ୧,୨୯,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୭୪୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ରାଜିହେଲେନି ରାଜ୍ୟ**

**ଜିଏସ୍‌ଟି ସଂସ୍କାର ୨.୦**

**ଜିଏସ୍‌ଟି ପରିସରଭୁକ୍ତ ହୋଇପାରିଲାନି ପେଟ୍ରୋଲ ଓ ଡିଜେଲ୍**

# ତେଲ ଲିଟର ୩୫ ଟଙ୍କା କମିଥା'ନ୍ତା

**ନୂଆଦିଲ୍ଲୀ,୫।୯ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ଦ୍ୱାରା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ବଡ଼ ସଂସ୍କାର ଘୋଷଣା ପରେ ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀଗୁଡିକର ଦର ମହୁ ମାତ୍ରାରେ ହ୍ରାସ ଘଟିବ ବୋଲି କୁହାଯାଉଛି। ହେଲେ ପେଟ୍ରୋଲ ଏବଂ ଡିଜେଲର ଉଚ୍ଚ ଦର ସହ ଯୁଝୁଥିବା ସାଧାରଣ ଖାଉଟିଙ୍କୁ ଏଥିରୁ କୌଣସି ପ୍ରକାର ଆଶ୍ୱସ୍ତି ମିଳିପାରିନାହିଁ। କାରଣ ପେଟ୍ରୋଲ ଏବଂ ଡିଜେଲ ଏ ପର୍ଯ୍ୟନ୍ତ ଜିଏସ୍‌ଟି ପରିସରଭୁକ୍ତ ହୋଇପାରିନାହିଁ। ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ରାଜ୍ୟଗୁଡ଼ିକ ମଧ୍ୟରେ ଏ ପର୍ଯ୍ୟନ୍ତ ସହମତି ହୋଇପାରିନାହିଁ। ଯଦି ପେଟ୍ରୋଲ ଏବଂ ଡିଜେଲ ଜିଏସ୍‌ଟି ପରିସରକୁ ଆସିଯାଏ ତେବେ ଲିଟର ପିଛା ୧୦୦ ଟଙ୍କା ମୂଲ୍ୟରେ ପେଟ୍ରୋଲ ଏବଂ ଡିଜେଲ କିଣୁଥିବା ଗ୍ରାହକ ତାହାକୁ ଲିଟର ୬୮ ଟଙ୍କାରେ ପାଇବେ।

ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କାହିଁକି କରାଯାଉନାହିଁ ସେ ସମ୍ପର୍କରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ସରକାର ଆଜି ମଧ୍ୟ ଏହାକୁ ଜିଏସ୍‌ଟି ପରିସରରେ ରଖିପାରିବେ, କିନ୍ତୁ ଏହା ଜିଏସ୍‌ଟି ପ୍ରସ୍ତାବରେ ନ ଥିଲା। ସେ କହିଛନ୍ତି ଯେ ଜିଏସ୍‌ଟି ଆଣିବା ସମୟରେ ମଧ୍ୟ ଆମେ ପେଟ୍ରୋଲ ଏବଂ ଡିଜେଲକୁ ଏହି ବର୍ଗରେ ରଖିବାକୁ ଚେଷ୍ଟା କରିଥିଲୁ, କିନ୍ତୁ ରାଜ୍ୟଗୁଡ଼ିକ ଏଥିପାଇଁ ପ୍ରସ୍ତୁତ ନ ଥିଲେ। ପେଟ୍ରୋଲିୟମ ଉତ୍ପାଦଗୁଡ଼ିକୁ ବର୍ତ୍ତମାନ ଜିଏସ୍‌ଟି ପରିସରଭୁକ୍ତ କରାଯିବନାହିଁ। ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ଦାବି ବହୁତ ଦିନ ଧରି ଚାଲିଛି।

ବର୍ତ୍ତମାନ, ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ (କେନ୍ଦ୍ର ସରକାର) ଏବଂ ଭାଟ୍ (ରାଜ୍ୟ ସରକାର) ଲାଗୁ କରାଯାଏ। ବିଭିନ୍ନ ରାଜ୍ୟରେ ଟିକସ ହାର ଭିନ୍ନ, ଯାହା କାରଣରୁ ମୂଲ୍ୟ ମଧ୍ୟ ଭିନ୍ନ ରହିଛି। ଯଦି ଏହାକୁ ଜିଏସ୍‌ଟି ରେ ସାମିଲ




କରାଯାଏ ତେବେ ସାରା ଦେଶରେ ଜିଏସ୍‌ଟି ହାର ସମାନ ହେବ। ବର୍ତ୍ତମାନ, ପେଟ୍ରୋଲ ଏବଂ ଡିଜେଲ ଉପରେ ମୋଟ ଟିକସ ୫୦ ପ୍ରତିଶତରେ ପହଞ୍ଚିଛି, କିନ୍ତୁ ଜିଏସ୍‌ଟିର ସର୍ବୋଚ୍ଚ ହାର ୧୮ ପ୍ରତିଶତ (ସେପ୍ଟେମ୍ବର ୨୨ ରୁ)। ଏପରି ପରିସ୍ଥିତିରେ, ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରି ଗ୍ରାହକମାନେ ଅତି କମରେ ୩୨ ପ୍ରତିଶତ ଅର୍ଥ ସଞ୍ଚୟ କରିପାରିବେ। ସରଳ ଭାଷାରେ, ଯଦି ପେଟ୍ରୋଲ ଏବଂ ଡିଜେଲ ଉପରେ ୧୮ ପ୍ରତିଶତ ହାରରେ ଜିଏସ୍‌ଟି ଲଗାଯାଏ, ତେବେ ଗ୍ରାହକ ୧୦୦ ଟଙ୍କା ମୂଲ୍ୟର ପେଟ୍ରୋଲ ଏବଂ ଡିଜେଲକୁ ଲିଟର ପିଛା ୬୮ ଟଙ୍କାରେ ପାଇପାରିବେ। ଯାହା ଫଳରେ ତେଲ ଲିଟର ପିଛା ପ୍ରାୟ ୩୫ ଟଙ୍କା କମିପାରିଥାଆନ୍ତା।

**ସହମତି ଆଣିବା ବଡ଼ ଆହ୍ୱାନ**

ଅପରପକ୍ଷେ ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ଅଧୀନରେ ଆଣିବା ପାଇଁ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ସମ୍ମତି ଆବଶ୍ୟକ। ପେଟ୍ରୋଲ ଏବଂ ଡିଜେଲ ଉପରେ ଆଦାୟ କରାଯାଉଥିବା ଭାଟ୍ ରାଜ୍ୟଗୁଡ଼ିକ ପାଇଁ ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଜିଏସ୍‌ଟି ଲାଗୁ ହେଲେ ଭାଟ୍ ହଟାଇ ଦିଆଯିବ, ଯାହା ରାଜ୍ୟଗୁଡ଼ିକୁ ରାଜସ୍ୱ କ୍ଷତି ପହଞ୍ଚାଇବ। ସେଥିପାଇଁ ଅନେକ ରାଜ୍ୟ ଏଥିପାଇଁ ପ୍ରସ୍ତୁତ ନାହାଁନ୍ତି।

ଯେତେବେଳେ ରାଜ୍ୟଗୁଡ଼ି ଟିକସ ହାର ସହିତ ପ୍ରସ୍ତୁତ ହେବେ , ସେତେବେଳେ ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସର ମଧ୍ୟକୁ ଅଣାଯାଇପାରିବ। ତଥାପି, ଏହାକୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ଏହାବାଦ୍ ଜିଏସ୍‌ଟି ସଂସ୍କାର ଘୋଷଣା ପରେ ମଧ୍ୟ ଷ୍ଟକ୍ ବଜାର କାହିଁକି ଉପରମୁହାଁ ହେଉନାହିଁ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ ବଜାର କେବେବି ଗୋଟିଏ କାରଣ ଉପରେ କାମ କରେ ନାହିଁ। ଏହା କାମ ନ କରିବାର ବିଭିନ୍ନ କାରଣ ହୋଇପାରେ। ଜିଏସ୍‌ଟି ହାରରେ ହ୍ରାସ ସାଧାରଣ କମ୍ପାନୀଗୁଡ଼ିକ ପାଇଁ ନୁହେଁ, ଜନସାଧାରଣଙ୍କ ପାଇଁ ଟିକସ ହ୍ରାସ କରାଯାଇଛି।

## ଅରୁନ୍ଧତୀ ଜୁଏଲର୍ସର ସବୁ ଶାଖାରେ ଗୁରୁଦିବସ




**ଭୁବନେଶ୍ୱର, ୫।୯ (ସମିସ):** ଓଡ଼ିଶାର ଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଗୁରୁଦିବସ ଉପଲକ୍ଷେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହର ଏକ ସୁନ୍ଦର ଆୟୋଜନ ଏହାର ସମସ୍ତ ଶାଖାଗୁଡ଼ିକରେ କରାଯାଇଛି। ଏଥିରେ ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପୂର୍ଣ୍ଣ ସମର୍ପଣ ଓ ସେବା ମନୋଭାବରେ ଶୁଦ୍ଧତାଭରା ବ୍ୟବସାୟିକ ପଦ୍ଧତିକୁ କିଭଳି ଆହୁରି ସ୍ୱଚ୍ଛ କରାଯାଇପାରିବ ସେହି ସମ୍ବନ୍ଧରେ ଏକ ଆଲୋଚନା ସଭା କରାଯାଇ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀଙ୍କଠାରୁ ମାର୍ଗଦର୍ଶନ ନିଆଯାଇଥିଲା। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କହିଛନ୍ତି ଯେ ଗୁରୁ ହେଉଛନ୍ତି ଏକ ସୁନ୍ଦର ସମାଜର ସାରଥୀ। ଗୁରୁ କୋମଳମତି ଶିଶୁଟିକୁ ବିଦ୍ୟା, ବୁଦ୍ଧି, ସଂସ୍କାର ପ୍ରଦାନ କରି ଏକ ସୁନ୍ଦର ସମାଜ ଗଢି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ତେଣୁ ସମସ୍ତ ଗୁରୁ ଆଦରଣୀୟ ଏବଂ ନମସ୍ୟ। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିମନ୍ତେ ଗୁରୁ ଦକ୍ଷିଣା ସ୍ପେସିଆଲ ଅଫର ମାଧ୍ୟମରେ ସମସ୍ତ ଗୁରୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସୁନାଗହଣାର ଗଢ଼ାମଜୁରୀରେ ଫ୍ଲାଟ ୫୦% ରିଆତି ଓ ହୀରାଗହଣାର ହୀରାମୂଲ୍ୟରେ ଫ୍ଲାଟ ୨୫ % ରିଆତି ଆଗାମୀ ୩୦ ପର୍ଯ୍ୟନ୍ତ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଉପଲବ୍ଧ।

## ଜିଏସ୍‌ଟି ହ୍ରାସ ଯୋଗୁ ବାଣିଜ୍ୟ ତ୍ୱରାନ୍ୱିତ ହେବ: ଆସୋଚାମ୍

**ନୂଆଦିଲ୍ଲୀ,୫।୯ (ଏଜେନ୍ସି):** କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସେପ୍ଟେମ୍ବର ୩ରେ ଆୟୋଜିତ ଜିଏସଟି ପରିଷଦର ୫୬ତମ ବୈଠକରେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ପାଇଁ ଏକ ସରଳୀକୃତ ଜିଏସଟି ବ୍ୟବସ୍ଥା ଅନୁମୋଦନ କରାଯାଇଛି। ଏହାର ଅଂଶରୂପ, ବିଭିନ୍ନ ପ୍ରମୁଖ ଶିଳ୍ପକ୍ଷେତ୍ରରେ ଉଲ୍ଲେଖନୀୟ ହାର ହ୍ରାସ କରାଯାଇଛି। ଚମଡା, ଜୋତା, କାଗଜ, ବୟନଶିଳ୍ପ, ହସ୍ତଶିଳ୍ପ, ଖେଳଣା, ପ୍ୟାକେଜିଂ ଓ ଲଜିଷ୍ଟିକ୍ସ ପରି ଅତ୍ୟାବଶ୍ୟକ ଶିଳ୍ପଗୁଡ଼ିକୁ ଏହି ସଂସ୍କାର ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଜିଏସଟି ସଂସ୍କାର ସଂପର୍କରେ ଆସୋଚାମର ମହାସଚିବ ଶ୍ରୀ ମନୀଷ ସିଂଘଲ କହିଛନ୍ତି ଯେ, ଯେତେବେଳେ ଉପଭୋଗ ବୃଦ୍ଧି ପାଏ, ଏମଏସଏମଇ ସ୍ତରରେ ଉତ୍ପାଦିତ ଅନେକ ସାମଗ୍ରୀର ଚାହିଦା ମଧ୍ୟ ଅଧିକ ହେବ। ଏହା ସେମାନଙ୍କୁ ଲାଭ ଦେବ କାରଣ ସେମାନଙ୍କର ବ୍ୟବସାୟ ବୃଦ୍ଧି ପାଇବ।

**ଜିଏସ୍‌ଟି ହାର ହ୍ରାସ ପରେ ...**


## ମହଙ୍ଗା ହେବ ବିମାନ ଯାତ୍ରା

**ନୂଆଦିଲ୍ଲୀ,୫।୯ (ଏଜେନ୍ସି):** ବିଭିନ୍ନ ସାମଗ୍ରୀ ଏବଂ ସେବା ଉପରେ ଦ୍ରବ୍ୟ ଏବଂ ସେବା (ଜିଏସ୍‌ଟି) ହ୍ରାସ ପରେ ଏହାର ପ୍ରଭାବ ଏବେ ଦେଶରେ ବିମାନ ଯାତ୍ରା ମହଙ୍ଗା ହୋଇଛି। ଏଥିରେ ବିଶେଷ କଥା ହେଉଛି ପ୍ରିମିୟମ୍ ଇକୋନୋମି, ବିଜ୍‌ନେସ୍ ଏବଂ ପ୍ରଥମ ଶ୍ରେଣୀ ବିମାନ ଟିକଟ୍ ଏବେ ମହଙ୍ଗା ହୋଇପାରେ। କାରଣ ଏହା ଉପରେ ଜିଏସ୍‌ଟି ହାର ୧୨% ରୁ ୧୮%କୁ ବୃଦ୍ଧି କରାଯାଇଛି। ଅପରପକ୍ଷେ ଇକୋନୋମି କ୍ଲାସ ଟିକଟ୍ ମୂଲ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ। କାରଣ ଏହି ଶ୍ରେଣୀର ଟିକସ ଉପରେ ଜିଏସ୍‌ଟି ହାର କେବଳ ୫% ରହିବ। ଏହି ନୂତନ ନିୟମ ସେପ୍ଟେମ୍ବର ୨୨ରୁ କାର୍ଯ୍ୟକାରୀ ହେବ। ବିମାନ ଟିକଟ ମୂଲ୍ୟରେ ବର୍ତ୍ତମାନ ଏହି ପରିବର୍ତ୍ତନ ପରେ ଅନେକ ରେଳ ଯାତ୍ରୀ ଆଶଙ୍କାରେ ଯେ ଏସିଶ୍ରେଣୀ ଟିକଟ୍ ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ କି ନାହିଁ।

- ଜିଏସ୍‌ଟି ହାର ୧୨% ରୁ ୧୮%କୁ ବୃଦ୍ଧି
- ରେଳ ଟିକଟରେ ଜିଏସ୍‌ଟି ହାର ଅପରିବର୍ତ୍ତିତ

ଜିଏସ୍‌ଟି ହାରରେ ପରିବର୍ତ୍ତନ ପରେ ବି ପ୍ରିମିୟମ୍ କୋଚ୍ ରେଳ ଟିକଟ୍ ଉପରେ ଜିଏସ୍‌ଟି ପୂର୍ବ ଭଳି ବର୍ତ୍ତମାନ ୫% ହିଁ ରହିବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଅଣ-ଏସି ଶ୍ରେଣୀ (ଯେପରିକି ସ୍ଲିପର ଏବଂ ୨ଏସ୍) ଟିକଟ ଉପରେ ଜିଏସ୍‌ଟି ବର୍ତ୍ତମାନ ଲାଗୁ ହୋଇନାହିଁ। ଭବିଷ୍ୟତରେ ମଧ୍ୟ ଏହି ଶ୍ରେଣୀର ରେଳ ଟିକଟରେ ଜିଏସ୍‌ଟି ଲାଗୁ ହେବ ନାହିଁ। ଏସି ଶ୍ରେଣୀ (୩ଏସି, ୨ଏସି, ୧ଏସି,ଏସି ଚେୟାର କାର୍) ରେଳ ଟିକଟ ଉପରେ ୫% ଜିଏସ୍‌ଟି ଲାଗୁ କରାଯାଉଥିବାବେଳେ ଭବିଷ୍ୟତରେ ମଧ୍ୟ ଏହି ସମାନ ଟିକସ ହାର ଜାରି ରହିବ।

ଏ ସମ୍ପର୍କରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିମଲ ଜୈନ କହିଛନ୍ତି,ବିମାନ ଟିକଟ ଉପରେ ଜିଏସ୍‌ଟି ଯାହା ବର୍ତ୍ତମାନ ୧୨% (ଇକୋନୋମି କ୍ଲାସ୍ ବ୍ୟତୀତ) ରହିଛି, ସେପ୍ଟେମ୍ବର ୨୨ରୁ ତାହା ୧୮%କୁ ବୃଦ୍ଧି ପାଇବ। ଯଦି ଆପଣ ସେପ୍ଟେମ୍ବର ୨୨ ପୂର୍ବରୁ ଟିକଟ ବୁକ୍ କରନ୍ତି ଏବଂ ପେମେଣ୍ଟ ଦିଅନ୍ତି, କିନ୍ତୁ ଯଦି ଆପଣଙ୍କ ଯାତ୍ରା ପରେ କରନ୍ତି ତେବେ ସେହି ଟିକଟ ଉପରେ କେବଳ ୧୨% ଜିଏସ୍‌ଟି ଲାଗୁ ହେବ। ସେହିପରି ଇକୋନୋମି କ୍ଲାସ ବିମାନ ଟିକଟ୍ ଉପରେ ଜିଏସ୍‌ଟି ୫% ଜାରି ରହିବ ଏବଂ ଏଥିରେ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଉପଲବ୍ଧ ହେବ ନାହିଁ। କିନ୍ତୁ ଇକୋନୋମି ବ୍ୟତୀତ ଅନ୍ୟ ଶ୍ରେଣୀର ଟିକଟ୍ ଉପରେ ଜିଏସ୍‌ଟି ୧୮%କୁ ବୃଦ୍ଧି ପାଇବ, ଯେଉଁଥିରେ ବିମାନ କମ୍ପାନୀଗୁଡ଼ିକ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍‌ର ଲାଭ ଉଠାଇପାରିବେ। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏଫ୍‌ଏକ୍ୟୁର ୫୯ ନମ୍ବରରେ ଏହା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି।




## ମହିଳା ଉଦ୍ୟୋଗୀଙ୍କ ପାଇଁ ଭୋକାଲ୍-ଫର-ଲୋକାଲ ରିଟେଲ୍ ଷ୍ଟୋର୍ 'ଓଡି ସୋସିଆଲ' ଉଦ୍‌ଘାଟିତ

**ଭୁବନେଶ୍ୱର,୫।୯ (ସମିସ):** ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ "ଭୋକାଲ୍ ଫର ଲୋକାଲ" ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଓଡି ସୋସିଆଲ୍ ଓଡ଼ିଶାରେ ଏହାର ପ୍ରଥମ ପ୍ରକାରର ରିଟେଲ ଆଉଟଲେଟ୍ ଆରମ୍ଭ ହୋଇଛି। ଏହି ପଦକ୍ଷେପ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ଗୋଟିଏ ଛାତ ତଳେ ଏକାଠି କରିବ, ସେମାନଙ୍କୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରି କରିବା ପାଇଁ ଏକ ସାମୂହିକ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ଫ୍ଲାଗସିପ୍ ଷ୍ଟୋରଟି ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆରତୀ



ଆହୁଜାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। କଳା, ହସ୍ତଶିଳ୍ପ, ବୟନଶିଳ୍ପ, ଅଳଙ୍କାର, ଗୃହ ସାଜସଜ୍ଜା, ଜୈବିକ ଉତ୍ପାଦ, ପୋଷାକ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସାମଗ୍ରୀ, ସୌନ୍ଦର୍ଯ୍ୟ ଉତ୍ପାଦ, ଖାଦ୍ୟ, କର୍ପୋରେଟ୍ ଉପହାର, ସୌନ୍ଦର୍ଯ୍ୟ ସେବା ଏବଂ ଅନ୍ୟାନ୍ୟ। ଏହି ପଦକ୍ଷେପ ସୁକୀର୍ତ୍ତୀ ପଟ୍ଟନାୟକ ଦୃଷ୍ଟିକୋଣ ଏବଂ ସୋନିକା ପ୍ରଧାନଙ୍କ ସହଯୋଗ ରହିଛି। ଓଡି ସୋସିଆଲ ପ୍ରତିଷ୍ଠାତାମାନେ କହିଛନ୍ତି, କେବଳ ଏକ ରିଟେଲ ଆଉଟଲେଟ ନୁହେଁ, ଏହା ଏକ ଆନ୍ଦୋଳନ।

## ରୁପା ଅଳଙ୍କାର ଏବଂ ହସ୍ତତନ୍ତ ଶାଢ଼ିର ନୂଆ ଠିକଣା 'ହିୱାନା ଏବଂ ମମତା ଡୋରି'

**ଭୁବନେଶ୍ୱର, ୫।୯ (ସମିସ):** ରୁପା ଅଳଙ୍କାର ବ୍ରାଣ୍ଡ ହିୱାନା ଏବଂ ନୂତନ ଯୁଗର ହସ୍ତତନ୍ତ ଲେବଲ୍ ମମତା ଡୋରି ମିଳିତ ଭାବେ ନିଜର ଚମତ୍କାର ରୂପା ଅଳଙ୍କାର ଓ ଉତ୍କୃଷ୍ଟ ହସ୍ତତନ୍ତ ଶାଢ଼ିର ସଦ୍ୟତମ ସଂଗ୍ରହ ସହିତ ଭୁବନେଶ୍ୱର ପଟିଆ (କୋଏଲ କ୍ୟାମ୍ପସ ସମ୍ମୁଖ) ଠାରେ ନୂତନ ସୋରୁମ ର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ପ୍ରତିଷ୍ଠାନ



ବିଭାଗର ନିର୍ଦ୍ଦେଶକ ପି. କେ ଗୁପ୍ତାଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। ଓଡ଼ିଶା ରପ୍ତାନି ପ୍ରୋତ୍ସାହନ ଓ ମାର୍କେଟିଂ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର( ଓଏଏସ୍), ଓସିମ୍‌ର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, ଓସମେର ସାଧାରଣ ସମ୍ପାଦକ ସାତ୍ତ୍ୱିକ ସ୍ୱାଇଁ, ଓସ୍‌ମିର ଚେୟାରଓମ୍ୟାନ୍ ଜ୍ୟୋତିର୍ମୟୀ ମହାନ୍ତି ଏବଂ ଓଡ଼ିଶା ଚାପ୍ଟର ଏଡି (ଫିଓ) ମୁଖ୍ୟ କମଳ କାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମମତା ଡୋରିର ପ୍ରତିଷ୍ଠାତା ମମତା ଦାସ କହିଲେ, ଏହି ପଦକ୍ଷେପ କେବଳ ଫ୍ୟାଶନ ପାଇଁ ନୁହେଁ ବରଂ ଏହା ଆମ ବୁଣାକାରଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ପ୍ରଚେଷ୍ଟାକୁ ସମ୍ମାନ ଦେବା ଦିଗରେ ଆମର ଏକ ପ୍ରୟାସ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ମେହୁଲ ନନ୍ଦ କହିଛନ୍ତି, ସମସାମୟିକ ଡିଜାଇନ୍ ସହ କାଳଜୟୀ କାରିଗରୀକୁ ଯୁକ୍ତ କରିବା ହେଉଛି ଆମର ଲକ୍ଷ୍ୟ।

**ଜିଏସ୍‌ଟି ହାରରେ ବଡ଼ ପରିବର୍ତ୍ତନ**

## ଜିଡିପି ବଢ଼ିବ, ମୁଦ୍ରାସ୍ଫୀତି କମିବ

**ନୂଆଦିଲ୍ଲୀ,୫।୯ (ଏଜେନ୍ସି):** ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ବଡ଼ ପରିବର୍ତ୍ତନ ପରେ ସାଧାରଣ ଘରୋଇ ସାମଗ୍ରୀ ଏବଂ ସେବା ଉପରୁ ଟିକସ ହ୍ରାସ ହେବ। ଏହାର ସିଧାସଳଖ ପ୍ରଭାବ ମୋଟ ଘରୋଇ ଉତ୍ପାଦ (ଜିଡିପି) ଏବଂ ମୁଦ୍ରାସ୍ଫୀତି ଉପରେ ଦେଖିବାକୁ ମିଳିବ। ଜିଏସ୍‌ଟି ହାରରେ ହ୍ରାସ ଯୋଗୁ ଦେଶର ଜିଡିପି ବଢ଼ିବ ଏବଂ ମୁଦ୍ରାସ୍ଫୀତି କମିବ ବୋଲି ଦୁଇ ଏଜେନ୍ସି କହିଛନ୍ତି।

ଆଗାମୀ ଆର୍ଥିକବର୍ଷ (୨୦୨୫-୨୬) ରେ ଖୁଚୁରା ମୁଦ୍ରାସ୍ଫୀତି 0.65 ରୁ 0.75 ପ୍ରତିଶତ ହ୍ରାସ କରିପାରିବ। ଏସ୍‌ବିଆଇ ରିସର୍ଚ୍ଚର ଏକ ରିପୋର୍ଟ ଅନୁଯାୟୀ, ନୂତନ ଜିଏସ୍‌ଟି ନିୟମ ଲାଗୁ ହେବା ପରେ ଦେଶରେ ମୁଦ୍ରାସ୍ଫୀତି ହ୍ରାସ ପାଇବ। ଜିଏଓ୍ଟି ପରିଷଦର ୫୬ତମ ବୈଠକରେ ପୁରୁଣା ଚାରି-ସ୍ତରୀୟ ଟିକସ ସ୍ଥାନରେ ଏକ ଦୁଇ-ସ୍ତରୀୟ ଟିକସ ଗଠନକୁ ଅନୁମୋଦନ କରାଯାଇଛି। ଏହାସହିତ, କିଛି ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ସେବା ପାଇଁ ୪୦%ର ଏକ ସ୍ୱତନ୍ତ୍ର ଟିକସ ହାର ସ୍ଥିର କରାଯାଇଛି। ସେବା ଉପରେ ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ଦ୍ୱାରା ଅନ୍ୟାନ୍ୟ ସାମଗ୍ରୀ ଏବଂ ସେବା ଉପରେ ଖୁଚୁରା ମୁଦ୍ରାସ୍ଫୀତି ୦.୪୦ ରୁ ୦.୪୫ ପ୍ରତିଶତ ହ୍ରାସ ପାଇବ। ଏଥିରେ, ଗ୍ରାହକମାନେ ୫୦ ପ୍ରତିଶତ ଲାଭ ପାଇବେ ବୋଲି ଆକଳନ କରାଯାଇଛି। ରିପୋର୍ଟ ଅନୁଯାୟୀ, ସାମଗ୍ରିକ ଭାବରେ, ୨୦୨୬-୨୭ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୦.୬୫ ରୁ ୦.୭୫ ପ୍ରତିଶତ ହ୍ରାସ ପାଇପାରେ।





ନୂତନ ଜିଏସ୍‌ଟି ନିୟମ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ସେବାକୁ ଶସ୍ତା କରିବ, ଯାହା ମୁଦ୍ରାସ୍ଫୀତି ହ୍ରାସ କରିବ ଏବଂ ସାଧାରଣ ଲୋକଙ୍କୁ ଲାଭ ଦେବ।

ସେହିପରି ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି )ହାରରେ ହ୍ରାସ ଦେଶର ଅର୍ଥନୀତି ଉପରେ ପ୍ରଭାବର ମୂଲ୍ୟାଙ୍କନ ଆରମ୍ଭ ହୋଇଛି। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଜିଏସ୍‌ଟି ହ୍ରାସ ବାର୍ଷିକ ଆଧାରରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ୦.୧-୦.୧୬ ପ୍ରତିଶତ ବୃଦ୍ଧି ଏବଂ ବାର୍ଷିକ ଆଧାରରେ ମୁଦ୍ରାସ୍ଫୀତିରେ ୦.୪୦-୦.୬୦ ପ୍ରତିଶତ ହ୍ରାସ ଆଣିପାରେ। ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟଭାଗରେ ଜିଏସ୍‌ଟି ହାର ହ୍ରାସ ଦ୍ୱାରା ଆର୍ଥିକ ନିଅଣ୍ଟ ଉପରେ ପ୍ରଭାବ ସୀମିତ ହେବ। ବ୍ୟାଙ୍କରବିଶ୍ଳେଷଣ ଅନୁଯାୟୀ, ଜିଏସ୍‌ଟି ହ୍ରାସ ରାଜସ୍ୱକୁ ୩୫,୦୦୦ କୋଟି ଟଙ୍କା (ଜିଡିପିର ୦.୧୦ ପ୍ରତିଶତ) ହ୍ରାସ କରିପାରିବ। ସେହି ସମୟରେ, ଜିଏସ୍‌ଟି ସେସ୍ ରୁ ସଂଗୃହିତ ରାଜସ୍ୱ ୩୦,୦୦୦ କୋଟି ଟଙ୍କା କିମ୍ବା ଜିଡିପର ୦.୦୮ ପ୍ରତିଶତ ବୃଦ୍ଧି ପାଇପାରିବ। ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ପାଇଁ ଆର୍ଥିକ ନିଅଣ୍ଟ, ମୋଟ ଘରୋଇ ଉତ୍ପାଦ ଏବଂ ମୁଦ୍ରାସ୍ଫୀତି ପୂର୍ବାନୁମାନ ବଜାୟ ରଖିଛି।

ବ୍ୟାଙ୍କ ବିଶ୍ଳେଷଣ କହୁଛି ଯେ ପ୍ରତ୍ୟକ୍ଷ ଟିକସ/ଜିଏସ୍‌ଟି ସେସ୍ ସଂଗ୍ରହର ସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ। ସେହିପରି, ଆମେରିକାର ଶୁଳ୍କକୁ ଦୃଷ୍ଟିରେ ରଖି, ରପ୍ତାନିକାରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ଆବଶ୍ୟକ। ବିଶ୍ଳେଷଣ କହୁଛି ଯେ ଚଳିତ ଆର୍ଥିକବର୍ଷରେ ପରୋକ୍ଷ ଟିକସ ସଂଗ୍ରହ ୧.୧୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇପାରେ, ଯାହା ଜିଡିପିର ୦.୩୨ ପ୍ରତିଶତ ସହିତ ସମାନ ହ୍ରାସ ହେବ। ଏହି ହ୍ରାସରେ କର୍ପୋରେଟ୍ ଟିକସରେ ୧୫ ହଜାର କୋଟି ଟଙ୍କା ଏବଂ ବ୍ୟକ୍ତିଗତ ଆୟକରରେ ୧ ଲକ୍ଷ କୋଟି ଟଙ୍କା ହ୍ରାସ ଅନ୍ତର୍ଭୁକ୍ତ।

## ଟିପିସିଓଡିଏଲ୍ ପକ୍ଷରୁ ପୁରୀରେ ଏପିଏସ୍‌ସିସି-ବିବିଏସ୍‌ଆର୍-୨ ଉଦ୍‌ଘାଟିତ



**ଭୁବନେଶ୍ୱର,୫।୯ (ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାର ସୁଦୃଢ଼ୀକରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ପୁରୀର ତାଳବଣିଆଠାରେ ନୂଆ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ୍ ସେଣ୍ଟର୍ (ଏପିଏସ୍‌ସିସି-ବିବିଏସ୍‌ଆର୍-୨)ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ପୁରୀର ମାନ୍ୟବର ବିଧାୟକ ସୁନୀଲ କୁମାର ମହାନ୍ତି ଉଦଘାଟନ କରିଥିବାବେଳେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ଓ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏପିଏସ୍‌ସିସି-ବିବିଏସ୍‌ଆର୍-୨ର ଶୁଭାରମ୍ଭ ବିତରଣ ପରିଚାଳନାର ଆଧୁନିକୀକରଣ ଓ ଗ୍ରାହକ ସେବାରେ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଦର୍ଶାଉଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, "ଆମ ବିଦ୍ୟୁତ୍ ନେଟ୍‌ୱର୍କକୁ ସୁଦୃଢ଼ କରିବା ଏବଂ ଗ୍ରାହକ ସେବାରେ ଉନ୍ନତି ଆଣିବା ଦିଗରେ ଏପିଏସ୍‌ସିସି-ବିବିଏସ୍‌ଆର୍-୨ର ଉଦଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



## ଆଜିର ରାଶିଫଳ

**ମେଷ:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପରିଶ୍ରମ ଅନୁସାରେ ଫଳ ମିଳିବ। ମାନସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦୂର ଯାତ୍ରା ଯୋଗ ଅଛି। ଯାନବାହନ କିଣିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କ୍ୟାରିୟରକୁ ଗୁରୁତ୍ୱ ଦେବେ। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଅତିବାହିତ କରିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ଆୟ ଅନୁସାରେ ବ୍ୟୟ ହେବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ନୂତନ ଜମି କ୍ରୟ କରିପାରନ୍ତି। ପରିବାର ସହିତ ହସଖୁସିର ସମୟ ବିତାଇବେ। ଜୀବନସାଥୀଙ୍କ ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଉଧାର ଟଙ୍କା ଫେରି ପାଇବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

## ଆଜିର ଇତିହାସ

- ୧୯୧୬- ପ୍ରଥମ ସୁପର୍ ମାର୍କେଟ୍ ଆମେରିକାର ଟେନେସିରେ ଖୋଲିଲା।
- ୧୯୪୮- ଜୁଲିଆନା ନେଦରଲ୍ୟାଣ୍ଡର ମହାରାଣୀ ହେଲେ।
- ୧୯୭୫: ତୁର୍କୀରେ ହୋଇଥିବା ଭୂମିକମ୍ପରେ ୨୦୦୦ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା।
- ୧୯୯୭- ସପ୍ତାହେ ଧରି ଶୋକ ପାଳନ ପରେ ଯୁବରାଣୀ ଡାଏନାଙ୍କୁ ବ୍ରିଟେନ୍ ସହ ବିଶ୍ୱବାସୀ ଶେଷ ବିଦାୟ ଦେଇଥିଲେ।




### ଭିନ୍ନ ଜଣେ ବ୍ୟକ୍ତି

# କଳରେ ଜାକିଛନ୍ତି ୧୫୦ରୁ ଅଧିକ ପିନ୍

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦଭ୍ୟାସ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ, ମଧ୍ୟପ୍ରଦେଶ ସତନାର ସଞ୍ଜୟ ବିଶ୍ୱକର୍ମା। ୪୫ ବର୍ଷୀୟ ସଞ୍ଜୟ ପାଟିକଳରେ ୧୫୦ରୁ ଅଧିକ ପିନ୍ ଜାକି ରଖିଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏପରି କରିବା ସତ୍ତ୍ୱେ ତାଙ୍କର ଖାଦ୍ୟପେୟରେ କୌଣସି ସମସ୍ୟା ହୋଇନାହିଁ କି ତାଙ୍କର ଦନ୍ତଜନିତ ସମସ୍ୟା ମଧ୍ୟ ନାହିଁ। ତେବେ ଏନେଇ ସଞ୍ଜୟଙ୍କ କହିବା କଥା, 'ପାନରେ ଚୂନ ଅଧିକ ହୋଇଗଲେ କଳ ଖାଇଯିବା ଆଶଙ୍କା ଥାଏ। ପିନ୍ ଥିଲେ ପାଟି ଭିତରେ ଏଭଳି ସମସ୍ୟା ଉପୁଜେ ନାହିଁ।' ସଞ୍ଜୟ ୧୨ ବର୍ଷ ବୟସରୁ ପାନ ଖାଇବା ଆରମ୍ଭ କରିଥିଲେ। ପାନ ଖାଇବା ସମୟରେ ସେ ଦାନ୍ତରେ ଲାଖି ରହୁଥିବା ଗୁଆକୁ କାଢ଼ିବା ପାଇଁ ଦିଆସିଲି କିମ୍ବା ଧୂପକାଠିକୁ ବ୍ୟବହାର କରୁଥିଲେ। ହେଲେ ଏହା ଜଲ୍‌ଦି ଭାଙ୍ଗିଯାଉଥିଲା। ଏହାର ବିକଳ୍ପ ଭାବେ ସେ ପିନ୍‌କୁ ବାଛିଥିଲେ। ଧୀରେ ଧୀରେ ସେ ପିନ୍‌କୁ ପାଟିରେ ଜାକି ରଖିବା ଆରମ୍ଭ କଲେ। ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଥିଲା। ଦିନକୁ ଦିନ ଏହି ପିନ୍ ସଂଖ୍ୟା ବଢ଼ିଲା। ତାଙ୍କ କହିବାନୁଯାୟୀ, ସେ ଏଥିପାଇଁ କେବେହେଲେ ପିନ୍ କିଣି ନାହାନ୍ତି। ସେ ଡ୍ରେସ୍ ଦୋକାନ, ଅଫିସ୍‌ଗୁଡ଼ିକରୁ ପିନ୍ ଲୁଚାଇ ନେଇ ଆସନ୍ତି। ସମୟ କ୍ରମେ ତାଙ୍କ ପାଖରେ ପିତ୍ତଳ, ଷ୍ଟିଲ୍, ଲୁହା ସମେତ ବିଭିନ୍ନ ଡିଜାଇନ୍‌ର ପିନ୍ ବଢ଼ିବାକୁ ଲାଗିଲା। ଲୋକେ ତାଙ୍କୁ ଏବେ ତାଙ୍କର ଏହି ସ୍ୱଭାବ ପାଇଁ ଜାଣୁଛନ୍ତି। ତାଙ୍କର ଏହି ନିଆରା ଅଭ୍ୟାସ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଦାନ୍ତଘଷିବା, ଭୋଜନ ଏପରିକି ଗାଧୋଇବା ସମୟରେ ମଧ୍ୟ କଳରେ ସେ ପିନ୍ ଜାକିଥାନ୍ତି। କିଛି ବର୍ଷ ପୂର୍ବେ କିଛି ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଜବଲପୁର ଚିକିତ୍ସାଳୟକୁ ନେଇ ତାଙ୍କ ପାଟିର ଯାଞ୍ଚ କରାଇଥିଲେ। ଡାକ୍ତରମାନେ ତାଙ୍କୁ ଦେଖି ବିସ୍ମିତ ହୋଇଥିଲେ। ସେ ଯେଉଁ କଳରେ ପାନ ଖାଉଥିଲେ ସେହି କଳ ତାଙ୍କର ଖାଇ ଯାଇଥିଲା। ହେଲେ ଯେଉଁ କଳରେ ସେ ପିନ୍ ଜାକିଥିଲେ ସେଥିରେ କୌଣସି ସମସ୍ୟା ନ ଥିଲା। ତାହା ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲା। ପ୍ରଥମେ ପ୍ରଥମେ ତାଙ୍କର ଏପରି ଅଭ୍ୟାସ ଦେଖି ସଞ୍ଜୟଙ୍କ ପିତାମାତା ବିରକ୍ତ ହେଉଥିଲେ। ଧୀରେ ଧୀରେ ସେମାନେ ଏହାକୁ ଅଣଦେଖା କରି ଦେଇଥିଲେ। ସେହିପରି ସଞ୍ଜୟଙ୍କ କହିବାନୁଯାୟୀ ସ୍କୁଲ, କଲେଜ ସମୟରେ ସେ ତାଙ୍କର ଏହି ଅଭ୍ୟାସକୁ କାହାରିକୁ ଜଣାଇ ନ ଥିଲେ। ଏବେ କିନ୍ତୁ ଲୋକେ ତାଙ୍କୁ ଏବାବଦରେ ଖୁଲମ୍‌ଖୁଲ୍ଲା ପଚାରୁଛନ୍ତି।

# ଆସିବ 'ଫୋର୍ସ ୩'



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍‌ଙ୍କ ଆକ୍ସନ୍‌ଭିତ୍ତିକ ଚଳଚ୍ଚିତ୍ର 'ଫୋର୍ସ' ଓ 'ଫୋର୍ସ ୨' ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଛି। ଏହି ଦୁଇଟି ଫିଲ୍ମରେ ଜନ୍ ଦମ୍‌ଦାର୍ ଅବତାରରେ ନଜର ଆସିଥିଲେ। ଏହାର ଦ୍ୱିତୀୟ ପାର୍ଟ ୨୦୧୬ରେ ଆସିଥିଲା। ସେବେଠାରୁ ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଖୁବ୍ ଶୀଘ୍ର ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ଦେଖିବାକୁ ପାଇବେ ବୋଲି ଜଣାପଡ଼ିଛି। ଏହି ଫିଲ୍ମ ମାଧ୍ୟମରେ ଜନ୍ ଏସିପି ଯଶବର୍ଦ୍ଧନ ସିଂହ ଭୂମିକାରେ ପୁଣିଥରେ ଦର୍ଶକଙ୍କ ନିକଟକୁ ଫେରିବେ। 'ଖାକି- ଦ ବିହାର ଚାପ୍ଟର' ୱେବ୍ ସିରିଜ୍ ନିର୍ଦ୍ଦେଶନା ଦେଇଥିବା ଭବ୍ୟ ଧୂଲିଆଙ୍କ ସହ ଜନ୍ ଏହି ଫିଲ୍ମର କାମ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। 'ଫୋର୍ସ' ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମ ଭଳି ଜନ୍ ଏଥିରେ ହିରୋ ଭୂମିକାରେ ଦେଖାଯିବେ। ତେବେ ଏଥିରେ ଖଳନାୟକ ଭୂମିକା ପାଇଁ ସେ ଜଣେ ଭଲ କଳାକାର ସନ୍ଧାନରେ ଅଛନ୍ତି। ଜନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ତେହରାନ୍' ଫିଲ୍ମରେ ନଜର ଆସିଥିଲେ। ଏହା ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିଲା।

# ବିଶ୍ୱର ସବୁଠୁ ବଡ଼ ବାଇଗଣ

ବାଇଗଣକୁ କେବଳ ଭାରତ ନୁହେଁ, ବିଶ୍ୱର ବିଭିନ୍ନ ଦେଶର ଲୋକେ ଖାଆନ୍ତି। ଏହି କ୍ରମରେ ଆମେରିକାର ଜଣେ ବ୍ୟକ୍ତି ଏକ ବିଶାଳକାୟ ବାଇଗଣ ଫଳାଇ ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି। ଏରିକ୍ ଗନଷ୍ଟ୍ରୋମ ନାମକ ଏହି ଚାଷୀ ଜଣକ ଆମେରିକାର ପେନସିଲଭାନିଆରେ ରୁହନ୍ତି। ସେ ଏକ ବିଲେଇ ଓଜନର ବାଇଗଣ ଫଳାଇଛନ୍ତି। ଏହାର ଓଜନ ୩.୯୬୯ କେଜି ରହିଛି। ଗତ ଅଗଷ୍ଟ ୧୯ରେ ଗନଷ୍ଟ୍ରୋମ ଏହି ରେକର୍ଡ କରିଥିଲେ। ଗ୍ରେଟ୍ ପମ୍ପକିନ୍ କମନୱେଲଥର ବିଶାଳ ଫଳ ଓ ପନିପରିବା ବିଶେଷଜ୍ଞ ଏହି ବାଇଗଣକୁ ଓଜନ କରି ଏହାକୁ ବିଶ୍ୱର ସବୁଠୁ ଓଜନଦାର ବାଇଗଣ ବୋଲି ଘୋଷଣା କରିଛନ୍ତି। ଗନଷ୍ଟ୍ରୋମ ବିଗତ ତିନିବର୍ଷ ହେଲାଣି ତାଙ୍କ ଜମିରେ ଏଭଳି ବିଶାଳକାୟ ପନିପରିବା ଓ ଫଳ ଚାଷ କରି ଆସୁଛନ୍ତି। ଏହା ଏବେ ତାଙ୍କର ଏକ ନିଶା ପାଲଟିଛି। ଦୁଇ ଦଶନ୍ଧି ପୂର୍ବରୁ ସେ ପ୍ରଥମେ ବିଶାଳକାୟ କଖାରୁ ଫଳାଇବା ଆରମ୍ଭ କରିଥିଲେ। ଏହି ସମୟରେ ସେ ଅନେକଗୁଡ଼ିଏ ବିଶାଳକାୟ କଖାରୁ ତାଙ୍କ ଜମିରେ ଫଳାଇଥିଲେ। ତେବେ ଗନଷ୍ଟ୍ରୋମ ବିଶ୍ୱ ରେକର୍ଡ ପାଇଁ ଦୁଇଟି ବାଇଗଣ ନେଇଥିଲେ। ଗୋଟିକର ଓଜନ ୩.୯୦୦ କେଜି ହୋଇଥିବାବେଳେ ଅନ୍ୟଟି ୩.୯୬୯ ଓଜନର ଥିଲା। ତେବେ ଚଳିତବର୍ଷ ବାରମ୍ବାର ପାଗ ବଦଳିବାରୁ ଗନଷ୍ଟ୍ରୋମଙ୍କୁ ଏହି ବାଇଗଣ ଫଳାଇବାକୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି।



# ସହଜେ ଶରତ କାଳ



ନିରଞ୍ଜନ ସାହୁ

ଶରତ ଆସିଲା ମରତ ପୁରକୁ
ସୁଷମା ଭଣ୍ଡାର ଧରି
ଶୋଭାପଣେ କିଏ ଶରତ ସହିତ
କଦାପି ହେବନି ସରି ।
ବରଷାର ଭାଉ ରହିବନି ଆଉ
ବାଟ ଭାଙ୍ଗିଯିବ ଚାଲି
ପଚରପଚର ଗାଁ ଦାଣ୍ଡ ଆଉ
ହୋଇବନି ଆଜିକାଲି ।
ବଉଦର ରଙ୍ଗ କଳା ବଦଳରେ
ଧୀରେ ହୋଇଯିବ ଧଳା
ସରସୀର ଜଳ କାଚକେନ୍ଦୁ ପରି
ଦିଶିବ ଘୁମର କଳା ।
ସୁନୀଳ ଆକାଶ ସୁନ୍ଦର ଦିଶିବ
ଧଳା ମେଘ ଭାସୁଥିବ
ତୋଫା ଜହ୍ନ ତହିଁ ବାଦଲ ଉହାଡୁ
ଉଙ୍କି ମାରି ଲୁଚିଯିବ ।
ନଈର ପଠାରେ କାଶତଣ୍ଡୀ ଫୁଟି
ଦିଶିବ ଅପୂର୍ବ ଶୋଭା
ଶ୍ୟାମଳିମା ପାଟ ପିନ୍ଧି ବସୁନ୍ଧରା
ସାଜିଥିବ ମନଲୋଭା ।
ସରସୀରେ କଇଁ, ପଦ୍ମ ଫୁଟିଥିବେ
ଦେଖାଇ ଅପୂର୍ବ ଠାଣି
ଦେବୀ ଆଗମନ କରିବେ ଏକାଳେ
ଭକତଙ୍କ ମନ ଜାଣି ।
ଶରତ କାଳୀନ କୁସୁମ ଫୁଟିବେ
ସୁନ୍ଦର ଦିଶିବ ଧରା
ବାଡ଼ି ବଗିଚା ଯେ ପନିପରିବାରେ
ହୋଇଯାଇଥିବେ ଭରା ।
ଶରତ କାଳୀନ ପ୍ରାକୃତିକ ଶୋଭା
ସଭିଙ୍କର ଜିଣେ ମନ
ଶରତ ସୁଷମା ବଡ଼ ଅନୁପମା
ଯୁଗେଯୁଗେ ପ୍ରତି ସନ ।■

ନିହଲ ପ୍ରସାଦ, ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩



# ଦେଖାନ୍ତି ଆମକୁ ଆଲୋକ ପଥ



ସୁଜିତ କୁମାର ମିଶ୍ର

ଦେଖାନ୍ତି ଆମକୁ ଆଲୋକ ପଥ ଯେ
ଅନ୍ଧକାର କରି ଦୂର,
ସିଏ ଆମ ଗୁରୁ ଶିକ୍ଷାରେ ତାଙ୍କର
ଥାଏ ସମାଜର ସ୍ୱର ।
ହାତ ଧରି ଗୁରୁ ଶିଖାନ୍ତି ସଂସାରେ
ଶିକ୍ଷଣୀୟ କଥା ବହୁ,
ବଚନ ତାଙ୍କର କୋମଳ ଆଦର
ଭରିରହିଥାଏ ମହୁ ।
ଆକଟ କରନ୍ତି ପାଖେ ପାଖେ ରହି
ଆମ ହିତ ପାଇଁ ନିତି,
ଭୁଲ ଠିକ ସବୁ ବୁଝାଇ ଦିଅନ୍ତି
ଜାଳି ତାଙ୍କ ଜ୍ଞାନବତୀ ।
ଚଗଲା ହୋଇଲେ ଶ୍ରେଣୀ କକ୍ଷେ ଆମେ
ପିଠିରେ ବସାନ୍ତି ଛାଟ,
ଆମେ ଅରଜିଲେ ଯଶ ଓ କୀରତି
ଛାତି ତାଙ୍କ ହୁଏ ମୋଟ ।
ଆଶିଷ ଦିଅନ୍ତି ହୃଦୟରୁ ତାଙ୍କ
ଆପଣା ସନ୍ତାନ ପରି,
ଆମ ନାଆର ସେ ପରା ସେ ନାଉରୀ
ବିପଦକୁ ନିଜେ ବରି ।
ତୁମେ ପ୍ରେରଣାର ବାରିଧାରା ଆମ
ରହି ତୁମ ତପୋବନେ,
ତୁମ ଚରଣରେ ଗୁହାରି ମୋହର
ଘେନ ଭକ୍ତି ପ୍ରତିକ୍ଷଣେ ।■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ସକାଳ ଶିଶୁ କୁଇଜ୍-୧୭୫

(୧) କ୍ଷେତ୍ରଫଳ ଦୃଷ୍ଟିରୁ ବିଶ୍ୱର ସବୁଠୁ ବଡ଼ ଦେଶର ନାମ କ'ଣ?
ଉତ୍ତର : ____________

(୨) କୋଟା ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର : ____________

(୩) ଦୁଇ ଥର ନୋବେଲ ପୁରସ୍କାର ଜିତିଥିବା ପ୍ରଥମ ବ୍ୟକ୍ତି କିଏ ଥିଲେ?
ଉତ୍ତର : ____________

(୪) ଅୟପ୍ପା ମନ୍ଦିର ଭାରତର କେଉଁ ରାଜ୍ୟରେ ଅଛି?
ଉତ୍ତର : ____________

(୫) ମାନବ ଶରୀରର ସବୁ ଛୋଟ ଗ୍ରନ୍ଥିର ନାମ କ'ଣ?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍ଗପଦା, ଭଦ୍ରକ
- ଦେବାଶିଷ ବଡ଼ୁ, ବସ୍ତା, ବାଲେଶ୍ୱର
- ସୁନୀତା ସାହୁ, ମଞ୍ଚେଶ୍ୱର, ଭୁବନେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



# ଏକତା ହିଁ ବଳ





ଲଳିତ ମୋହନ ମିଶ୍ର

ଲଖାରି ଜଙ୍ଗଲରେ ଟୁମ୍ପୁ ପେଚା ରହୁଥିଲା। ରାତି ହେଲେ ଖାଦ୍ୟ ଖୋଜିବାକୁ ଯାଉଥିଲା। ହଠାତ୍ ଦିନେ ସେ ଜଙ୍ଗଲରେ ତମ୍ବୁ ଟଣା ହୋଇଥିବାର ଦେଖିଲା। ତମ୍ବୁ ପାଖରେ ଗୋଟିଏ ଗାଡ଼ି । ଟୁମ୍ପୁ ତମ୍ବୁକୁ ଦେଖି ଡରିଗଲା । ଭାବିଲା ଏହା ଆମ ପାଇଁ ବିପଦ । ସକାଳ ହେବା ପୂର୍ବରୁ, ସେ ଶବ୍ଦ କରି ସମସ୍ତଙ୍କୁ ଉଠାଇଲା । ଗାଡ଼ି ବିଷୟରେ ଅବଗତ କରାଇଲା । ବ୍ଲାକି ଭାଲୁ ମନୁଷ୍ୟମାନଙ୍କ ଆଚରଣ ବିଷୟରେ ପରିଚିତ । କାରଣ ସେ ଏକ ସର୍କସ ଦଳରୁ ଖସି ଆସି ଜଙ୍ଗଲରେ ରହୁଛି। ସେ ଦେଖିଲା କିଛି ଲୋକ ତମ୍ବୁ ଭିତରେ ଶୋଇଛନ୍ତି । ସେମାନଙ୍କ ପାଖରେ ବିଭିନ୍ନ ପ୍ରକାରର ହତିଆର ରହିଛି । ସେମାନେ ଗଛ କାଟିବାକୁ ଜଙ୍ଗଲକୁ ଆସିଛନ୍ତି । ଜ୍ୟାକି ହରିଣ ଏକଥା ଶୁଣି ଥରି ଉଠିଲା । କହିଲା - ଯଦି ଗଛ କଟାଯାଏ, ତେବେ ଆମେ କେଉଁଠି ରହିବା? 'ମଣିଷ ବଡ଼ ସ୍ୱାର୍ଥପର। ତା'ର ଜଙ୍ଗଲି କାଠ ପ୍ରତି ଭାରି ଲୋଭ । ମନୁଷ୍ୟ ଗଛ କାଟି ନିଜକୁ କ୍ଷତି ପହଞ୍ଚାଉଛି । ଗଛରୁ ଜଙ୍ଗଲ ସୃଷ୍ଟି ହୁଏ, ଆମେ ପଶୁ ପକ୍ଷୀମାନଙ୍କ ରହିବା ପାଇଁ ସ୍ଥାନ ମିଳେ । ଗଛ ଦ୍ୱାରା ବର୍ଷା ହୁଏ । ବୃକ୍ଷର ମୂଳ ଉର୍ବର ମାଟିକୁ ଧରି ରଖେ। ବର୍ଷାରେ ଏହାକୁ ଧୋଇ ହେବାକୁ ଦିଏ ନାହିଁ। କେବଳ ଗଛରୁ ହିଁ ସ୍ୱଚ୍ଛ ବାୟୁ ମିଳିଥାଏ', ଚିକୁ ଠେକୁଆ କହିଲା। 'ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଜିନିଷ ବୃକ୍ଷରୁ ହିଁ ମିଳିଥାଏ' ବୋଲି ଜମ୍ପି ମାଙ୍କଡ଼ କହିଲା। "ମଣିଷ କ'ଣ ଏସବୁ ବୁଝି ପାରୁନାହିଁ କି ଜାଣି ପାରୁନାହିଁ । ଆମେ ସେମାନଙ୍କୁ ଗଛ କାଟିବାକୁ ଦେବା ନାହିଁ" ଜମ୍ବୋ ହାତୀ ରାଗି କରି କହିଲା। " ସେମାନଙ୍କ ପାଖରେ ବନ୍ଧୁକ ଅଛି। ସେମାନେ ଆମକୁ ମାରି ଦେଇ ପାରିବେ" ବୋଲି ବ୍ଲାକି ଭାଲୁ କହିଲା। ଜମ୍ପି ମାଙ୍କଡ଼ ବହୁତ ସାହସୀ। ସେ ସମସ୍ତଙ୍କୁ କହିଲା, ଯଦି ଆମେ ଏପରି ଭୟଭୀତ ହୋଇ ପଡ଼ିବା ତେବେ କାମ କିଛି ହେବନାହିଁ। ଆମକୁ ଏକାଠି ଯୋଜନା କରିବାକୁ ପଡ଼ିବ । ଆମେ ଜଙ୍ଗଲକୁ ସୁରକ୍ଷିତ ରଖିବା। "ଯାହା କରୁଛ ଶୀଘ୍ର କର, ସେମାନେ ଉଠିଲେ ଗଛ କାଟିବା ଆରମ୍ଭ କରିଦେବେ" ବୋଲି ଜମ୍ବୋ କହିଲା। ଚିକୁ ଠେକୁଆ ମନରେ ଏକ ଯୋଜନା କଲା, ଯଦି ଏହି ହାତ-ହତିଆର ଆମର କରାୟତ ହୋଇଯିବ, ତେବେ ସେମାନେ କିଛି କରି ପାରିବେ ନାହିଁ । ସମସ୍ତଙ୍କୁ ଏହି କଥାଟି ପସନ୍ଦ ଆସିଲା। ସେହି ଅନୁସାରେ ସମସ୍ତେ କାମ କଲେ । ମଣ୍ଟୁ ମୂଷା ଓ କାନ୍ଦୁରୀ ବିରାଡ଼ି ନିଜ ଦାନ୍ତରେ ତମ୍ବୁକୁ ଟିକ୍ ଟିକ୍ କରି କାଟିଦେଲେ । ତମ୍ବୁଟି କଣା ହୋଇଯିବା ପରେ ବ୍ଲାକି ଭାଲୁ ଓ ଜମ୍ପି ମାଙ୍କଡ଼ ଭିତରେ ପଶି ବନ୍ଧୁକ ଏବଂ ହତିଆରଗୁଡ଼ିକୁ ଗୋଟି ଗୋଟି କରି ଜ୍ୟାକି ହରିଣକୁ ବଢ଼ାଇ ଦେଲେ । ଜମ୍ବୋ ହାତୀ ତା'ର ଶୁଣ୍ଢରେ ସେଗୁଡ଼ିକୁ ନେଇ ନଦୀକୁ ଫିଙ୍ଗି ଦେଲା। କିଛି ସମୟ ପରେ ମଣିଷମାନଙ୍କର ନିଦ ଭାଙ୍ଗିଲା । ସମସ୍ତ ପଶୁ ତମ୍ବୁ ଚାରିପାଖରେ ଘେରି ରହିଥିବାର ଦେଖି ସେମାନେ ଭୟଭୀତ ହୋଇଗଲେ। ସେଥିରୁ ଜଣେ ବ୍ୟକ୍ତି କହିଲେ, ଶୀଘ୍ର ବନ୍ଧୁକ ଆଣ । କିନ୍ତୁ ବନ୍ଧୁକ ଏଠାରେ ନାହିଁ। ସେଗୁଡ଼ିକ ଗାଡିରେ । ପଶୁମାନଙ୍କୁ ଦେଖି ସେମାନେ ଭୟରେ ଥରୁଥିଲେ। ତା'ପରେ ବ୍ଲାକିର ଇଶାରାରେ ସମସ୍ତେ ମିଶି ମଣିଷମାନଙ୍କୁ ଆକ୍ରମଣ କଲେ। ମାଙ୍କଡ଼ମାନେ ସେମାନଙ୍କ ହାତ ଏବଂ ଗୋଡ଼ କାମୁଡ଼ି ଦେଲେ । ବିରାଡ଼ି ସେମାନଙ୍କ ନଖରେ ସେମାନଙ୍କୁ ରାମ୍ପି ପକାଇଲେ। ପକ୍ଷୀମାନେ ସବୁଠାରୁ ଅଧିକ ରାଗିଥିଲେ। କାରଣ ଗଛ କାଟିବା ଦ୍ୱାରା ସେମାନଙ୍କ ବସା ନଷ୍ଟ ହୋଇଯାଉଥିଲା। ସେମାନେ ସେମାନଙ୍କର ଥଣ୍ଟରେ ଆଖିକୁ ଆକ୍ରମଣ କଲେ। ମଣିଷମାନେ ଭୟରେ ଚିତ୍କାର କରିବାକୁ ଲାଗିଲେ। ତା'ପରେ ଜମ୍ବୋ ହାତୀ ସମସ୍ତଙ୍କୁ ଅଟକାଇଲା । ଆମେ ସେମାନଙ୍କୁ ମାରିବା ନାହିଁ । ସେମାନଙ୍କୁ ଏଠାରୁ ପଳାଇ ଯିବାକୁ ଦିଅ । ଯାହା ଫଳରେ ସେମାନଙ୍କର ଏହିପରି ଅବସ୍ଥା ଦେଖି ଆଉ କେହି ଏଠାକୁ ଆସିବାକୁ ସାହସ କରିବେ ନାହିଁ। ସମସ୍ତ ପଶୁ ଏବଂ ପକ୍ଷୀ ଏକ ସ୍ଥାନକୁ ଚାଲିଗଲେ। ମଣିଷମାନେ ଗାଡ଼ିରେ କୌଣସି ପ୍ରକାରେ ବସି ପଳାଇଗଲେ। ବ୍ଲାକି ଭାଲୁ କହିଲା, ଆମେ ଏକାଠି ହୋଇ ବୁଦ୍ଧିର ସହିତ କାର୍ଯ୍ୟ କରିବା ଦ୍ୱାରା ଶକ୍ତିଶାଳୀ ହୋଇପାରିଲେ ଏବଂ ସେମାନଙ୍କୁ ପରାସ୍ତ କଲେ। ଆମ ଜଙ୍ଗଲକୁ ଆମେ ସୁରକ୍ଷିତ ରଖି ପାରିଲେ । ତେଣୁ ଏକତା ହିଁ ବଳ ।■

ନୟାଗଡ଼
ମୋ- ୯୪୩୭୯୮୫୮୬୬

## ଆମର ଚିତ୍ର






**ଗୌରୀ ପାଇକ**
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଚନ୍ଦନପାଲା, ନବରଙ୍ଗପୁର





**ଦମୟନ୍ତୀ ଟୁଡୁ**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





**ପ୍ରୀତିରାଜ୍ ଦାସ**
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ






**ସାଇ ସ୍ୱରୂପ ମହାପାତ୍ର**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

## ଯୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍

# ଆନିସିମୋଭା-ସାବାଲେଙ୍କା ମହିଳା ଫାଇନାଲ





ନ୍ୟୁୟର୍କ,୫।୯ (ଏଜେନ୍ସି)

ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଓ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ମଧ୍ୟରେ ୟୁଏସ୍ ଓପନ ମହିଳା ଏକକ ଫାଇନାଲ ମୁକାବିଲା ଖେଳାଯିବ। ଆମେରିକାରେ ଗୁରୁବାର ରାତିରେ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଟପ୍ ସିଡ୍ ସାବାଲେଙ୍କା ୨-୧ ସେଟ୍‌ରେ ଚତୁର୍ଥ ସିଡ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଥିଲେ। ସାବାଲେଙ୍କାର ଏହା କ୍ରମାଗତ ତୃତୀୟ ୟୁଏସ୍ ଓପନ ଫାଇନାଲ। ସେହିପରି ଫର୍ମକୁ ଫେରିଥିବା ଜାପାନର ନାଓମି ଓସାକାଙ୍କୁ ୨-୧ ସେଟ୍‌ରେ ହରାଇ ଆମେରିକାର ଆନିସିମୋଭା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ରାତିରେ ଫାଇନାଲ ମୁକାବିଲା ଖେଳାଯିବ।


ମହିଳା ବିଭାଗରେ ବିଶ୍ୱର ନଂ-୧ ଖେଳାଳି ସାବାଲେଙ୍କା ସେମିଫାଇନାଲରେ ନଂ-୪ ପେଗୁଲାଙ୍କଠାରୁ ବଡ଼ ପ୍ରତିରୋଧର ସମ୍ମୁଖୀନ ହୋଇ ନ ଥିଲେ। ଘରୋଇ ମାଟିରେ ଖେଳୁଥିବା ପେଗୁଲା ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ପ୍ରଥମ ସେଟ୍‌କୁ ୬-୪ରେ ଜିତିନେଇଥିଲେ। ଏହାପରେ ସାବାଲେଙ୍କା ଖେଳକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ପେଗୁଲାଙ୍କୁ ସେ ଆଉ କୌଣସି ସୁଯୋଗ ନ ଦେଇ ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୩, ୬-୪ରେ ଜିତିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ସେ ଯଦି ଘରୋଇ ଦଳର ଆଉ ଜଣେ ଖେଳାଳି ଆନିସିମୋଭାଙ୍କୁ ହରାଇପାରନ୍ତି ତେବେ ୨୦୧୪ ପରେ କ୍ରମାଗତ ଟାଇଟଲ ଜିତିବାରେ ପ୍ରଥମ ମହିଳା ଖେଳାଳି ହେବେ। ୨୦୧୪ରେ ଶେଷଥର ସେରେନା ୱିଲିୟମ୍ସ କ୍ରମାଗତ ଟାଇଟଲ ଜିତିଥିଲେ। ସେହିପରି ଓସାକା ଓ ଆନିସିମୋଭାଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଜୋରଦାର ହୋଇଥିଲା। ପ୍ରଥମେ ଓସାକା ଆକ୍ରମଣାତ୍ମକ ଖେଳି ଟାଇବ୍ରେକରରେ ପ୍ରଥମ ସେଟ୍‌କୁ ଜିତିନେଇଥିଲେ। ଓସାକା ୭-୬ରେ ପ୍ରଥମ ଓ ଆନିସିମୋଭା ୭-୬ ଟାଇବ୍ରେକରରେ ଜିତିନେଇଥିଲେ। ଫଳରେ ମୁକାବିଲା ୧-୧ ସମାନସ୍ତରରେ ରହିଥିଲା। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଆନିସିମୋଭା ୬-୩ରେ ଜିତିବା ସହ ଫାଇନାଲରେ ପ୍ରବେଶ କରିଥିଲେ।

### ପୁରୁଷ ସେମିଫାଇନାଲ

ୟୁଏସ୍ ଓପନ ପୁରୁଷ ବିଭାଗ ଏକକ ସେମିଫାଇନାଲ ଆଜି ରାତିରେ ଖେଳାଯିବ। ପ୍ରଥମ ସେମିଫାଇନାଲରେ ଉଦୀୟମାନ ତଥା ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଜୋରଦାର କରିବାକୁ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ଜୋକୋଭିଚ୍ ଏଠାରେ ରେକର୍ଡ କରିବାକୁ ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଓ ବିପର୍ଯ୍ୟୟ ସୃଷ୍ଟି କରିଥିବା କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ସିନ୍ନରଙ୍କୁ ଫେବରାଇଟ୍ ବିବେଚନା କରାଯାଉଛି।

### ସେମିରେ ହାରିଲେ ଭାମ୍ବ୍ରୀ-ଭେନସ

ପୁରୁଷ ଯୁଗଳ ସେମିରେ ୟୁକି ଭାମ୍ବ୍ରୀ ଓ ମାଇକେଲ ଭେନସଙ୍କ ଯୋଡି ପରାଜିତ ହୋଇଛନ୍ତି। ଗୁରୁବାର ରାତିରେ ଖେଳାଯାଇଥିବା ଏହି ମୁକାବିଲାରେ ୬ଷ୍ଠ ସିଡ୍ ଗ୍ରେଟବ୍ରିଟେନର ନିଲ ସ୍କୁପସ୍କି ଓ ଜୋ ସାଲିସବରୀଙ୍କ ଯୋଡି ୬-୭, ୭-୬, ୬-୪ ସେଟ୍‌ରେ ଭାମ୍ବ୍ରୀ-ଭେନସଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ୩ଟି ମଧ୍ୟରୁ ୨ଟି ସେଟ୍ ଟାଇବ୍ରେକରରେ ଶେଷ ହୋଇଥିଲେ ମଧ୍ୟ ଭାମ୍ବ୍ରୀ-ଭେନସ ସେମାନଙ୍କଠାରୁ ଅଧିକ ଅଭିଜ୍ଞ ଓ ଶକ୍ତିଶାଳୀ ଯୋଡିଙ୍କୁ ଏଥର ପରାଜିତ କରିବାରେ ସମର୍ଥ ହୋଇ ନ ଥିଲେ। ଭାମ୍ବ୍ରୀଙ୍କ ପରାଜୟ ସହ ଚଳିତ ୟୁଏସ୍ ଓପନରୁ ଭାରତର ପ୍ରତିନିଧିତ୍ୱ ଶେଷ ହୋଇଛି। କିନ୍ତୁ ଭାମ୍ବ୍ରୀ ଭାରତୀୟ ଟେନିସର ନୂଆ ଧ୍ୱଜା ବାହକ ସାବ୍ୟସ୍ତ ହୋଇଛନ୍ତି।



● ଦୁଲୀପ୍ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳର ଲଢୁଆ ଜବାବ

ବେଙ୍ଗାଲୁରୁ,୫।୯ (ଏଜେନ୍ସି): ଏଠାରେ ଚାଲିଥିବା ପଶ୍ଚିମାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫିର ପ୍ରଥମ ସେମିଫାଇନାଲରେ କେନ୍ଦ୍ରାଞ୍ଚଳ ଲଢୁଆ ଜବାବ ଦେଇଛି। ପ୍ରଥମ ଇନିଂସରେ ପଶ୍ଚିମାଞ୍ଚଳର ୪୩୮ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କେନ୍ଦ୍ରାଞ୍ଚଳ ୨ ୱିକେଟରେ ୨୨୯ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଶୁଭମ ଶର୍ମା ୬୦ ଓ ଅଧିନାୟକ ରଜତ ପାଟିଦାର ୪୭ ରନ୍‌ରେ ଅପରାଜିତ ରହିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ବିପକ୍ଷରେ ଦ୍ୱିଶତକ ହାସଲ କରିଥିବା ଡାନିସ ମାଲେୱାର ୭୬ ଓ ଆୟୁଷ ପାଣ୍ଡେ ୪୦ ରନ୍‌ରେ ଆଉଟ ହୋଇଛନ୍ତି। ପୂର୍ବରୁ ତନୁସ କୋଟିଆନଙ୍କ ୭୬ ଓ ଅଧିନାୟକ ଶାର୍ଦ୍ଦୁଳ ଠାକୁରଙ୍କ ୬୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ୪୩୮ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଋତୁରାଜ ଗାଏକ୍ୱାଡ ସର୍ବାଧିକ ୧୮୪ ରନ୍ କରିଥିଲେ। କେନ୍ଦ୍ରାଞ୍ଚଳର ସାରାଂଶ ଜୈନ ଓ ହର୍ଷ ଦୁବେ ୩ଟି ଲେଖାଏଁ, ଖଲୀଲ ଅହମ୍ମଦ୍ ୨ଟି ୱିକେଟ ପାଇଥିଲେ।

■ ଦକ୍ଷିଣାଞ୍ଚଳର ବିଶାଳ ସ୍କୋର

ଉତ୍ତରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୫୩୬ ରନ୍ କରି ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ତାମିଲନାଡୁ ଓପନର ଏନ୍ ଜଗଦୀଶନ ସର୍ବାଧିକ ୧୯୭ ରନ୍ କରି ମାତ୍ର ୩ ରନ୍ ଲାଗି ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତନୟ ତ୍ୟାଗରାଜନ (୫୮), ରିକି ଭୂଇ (୫୪) ଓ ଦେବଦତ୍ତ ପଡିକାଲ (୫୭) ଅର୍ଦ୍ଧଶତକ ହାସଲ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଯୁବ ସ୍ପିନ ଅଲରାଉଣ୍ଡର ନିଶାନ୍ତ ସିନ୍ଧୁଙ୍କୁ ସର୍ବାଧିକ ୫ଟି ଓ ଅଂଶୁଲ କାମ୍ବୋଜଙ୍କୁ ୨ଟି ୱିକେଟ ମିଳିଥିଲା।

## ଅବସରର ୩ ବର୍ଷ ପରେ ଟେଲରଙ୍କ ପ୍ରତ୍ୟାବର୍ତ୍ତନ

ଆପିଆ, ୫।୯ (ଏଜେନ୍ସି): ନ୍ୟୁଜିଲାଣ୍ଡର ମହାନ କ୍ରିକେଟର୍ ରସ୍ ଟେଲର୍ ଅବସର ନେବାର ୩ ବର୍ଷ ପରେ ନିଷ୍ପତ୍ତିରେ ୟୁ ଟର୍ନ ନେଇଛନ୍ତି। ୪୧ ବର୍ଷୀୟ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଟେଲର ଏଥର ନ୍ୟୁଜିଲାଣ୍ଡ ପାଇଁ ନୁହେଁ ବରଂ ଓସେନିଆର ଦ୍ୱୀପ ରାଷ୍ଟ୍ର ସମୋଆ ପାଇଁ ୨୦୨୬ ଟି-୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବେ। ଏଥିଲାଗି ଶୁକ୍ରବାର ଘୋଷିତ ୧୫ ଜଣିଆ ସମୋଆ ଦଳରେ ଟେଲରଙ୍କୁ ସୁଯୋଗ ଦିଆଯାଇଛି। ଟେଲରଙ୍କ ମା ସମୋଆର ନାଗରିକ ହୋଇଥିବାରୁ ତାଙ୍କୁ ସହଜରେ ଏହି ଦ୍ୱୀପରାଷ୍ଟ୍ରର ପାସପୋର୍ଟ ମିଳିଯାଇଥିଲା। ସେହିଭଳି ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡର ନିୟମ ଅନୁଯାୟୀ, ଅବସରର ୩ ବର୍ଷ ଅର୍ଥାତ୍ 'କୁଲିଂ ଅଫ୍ ପିରିୟଡ' ପରେ ଜଣେ ଖେଳାଳି ଅନ୍ୟ ଦେଶରୁ ଖେଳିବାକୁ ଯୋଗ୍ୟ ହୋଇଥାଏ। ଯାହାକୁ ଟେଲର ପୂରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଟେଲର ୨୦୨୨ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ନ୍ୟୁଜିଲାଣ୍ଡ ପାଇଁ ୧୧୨ ଟେଷ୍ଟ, ୨୩୬ ଦିନିକିଆ ଓ ୧୦୨ ଟି-୨୦ ମ୍ୟାଚ୍ ଖେଳିଥିଲେ। ତିନୋଟିଯାକ ଫର୍ମାଟ୍‌ରେ ସେ ୧୮ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ମୋଟ୍ ୪୦ଟି ଶତକ ଲିପିବଦ୍ଧ ରହିଛି। ନ୍ୟୁଜିଲାଣ୍ଡର ଏକମାତ୍ର କ୍ରିକେଟର୍ ଭାବେ ସେ ୩ଟି ଯାକ ଫର୍ମାଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

## ଘରୋଇ ମାଟିରେ ଶେଷ ମ୍ୟାଚ୍ ଖେଳିଲେ ମେସି!

ବୁଏନ୍ସ ଆଇରେସ, ୫।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ଭେନେଜୁଏଲାକୁ ପରାସ୍ତ କରିଛି। ଆର୍ଜେଣ୍ଟିନାର ମହାନ ଖେଳାଳି ଲିଓନେଲ୍ ମେସି ଏହି ମ୍ୟାଚରେ ୨ଟି ଗୋଲ୍ ଦେଇଥିଲେ। ବିଶ୍ୱକପ୍ ପୂର୍ବରୁ ଘରୋଇ ମାଟିରେ ଆର୍ଜେଣ୍ଟିନାର ଏହା ଶେଷ ମ୍ୟାଚ୍ ଥିଲା।



ଅଫିସିଆଲ୍ ଭାବେ ୩୮ ବର୍ଷୀୟ ମେସି ନିଜ ଅବସର ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। କିନ୍ତୁ ଘରୋଇ ମାଟିରେ ମେସିଙ୍କ ଏହା ଶେଷ ମ୍ୟାଚ୍ ଥିଲା ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେହିଭଳି ମ୍ୟାଚ୍ ପୂର୍ବରୁ ମେସି ମଧ୍ୟ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ତିନି ସନ୍ତାନ ଥିଆଗୋ, ମାଟେଓ ଓ କିରୋଙ୍କ ସହ ମେସି ଷ୍ଟାଡିୟମରେ ୮୦ ହଜାର ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ମେସି ଆର୍ଜେଣ୍ଟିନା ପାଇଁ ୧୯୪ ମ୍ୟାଚ୍ ଖେଳି ରେକର୍ଡ ୧୧୪ଟି ଗୋଲ୍ ଦେଇଛନ୍ତି।

ଏସିଆ କପ୍ ମହିଳା ହକି

## ଭାରତର ବୃହତ୍ ବିଜୟ



ନୂଆଦିଲ୍ଲୀ,୫।୯ (ଏଜେନ୍ସି): ଚୀନ୍‌ର ହାଙ୍ଗଝୋଉଠାରେ ଆଜିଠାରୁ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍ ମହିଳା ହକିର ପ୍ରଥମ ମ୍ୟାଚ୍‌ରେ ଭାରତ ବୃହତ ବ୍ୟବଧାନରେ ବିଜୟୀ ହୋଇଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ତାହାର ପ୍ରଥମ ମୁକାବିଲାରେ ଥାଇଲାଣ୍ଡକୁ ୧୧-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ମମ୍‌ତାଜ ଖାନ୍, ଉଦିତା ଓ ବିଉଟି ଡୁଙ୍ଗଡୁଙ୍ଗ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ସଙ୍ଗିତା, ନବନୀତ, ଲାଲରେମସିଆମି, ଶର୍ମିଳା ଓ ଋତୁଜା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୫-୦ରେ ଆଗୁଆ ରହିଥିଲା ଓ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଦଳ ଆଉ ୫ଟି ଗୋଲ ସ୍କୋର କରିଥିଲା। ଆସନ୍ତାକାଲି ସନ୍ଧ୍ୟା ୫ଟାରେ ଜାପାନ ସହ ଭାରତ ତାହାର ଦ୍ୱିତୀୟ ପୁଲ-ବି ଲିଗ୍ ମ୍ୟାଚ୍ ଖେଳିବ। ଆଜି ଏହି ପୁଲ୍‌ରେ ଜାପାନ ୯-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରିଛି। ସେପ୍ଟେମ୍ବର ୮ ତାରିଖ ଅପରାହ୍ଣ ୨ଟା୩୦ ମିନିଟ୍‌ରେ ସିଙ୍ଗାପୁର ସହ ଭାରତ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ସେହିପରି ପୁଲ-ଏ'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୯-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି। ଚୀନ୍ ଓ ମାଲେସିଆ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳ ସିଧାସଳଖ ବିଶ୍ୱକପ୍ ମହିଳା ହକିରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେପ୍ଟେମ୍ବର ୮ ଯାଏ ଲିଗ୍, ୧୦ରୁ ୧୩ ସୁପର-୪ ଓ ୧୪ରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଜାତୀୟ ବାସ୍କେଟବଲ୍

## ଓଡ଼ିଶା ବାଳିକା ପୁଲ୍ ବିଜେତା

କଟକ,୫।୯ (ସମିସ): ପଞ୍ଜାବ ଲୁଧିଆନାର ବାସ୍କେଟବଲ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୭୫ତମ ଜାତୀୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତାରେ ଓଡିଶା ବାଳିକା ଦଳ ପୁଲ୍ ପର୍ଯ୍ୟାୟର ୩ଟି ଯାକ ମ୍ୟାଚ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଆସାମକୁ ୪୫-୩୪ ପଏଣ୍ଟରେ, ଦ୍ୱିତୀୟ ମ୍ୟାଚ୍‌ରେ ବିହାରକୁ ୭୪-୪୧ ପଏଣ୍ଟରେ ଓ ପୁଲ୍ ପର୍ଯ୍ୟାୟର ଶେଷ ଲିଗ୍‌ରେ ମେଘାଳୟକୁ ୭୨-୬୮ ପଏଣ୍ଟରେ ହରାଇଛି। ମେଘାଳୟ ବିପକ୍ଷରେ ରାଜ୍ୟ ଅଧିନାୟିକା କାଜଲ ବାରିକ ୪୨ ପଏଣ୍ଟ ସ୍କୋର କରିଥିବାବେଳେ ନାବ୍ୟା ସାଇଶ୍ରୀ ୧୨ ପଏଣ୍ଟ ସ୍କୋର କରିଥିଲେ। ଓଡିଶା ବାସ୍କେଟବଲ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଓ ସଭାପତି ଜ୍ଞାନରଞ୍ଜନ ପରିଡା ଦଳର ସମସ୍ତ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଚନ୍ଦ୍ରଶେଖରଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୫।୯ (ସମିସ): ପୁରୀରେ ଆଜି ଶେଷ ହୋଇଥିବା ୧୪ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍ (ସିଏସ୍୭)ରେ ଓଡ଼ିଆ ଖେଳାଳି ଚନ୍ଦ୍ରଶେଖର ମହାନ୍ତି ଦ୍ୱିମୁକୁଟ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ଏକକରେ ଆସାମ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଚନ୍ଦ୍ରଶେଖର ୬-୨, ୬-୦ ସେଟ୍‌ରେ ଓଡ଼ିଶାର ସୂୟାସ ପଟ୍ଟନାୟକଙ୍କୁ ହରାଇ ଟାଇଟଲ ଜିତିଥିଲେ। ସେହିପରି ଯୁଗଳରେ ସୂୟାସଙ୍କୁ ସାଥିକରି ଖେଳିଥିବା ଚନ୍ଦ୍ରଶେଖର ୬-୦, ୬-୦ରେ ପଶ୍ଚିମବଙ୍ଗର ରିଷଭ ସେନ ଓ ଓଡ଼ିଶାର ବିରାଂଶ ଶିବାନୀଙ୍କୁ ହରାଇ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୀ କ୍ଲବ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟରୁ ୩୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହାକୁ ଓଡ଼ିଶା ଓ ପୁରୀ ଜିଲ୍ଲା ଟେନିସ ସଂଘ ପକ୍ଷରୁ ମିଳିତଭାବେ ସେପ୍ଟେମ୍ବର ୧ରୁ ୫ ତାରିଖଯାଏ ଆୟୋଜିତ ହୋଇଥିଲା। ପୁରୀ ଜିଲ୍ଲା ସଂଘ ସମ୍ପାଦକ ସୁନୀଲ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ରେଫରୀ ଦାୟିତ୍ୱ ତୁଲାଇଥିଲେ ଯତୀନ ବସ୍ୟା। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ୨୫ ଓ ରନର୍ସଅପଙ୍କୁ ୨୦ ଏଆଇଟିଏ ର୍‌ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି।



## ଜାତୀୟ କ୍ୟାଡେଟ ଅସିଚାଳନାରେ ଭାଗନେବ ଓଡ଼ିଶା




ଭୁବନେଶ୍ୱର, ୫।୯ (ସମିସ): ଉତ୍ତରାଖଣ୍ଡରେ ସେପ୍ଟେମ୍ବର ୧୩ରୁ ଜାତୀୟ କ୍ୟାଡେଟ୍ ଅସି ଚାଳନା ପ୍ରତିଯୋଗିତା ଆରମ୍ଭ ହେବ। ଏଥିଲାଗି ୯ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ନିତିନ ସ୍ୱାଇଁ ଓ ରୋଶନ ସାହୁ ଦଳର ପ୍ରଶିକ୍ଷକ ରହିଛନ୍ତି। ଏହି ଅବସରରେ ଓଡ଼ିଶା ଅସି ଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ, ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଘୋଷିତ ଓଡ଼ିଶା ବାଳକ କ୍ୟାଡେଟ୍ ଦଳ:** ମାନସ ପ୍ରଧାନ, ସ୍ୱାଗତ ପଟେଲ, ଅଭିନାଶ ସ୍ୱାଇଁ, ବିଭୂପ୍ରସାଦ ସେନାପତି, ସମୀର ପରାଭୋଏ, ଆୟୂଷ ସୁମନ୍ତ ଦାସ, ଦେବାଶିଷ ପଟେଲ ଓ ପ୍ରୋମଜିତ୍ ବେଶରା।

# ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ଉଦ୍‌ଘାଟିତ

ଭୁବନେଶ୍ୱର,୫।୯ (ସମିସ)

### ୮୦ ହଜାର ଟଙ୍କା ପୁରସ୍କାର, ଦେଢ଼ ଲକ୍ଷ ଟଙ୍କାର ସପ୍ଲିମେଣ୍ଟ




ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶୁକ୍ରବାର ଆରମ୍ଭ ହୋଇଛି। ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ୮୦ ହଜାର ଟଙ୍କାର ପୁରସ୍କାର, ଦେଢ଼ ଲକ୍ଷ ଟଙ୍କାର ଫୁଡ୍ ସପ୍ଲିମେଣ୍ଟ ଓ ଆପାରେଲ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସମଗ୍ର ରାଜ୍ୟରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ୫୩ କିଗ୍ରା ସବ୍‌ଜୁନିଅରରେ ଦାସ ଫିଟନେସର ବେଦାନ୍ତ ସାହୁ ପ୍ରଥମ ହୋଇଛନ୍ତି। ୫୯ କିଗ୍ରା ଜୁନିଅରରେ ଫିଟନେସ ବକ୍ସର ସନ୍ତୋଷ ସ୍ୱାଇଁ, ସବ୍‌ଜୁନିଅରରେ ମହାବୀର ଫିଟ୍‌ନେସର ଶକ୍ତିରଞ୍ଜନ ସାହୁ ଓ ପୁରୁଷ ବିଭାଗରେ ଫିଟ୍‌ନେସ ମନ୍ତ୍ରାର ପି ଶ୍ରୀନିବାସ ଟାଇଟଲ ଜିତିଛନ୍ତି। ୬୬ କିଗ୍ରା ଜୁନିଅରରେ ୟୁକେଏସ୍ ଜିମ୍‌ର ସୌମେନ ସେନାପତି, ସିନିଅରରେ ଏଚ୍‌ପିଏନ୍ ଜିମ୍‌ର ସୂର୍ଯ୍ୟକାନ୍ତ ପ୍ରଧାନ ଓ ସବ୍‌ଜୁନିଅରରେ ଷ୍ଟାର୍କ ଜିମ୍‌ର ଧୀରେନ୍ଦ୍ର ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଜାତୀୟ ଏରୋବିକ୍ ଜିମ୍ନାଷ୍ଟିକରେ ଓଡ଼ିଶାରୁ ୬




ଭୁବନେଶ୍ୱର, ୫।୯ (ସମିସ): ଜାତୀୟ ଏରୋବିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ସେପ୍ଟେମ୍ବର ୮ରୁ କେରଳରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ୬ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଦଳରେ ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ରଶ୍ମୀରେଖା ସାହୁ, ରତିକାନ୍ତ ପ୍ରଧାନ ଓ ବିଘ୍ନେଶା ଦାସ ସ୍ଥାନ ପାଇଛନ୍ତି। ଅନ୍ୟ ୩ଜଣ ଖେଳାଳି ହେଲେ ଅନିଲ ପରିଡ଼ା, ନୀତୀଶ ମିଶ୍ର ଓ ସାଏଦ୍ ଆଫ୍ରିଦୀ ଅଲି। ରାଜ୍ୟ ଦଳ ଚୟନ ଲାଗି ଅଗଷ୍ଟ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ସ୍କୁଲଠାରେ ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ଜିମ୍ନାଷ୍ଟିକ ସଂଘର ସମ୍ପାଦକ ଅଶୋକ ସାହୁ, ଭୁବନେଶ୍ୱର ସଂଘର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, ସଦସ୍ୟ ଯଶୋବନ୍ତ ଦାସ ରାଜ୍ୟ ଦଳର ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS